ଆଜି ତୃତୀୟ ଦିନିକିଆ : ଶୃଙ୍ଖଳା ବିଜୟ ଲକ୍ଷ୍ୟରେ ଗିଲ୍ ବାହିନୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

E-mail : sambadkalikanews@gmail.com

ବିର୍ଜଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଅଙ୍କ ୦୦.୬ : ୮ଟି ପୃଷ୍ଠା

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୭୯ ● ୧୦ ନଭେମ୍ବର ୨୦୨୬ ମଙ ଳବାର ● ଭୁବନେଶ୍ୱର ● Vol -33 ● Issue-279 ● 10th November 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

୧୩ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

ଛାତ୍ରଛାତ୍ରୀଙ୍କ ସଶକ୍ତିକରଣ ପାଇଁ ଓଡ଼ିଶା ଶିକ୍ଷାନେଟ୍ ଫ୍ଲାଗସିପ୍ ଯୋଜନାକୁ ଅନୁମୋଦନ

ଭୁବନେଶ୍ୱର, ୯ ।୧୧
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ରାତିରେ ଲୋକସେବା ଭବନଠାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରିପରିଷଦ ଓ ପରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ୧୦ଟି ବିଭାଗର ମୋଟ ୧୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ମନ୍ତ୍ରିପରିଷଦ ବୈଠକରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ଚିଠା ବଜେଟକୁ ଅନୁମୋଦନ ମିଳିଥିବା ବେଳେ କ୍ୟାବିନେଟ୍ ବୈଠକରେ ମୋଟ ୧୩ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି । ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଡିଜିଟାଲସ୍ତରରେ ସଶକ୍ତିକରଣ କରିବା ଓ ଗ୍ରାମାଞ୍ଚଳ ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଡିଜିଟାଲ୍ ବିଭାଜନକୁ ଦୂର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଫ୍ଲାଗସିପ୍ ଯୋଜନା 'ଓଡ଼ିଶା ଶିକ୍ଷାନେଟ୍'କୁ ଅନୁମୋଦନ ଦେଇଛନ୍ତି ।

୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୨୮-୨୯ ପର୍ଯ୍ୟନ୍ତ ମୋଟ୍ ୩ବର୍ଷ ଅବଧି ପାଇଁ ଏହି ଯୋଜନା ବାବଦରେ ୩୯୩.୬୨ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି



- ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ଚିଠା ବଜେଟ୍‌କୁ ମୋହର
- ଖାଦ୍ୟ ଶସ୍ୟ ସଂଗ୍ରହ ନୀତି : ୭୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ

ନୂଆ ବ୍ୟବସ୍ଥା ଅଧୀନରେ ଓଡ଼ିଶାର ୬୦୧ଟି ସରକାରୀ ଓ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟକୁ ନିଶୁଳ୍କ, ସୁରକ୍ଷିତ ତଥା ହାଇସ୍ପିଡ୍ ୱାଇଫାଇ ସଂଯୋଗୀକରଣ ଯୋଗାଇ ଦିଆଯିବ । କଲେଜ କ୍ୟାମ୍ପସ ମଧ୍ୟରେ ଅଧ୍ୟୟନରତ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ଶୈକ୍ଷିକ, ଗବେଷଣା ଓ ଦକ୍ଷତା ବିକାଶ ଉଦ୍ଦେଶ୍ୟରେ ପ୍ରତିଦିନ ୧ ଜିବି ପର୍ଯ୍ୟନ୍ତ ନିଶୁଳ୍କ ଇଣ୍ଟରନେଟ୍ ଡାଟା ଉପଭୋଗ କରିପାରିବେ । ଏହାଦ୍ୱାରା ୬ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ତଥା ଅଧ୍ୟାପକ ସିଧାସଳଖ ଉପକୃତ ହେବାସହ ଇ-ବୁକ୍, ଡିଜିଟାଲ୍ ଲାଇବ୍ରେରୀ, ଭର୍ଚୁଆଲ୍ କ୍ଲାସରୁମ୍ ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ସହଜସାଧ୍ୟ ହୋଇପାରିବ ।

ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ) ପରୀକ୍ଷାରେ ଥିବା ଆଟେମ୍ପଟ୍' କଟକଣାକୁ ହଟାଇ ଦେଇଛନ୍ତି । ଦୀର୍ଘ ବର୍ଷ ଧରି ଓଡ଼ିଶା ସିଭିଲ ସର୍ଭିସ ଚାକିରି ଆଶାୟୀ ପ୍ରାର୍ଥୀମାନେ କରିଆସୁଥିବା ଦାବି ଉପରେ ସରକାର ସହାନୁଭୂତିର ସହ ମୋହର ଲଗାଇଛନ୍ତି ।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନସ୍ଥ 'ଓଡ଼ିଶା ସିଭିଲ ସର୍ଭିସେସ୍ (ସମନ୍ୱିତ ପ୍ରତିଯୋଗିତାମୂଳକ ନିଯୁକ୍ତି ପରୀକ୍ଷା) ନିୟମାବଳୀ, ୧୯୯୧'ରେ ସଂଶୋଧନ କରାଯାଇ ଓସିଏସ୍ ପରୀକ୍ଷାରେ ଅଂଶଗ୍ରହଣ ଲାଗି ଥିବା ଆଟେମ୍ପ୍ଟ ବା 'ପ୍ରୟାସ ସଂଖ୍ୟା' କଟକଣାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି । ଏହି ନିଷ୍ପତ୍ତି ଫଳରେ ନିର୍ଦ୍ଧାରିତ ବୟସ ଓ ଅନ୍ୟାନ୍ୟ *(ପୃଷ୍ଠା ୭ରେ)*

ଭାରତର ମାନବକୈନ୍ଦ୍ରିକ ଆଭିମୁଖ୍ୟ ଜେଲେନସ୍କିଙ୍କ ସହ ମୋଦୀଙ୍କ ଆଲୋଚନା

ନୂଆଦିଲ୍ଲୀ, ୯ ।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ଫୋନରେ କଥା ହୋଇଛନ୍ତି । ଏହି ଆଲୋଚନା ସମୟରେ ରାଷ୍ଟ୍ରପତି ଜେଲେନସ୍କି ୟୁକ୍ରେନରେ ଜାରି ରହିଥିବା ଯୁଦ୍ଧର ସାମ୍ପ୍ରତିକ ଘଟଣାକ୍ରମ ସମ୍ପର୍କରେ ନିଜର ମତ ରଖିଥିଲେ । ଏହି ପ୍ରସଙ୍ଗରେ ଭାରତର ମାନବକୈନ୍ଦ୍ରିକ ଆଭିମୁଖ୍ୟକୁ ଦୋହରାଇ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଆଲୋଚନା ଓ କୂଟନୀତି ମାଧ୍ୟମରେ ହିଁ ଏହି ସମସ୍ୟାର ସମାଧାନ ସମ୍ଭବ ।



ଶାନ୍ତି ପ୍ରତିଷ୍ଠା ଉଦ୍ୟମରେ ଭାରତ ସମସ୍ତ ପ୍ରକାର ସମ୍ଭାବ୍ୟ ସହଯୋଗ ଯୋଗାଇଦେବାକୁ ପ୍ରସ୍ତୁତ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ନିଜର ସଂକଳ୍ପ ପ୍ରକାଶ କରିଥିଲେ । ଏହା ବ୍ୟତୀତ ଉଭୟ ନେତା ନିଜ ନିଜ ଦେଶ ମଧ୍ୟରେ ପାରସ୍ପରିକ ସହଯୋଗକୁ ଆହୁରି ସୁଦୃଢ଼ କରିବା ନେଇ ମଧ୍ୟ ଆଲୋଚନା କରିଥିଲେ ।

୧୬ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର, ୯ ।୧୧
ନ୍ୟୁଜ୍ ବ୍ୟୁରୋ

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଆସନ୍ତା ୧୬ ତାରିଖରେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ସେ ଓଡ଼ିଶା ବିଧାନସଭାର ବିଧାୟକମାନଙ୍କ ପାଇଁ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେବେ । ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ଏକ ଦିବସୀୟ କାର୍ଯ୍ୟକ୍ରମରେ ତିନୋଟି *(ପୃଷ୍ଠା ୭ରେ)*

ମହିଳା ଏସିପିଙ୍କୁ ଦୁର୍ବ୍ୟବହାର : ୪ ଗିରଫ

କଟକ, ୯ ।୧୧
ନ୍ୟୁଜ୍ ବ୍ୟୁରୋ

ଦୀପାବଳି ଅବସରରେ ବାଣ ଫୁଟାକୁ ନେଇ କଟକର ନୟାସଡ଼କ ଅଞ୍ଚଳରେ ଘଟିଥିବା ଉତ୍ତେଜନା ଏବଂ ମହିଳା ଏସିପିଙ୍କୁ ଦୁର୍ବ୍ୟବହାର ଘଟଣାରେ କଟକ କମିଶନରେଟ୍ ପୁଲିସ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନଙ୍କ ବିରୋଧରେ ଲାଲବାଗ ଥାନା ପୁଲିସ ୧୩ଟି ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି । ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସର ଚଢ଼ାଉ ଜାରି ରହିଛି । ସୂଚନା ଅନୁଯାୟୀ, ଦୀପାବଳି ରାତିରେ ନୟାସଡ଼କ ଅଞ୍ଚଳରେ କିଛି ଯୁବକ ନିର୍ଦ୍ଧାରିତ ସମୟସୀମା ଅତିକ୍ରମ କରିବା ପରେ ମଧ୍ୟ ବାଣ ଫୁଟାଉଥିଲେ । ଏପରିକି ହାତରେ ବାଣ ଧରି ସାଧାରଣ ଲୋକଙ୍କ ଆଡ଼କୁ ଫିଙ୍ଗିବା ସହ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗ *(ପୃଷ୍ଠା ୭ରେ)*

46001/29/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ମଧୁବାବୁ ପେନ୍‌ସନ୍ ଯୋଜନାରେ
ରାଜ୍ୟର ୫,୦୫,୮୧୭ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନର ଶୁଭାରମ୍ଭ
ଓ
ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ୍ (UPMP)ର
ଶୁଭ ଉଦ୍‌ଘାଟନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ୍ ଉପସ୍ଥିତି

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ

ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର
ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ

ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ
ମନ୍ତ୍ରୀ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା

ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି

ଶ୍ରୀ ପ୍ରଦିପ ବଳ ସାମନ୍ତ
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

ଏବଂ
ସାଂସଦ ଓ ବିଧାୟକବୃନ୍ଦ, ବାଲେଶ୍ୱର ଜିଲ୍ଲା

୧୦ ନଭେମ୍ବର ୨୦୨୬ | ସକାଳ ୧୦:୦୦ ଘଟିକା | ରିଜର୍ଭ ପୋଲିସ୍ ପଡ଼ିଆ, ବାଲେଶ୍ୱର

ନିଃଶୁଳ୍କ ସହାୟତା ସେବା: ୧୮୦୦-୩୪୫-୬୭୭୦/ ୧୫୫୩୩୫

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR : 46001/46001/2/26-27/0010

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର ୧୦ ନଭେମ୍ବର ୨୦୨୬ ମଙ୍ଗଳବାର



ସାଧୁତା ଓ ସ୍ୱଚ୍ଛତା ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଦୁର୍ନୀତିମୁକ୍ତ ସମାଜ ଗଠନ ସହ ସାଧୁତା, ସ୍ୱଚ୍ଛତା ଓ ନୈତିକତାର ମୂଲ୍ୟବୋଧକୁ ଜନସାଧାରଣଙ୍କ ମଧ୍ୟରେ ପ୍ରସାର କରିବା ଲକ୍ଷ୍ୟରେ ବୌଦ୍ଧରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ବୌଦ୍ଧ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏକ ସଚେତନତା ପଦଯାତ୍ରା ଆଜି ଆୟୋଜିତ ହୋଇଥିଲା। ବୌଦ୍ଧ ଦୁର୍ନୀତି ନିବାରଣ ବିଭାଗ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ସହରର ବିଭିନ୍ନ ଛକ ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ, ଛାତ୍ରଛାତ୍ରୀ, ସିଆରପି, ଏମବିକେ ଏବଂ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସାମିଲ ହୋଇ ଦୁର୍ନୀତି ବିରୋଧରେ ସଚେତନତାର ବାର୍ତ୍ତା ପ୍ରଚାର କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ଦୁର୍ନୀତି ନିବାରଣ କାର୍ଯ୍ୟାଳୟର ଉପ ଆରକ୍ଷୀ ଅଧୀକ୍ଷକ ସୁରେଶ କହଁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଓ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଯୋଗଦେଇଥିଲେ। ଚଳିତ ବର୍ଷର ବାର୍ତ୍ତା 'ସାଧୁତାରୁ ସମୃଦ୍ଧି' ଉପରେ ଆଲୋକପାତ କରି ଅତିଥିମାନେ କହିଥିଲେ ଯେ, ଦୁର୍ନୀତି କେବଳ ପ୍ରଶାସନିକ ବ୍ୟବସ୍ଥାକୁ ଦୁର୍ବଳ କରେ ନାହିଁ, ବରଂ ସମାଜର ବିକାଶ ଓ ଜନସାଧାରଣଙ୍କ ବିଶ୍ୱାସକୁ ମଧ୍ୟ କ୍ଷତିଗ୍ରସ୍ତ କରେ। ଏହାର ନିରାକରଣ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ମାନସିକତାରେ ସାଧୁତା ଓ ସ୍ୱଚ୍ଛତାର ଭାବନା ଆଣିବାସହ ଦୁର୍ନୀତି ବିରୋଧରେ ଦୃଢ଼ ମନୋଭାବ ପୋଷଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଧାନ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ଓ ଅଂଶଗ୍ରହଣକାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ରିଲିଫ୍ ଆର୍ଟ ଜରିଆରେ ଉଦାହରଣ ସୃଷ୍ଟି କଲେ ଯୁବ ପ୍ରତିଭା ରାକେଶ

ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ଇଚ୍ଛାଶକ୍ତି ଓ ଦୃଢ଼ ଆତ୍ମବିଶ୍ୱାସ ଆଗରେ ବଡ଼ ବଡ଼ ପ୍ରତିବନ୍ଧକ ମଧ୍ୟ ହାର ମାନିଥାଏ। ଯଦି ମନରେ ଦୃଢ଼ ସଂକଳ୍ପ ଥାଏ, ତେବେ କୌଣସି ବାହ୍ୟ ପ୍ରଶିକ୍ଷଣ କିମ୍ବା ଗୁରୁଙ୍କ ବିନା ମଧ୍ୟ ଜଣେ ବ୍ୟକ୍ତି ନିଜ ପ୍ରତିଭା ବଳରେ ସଫଳତାର ଶୀର୍ଷରେ ପହଞ୍ଚିପାରେ। ଏହାର ଏକ ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ପଞ୍ଚାୟତର ଗୁରୁଚାନ୍ଦ ମାର୍ଗ ସାହିର ଯୁବ ପ୍ରତିଭା ରାକେଶ ବିଶ୍ୱାସ।

କୌଣସି ପ୍ରକାର ବାହ୍ୟ ପ୍ରଶିକ୍ଷଣ କିମ୍ବା ୟୁଟ୍ୟୁବ୍ ଭିଡିଓର ସହାୟତା ନ ନେଇ, ସମ୍ପୂର୍ଣ୍ଣ ନିଜସ୍ୱ ପ୍ରଚେଷ୍ଟାରେ ସେ ଆଜି ଜଣେ ସଫଳ 'ରିଲିଫ୍ ଆର୍ଟିଷ୍ଟ'ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ସାଧାରଣ ଚାଷୀ ପରିବାରରୁ ସଂଘର୍ଷର କାହାଣୀ ପ୍ରାପ୍ତ ସୂଚନା ଅନୁଯାୟୀ, ବଡ଼କୁମାରୀ ଗ୍ରାମର ନିଖିଲ ବିଶ୍ୱାସ ଓ ମିନା ବିଶ୍ୱାସଙ୍କ ପରିବାରରେ ସ୍ୱାମୀ, ସ୍ତ୍ରୀ, ଜଣେ ଝିଅ ଓ ପୁଅକୁ ନେଇ ଏକ ହସଖୁସିର ସଂସାର। ପେସାରେ ଜଣେ ଚାଷୀ ଥିବା ନିଖିଲ ବିଶ୍ୱାସଙ୍କୁ ଘର କାମ ଏବଂ କୃଷି କାର୍ଯ୍ୟରେ ତାଙ୍କ ସାନପୁଅ ରାକେଶ ବିଶ୍ୱାସ ସହଯୋଗ କରିଥାନ୍ତି। ଝିଅର ବିବାହ ପରେ ରାକେଶ ନିଜର ପାଠପଢ଼ା ଜାରି ରଖିଥିଲେ। ୨୫ ବର୍ଷ ବୟସ୍କ ରାକେଶ ଯୁକ୍ତ ତିନି ଓ ପରେ ବି.ଏଡ୍. ଶିକ୍ଷା ସମାପ୍ତ କରିବା ପରେ ଚିତ୍ରାଙ୍କନ ପ୍ରତି ଅଧିକ ଧ୍ୟାନ ଦେଇଥିଲେ। ବାପାଙ୍କୁ କୃଷି କାର୍ଯ୍ୟରେ ସାହାଯ୍ୟ କରିବା ସହ ଅବଶ୍ୟକ ସମୟରେ ସେ ଚିତ୍ରାଙ୍କନ କରି ନିଜର ନିଶାକୁ ବଞ୍ଚାଇ ରଖିଥିଲେ। ଗତ ୬ ମାସ ହେବ ସେ ପୂର୍ଣ୍ଣମାତ୍ରାରେ 'ରିଲିଫ୍ ଆର୍ଟ' କ୍ଷେତ୍ରରେ ନିଜକୁ ନିୟୋଜିତ କରିଛନ୍ତି।



କୌଣସି ତାଲିମ ବିନା ସଫଳତା ବିଶେଷ କଥା ହେଉଛି, ଏହି ସୁନ୍ଦର କାରୁକାର୍ଯ୍ୟ ଶିଖିବା ପାଇଁ ସେ କାହାରିଠାରୁ କୌଣସି ଆନୁଷ୍ଠାନିକ ତାଲିମ ନେଇନାହାନ୍ତି କି ଇଣ୍ଟରନେଟ୍ ବା ୟୁଟ୍ୟୁବ୍‌ର ସାହାଯ୍ୟ ନେଇନାହାନ୍ତି। କେବଳ ନିଜର ମୌଳିକ ଚିନ୍ତାଧାରା ଓ ସୃଜନଶୀଳତାକୁ ପୁଞ୍ଜି କରି ସେ ଏହି କଳାକୁ ଆପଣାଇଛନ୍ତି।

ବର୍ତ୍ତମାନ ସେ ନିଜ ଘରେ ରହି ହିଁ ଏହି କାମ କରି ମାସିକ ୧୮ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ତାଙ୍କ ହାତତିଆରି ଏହି ମନୋମୁଗ୍ଧକର କଳାକୃତିଗୁଡ଼ିକ ପାଇଁ କେବଳ ନିଜ ଜିଲ୍ଲା ନୁହେଁ, ବରଂ ବିଭିନ୍ନ ପଡ଼ୋଶୀ ରାଜ୍ୟରୁ ମଧ୍ୟ ଚାହିଦା ବଢ଼ିବାରେ ଲାଗିଛି ଏବଂ ଭଲ ଅର୍ଡର ଆସୁଛି ବୋଲି ରାକେଶ ପ୍ରକାଶ କରିଛନ୍ତି। ଏହି କାମ ପାଇଁ ଆବଶ୍ୟକୀୟ ସମସ୍ତ ସାମଗ୍ରୀ ଭୁବନେଶ୍ୱରରୁ ଅଣାଯାଇ ଏହି ସୁନ୍ଦର କଳାକୃତି ପ୍ରସ୍ତୁତ କରାଯାଉଛି। ଯୁବପିଢ଼ିଙ୍କ ପାଇଁ ପ୍ରେରଣା ଭବିଷ୍ୟତରେ ଉମରକୋଟ ଅଞ୍ଚଳର ଆଗ୍ରହୀ ଯୁବକଯୁବତୀମାନଙ୍କୁ ଏହି କାରୁକାର୍ଯ୍ୟର ଅନଲାଇନ୍ ତଥା ପ୍ରତ୍ୟକ୍ଷ ଶିକ୍ଷା ପ୍ରଦାନ କରିବା ପାଇଁ ରାକେଶ ଗଭୀର ଆଗ୍ରହ ପ୍ରକାଶ କରିଛନ୍ତି। ଜଣେ ସାଧାରଣ ଚାଷୀ ପରିବାରର ପୁଅ ହୋଇ ମଧ୍ୟ ନିଜର ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ବଳରେ ରାକେଶ ଯେପରି ସ୍ୱାବଲମ୍ବୀ ହୋଇପାରିଛନ୍ତି, ତାହା ଆଜିର ବେକାର ଯୁବପିଢ଼ି ପାଇଁ ଏକ ପ୍ରକୃତ ପ୍ରେରଣାର ସ୍ରୋତ ପାଲଟିଛି।

'ଚାଲ କଥା ହେବା' କାର୍ଯ୍ୟକ୍ରମର ଚତୁର୍ଥ ଅର୍ଘ୍ୟ



ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଓ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ପରିଚାଳିତ 'ଚାଲ କଥା ହେବା' କାର୍ଯ୍ୟକ୍ରମର ଚତୁର୍ଥ ଅର୍ଘ୍ୟରେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଦର୍ଶନଶାସ୍ତ୍ରର ପ୍ରାଧ୍ୟାପିକା ତଥା ପରୀକ୍ଷା ନିୟନ୍ତ୍ରିକା ଡଃ ନର୍ମଦା ପରିଡ଼ା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି। ଛାତ୍ରଛାତ୍ରୀ ମାନଙ୍କ ସହିତ ନିଜ ଅଭିଜ୍ଞତା ମାଧ୍ୟମରେ ଜୀବନର ଆଭିମୁଖ୍ୟକୁ ସହଜ ଭାବରେ ଉପସ୍ଥାପନ କରିବାର ଲକ୍ଷ୍ୟରେ ଉଦ୍ଦିଷ୍ଟ ଏହି ମାସିକ କର୍ମଶାଳାରେ ଡଃ ପରିଡ଼ା ନିଜ ଜୀବନର ପ୍ରତିକୂଳ ପରିସ୍ଥିତିକୁ କିପରି ସମର୍ପିତ ପ୍ରୟାସ ଦ୍ୱାରା ଅତିକ୍ରମ କରି ସଫଳତାର ଶୀର୍ଷରେ ପହଞ୍ଚିବାକୁ ସଫଳ ହୋଇଛନ୍ତି ତାହା ବର୍ଣ୍ଣନା କରିବା ସହିତ ଜୀବନରେ ଆଗକୁ ବଢ଼ିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ପ୍ରଦାନ କରିଛନ୍ତି। ଜିଲ୍ଲା ପ୍ରଶାସନ ଅନୁମତି କ୍ରମେ ପୁରାତନ ଛାତ୍ର ସଂସଦ ଦ୍ୱାରା ଆୟୋଜିତ ପ୍ରତି ମାସର ଶେଷ କାର୍ଯ୍ୟ ଦିବସରେ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ମଧ୍ୟରୁ ଜଣେ ସଫଳ ବ୍ୟକ୍ତିତ୍ୱ ବିଦ୍ୟାଳୟ ପରିଦର୍ଶନ କରି ନିଜର ଅନୁଭୂତି ବାଣ୍ଟିବା ସହିତ ପିଲାମାନଙ୍କର ସମ୍ପୂର୍ଣ୍ଣ ବୌଦ୍ଧିକ ବିକାଶ ପାଇଁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ପାଇଁ ମୌଖିକ ପ୍ରତିଯୋଗିତା, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଇଂରାଜୀ ଜ୍ଞାନ ବୃଦ୍ଧି ପାଇଁ 'ରାପୀଡେକ୍ସ ଇଂଲିସ ସ୍ପିକିଂ କୋର୍ସ' ପୁସ୍ତକ ଯୋଗାଇ ଦିଆଯାଇଛି। ଅର୍ଜୁନ ଚରଣ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଗିରିଧାରୀ ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ ତଥା ପୂର୍ବତନ ଛାତ୍ର ସନ୍ତୋଷ କୁମାର ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାନ୍ତି, ପୂର୍ବତନ ଛାତ୍ର ନିରଞ୍ଜନ ମହାନ୍ତି, ନିରଞ୍ଜନ ସ୍ୱାଇଁ, ପଦ୍ମ ଚରଣ ରାଉତ, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ ତଥା କାର୍ଯ୍ୟକ୍ରମର ସଂଯୋଜକ ବିକ୍ରମ କିଶୋର ମହାନ୍ତି ପରିଚାଳନା କରିଥିଲେ। ସମାପ୍ତି ସାହୁ, ସୁଶାନ୍ତ କୁମାର ଦାସ ତଥା ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

ତୁଳସୀ ମହିଳା ମହାବିଦ୍ୟାଳୟରେ ଶପଥପାଠ ଉତ୍ସବ

କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପାଇଁ ରାଷ୍ଟ୍ରୀୟ ଏକତା ଦିବସ ଓ ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଏକ ଶପଥପାଠ ଉତ୍ସବ ଅଧକ୍ଷା ଡକ୍ଟର ବାସନ୍ତି ଶୁକ୍ଲାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶପଥପାଠରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକା, ଛାତ୍ରୀ ପ୍ରମୁଖ ଯୋଗଦେଇ ଶପଥପାଠରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ତପନ କୁମାର ଦାସ, ସହଯୋଗୀ ପ୍ରଶାସନିକ ଅଧିକାରୀ ପ୍ରଫେସର ବ୍ରହ୍ମାନନ୍ଦ ସେଠୀ ଉପସ୍ଥିତ ଥିଲେ।

ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ପରିଷଦର ପୂର୍ବତନ ସଭାପତି ନଟବର ବାରିକଙ୍କ ପୌରହିତ୍ୟରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ଓ ଭାରତ ବର୍ଷର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ ହୋଇଯାଇଛି।

ଏହି ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ମାନସ କୁମାର ରଥ, ଅମ୍ବିକା ମହାନ୍ତି, ସରୋଜ କୁମାର ନାୟକ, ଅଦ୍ୱୈତ କୁମାର ଜେନା, ସୁଦର୍ଶନ



ବେହେରା, ଅବନୀକାନ୍ତ ମହାରଣା, ସରୋଜ କୁମାର ମହାପାତ୍ର, ଜ୍ଞାନ ରଞ୍ଜନ ଜେନା, ଦୀପକ ପାଲ, ନିର୍ମଳାନନ୍ଦ ଦାସ, ନୀରଞ୍ଜନ ବେହେରା, ଶଙ୍କରେଶ୍ୱର ଦାସ ପ୍ରମୁଖ ଯୋଗ ଦେଇ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

ନଭେମ୍ବରରେ କେନ୍ଦୁଝର ଜିଲ୍ଲାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ତତ୍ପର କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ନଭେମ୍ବର ମାସ ପାଇଁ 'ଯୁଗ୍ମ ଅଭିଯୋଗ ଶୁଣାଣି' କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଓଡ଼ିଶା ସରକାରଙ୍କ ଜନ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଧାସଳଖ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ଏହି ଶୁଣାଣି ସୋମବାରଗୁଡ଼ିକରେ ସକାଳ ୧୦:୦୦ ଟାରୁ ଅପରାହ୍ନ ୧:୦୦ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବବୋଲି ଜଣାପଡିଛି। ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଏହିପରି: ୦୨ ନଭେମ୍ବର ୨୦୨୬ (ସୋମବାର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , କେନ୍ଦୁଝର। ୯ ନଭେମ୍ବର ୨୦୨୬ (ସୋମବାର):ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହାଟଡିହି। ୧୬ ନଭେମ୍ବର ୨୦୨୬ (ସୋମବାର): ପଞ୍ଚାୟତ ସମିତି କାର୍ଯ୍ୟାଳୟ,ବାଂଶପାଳ। ୨୩ ନଭେମ୍ବର ୨୦୨୬ (ସୋମବାର):ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଚମ୍ପୁଆ। ୩୦ ନଭେମ୍ବର ୨୦୨୬ (ସୋମବାର):ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଘଟଗାଁ। ଜନସାଧାରଣଙ୍କ ସୁବିଧା ପାଇଁ ଏହି ଶିବିରଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷ ଭାବେ ଅସୁସ୍ଥ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବସିବା ସହ ପାନୀୟ ଜଳର ସମସ୍ତ ସୁବିଧା ଯୋଗାଇ ଦେବାକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ, ଶିବିରରେ ଗ୍ରହଣ କରାଯାଉଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ ସୂତ୍ରରେ ପକାଇବା ପାଇଁ ଏହାକୁ ସରକାରୀ 'ଜନ ଶୁଣାଣି ପୋର୍ଟାଲ'ରେ ପଞ୍ଜିକରଣ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଞ୍ଚଳବାସୀଙ୍କୁ ନିଜ ନିଜର ଅଭିଯୋଗ ନେଇ ଏହି ଶିବିରରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି।

ନବସୃଜନ ମାଧ୍ୟମରେ ଜନସେବା କ୍ଷେତ୍ରରେ ସୃଷ୍ଟି ହେବ ନୂଆ ସମ୍ଭାବନା

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ନବସୃଜନ ଓ ଉଦ୍ୟୋଗିକତାକୁ ଅଧିକ ପ୍ରୋତ୍ସାହନ ଦେବା ସହ ଜନସେବା କ୍ଷେତ୍ରର ବିଭିନ୍ନ ସମସ୍ୟାର ନୂତନ ସମାଧାନ ଖୋଜିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଓ ଷ୍ଟାର୍ଟଅପ୍ ଓଡ଼ିଶାର ମିଳିତ ଉଦ୍ୟମରେ 'ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ' ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ, ଯୁବ ଉଦ୍ୟୋଗୀ, ଷ୍ଟାର୍ଟଅପ୍ ଏବଂ ତୃଣମୂଳସ୍ତରର ନବସୃଜନକାରୀ ମାନଙ୍କୁ ସମାଜରେ ରହିଥିବା ବିଭିନ୍ନ ସମସ୍ୟା ଚିହ୍ନଟ କରି ତାହାର ନୂତନ, ବ୍ୟବହାରିକ ଓ ସ୍ଥାୟୀ ସମାଧାନ ପ୍ରସ୍ତୁତ କରିବା ପାଇଁ ସୁଯୋଗ ଦିଆଯାଉଛି। ଏହାଦ୍ୱାରା ଯୁବପିଢ଼ିଙ୍କ ସୃଜନଶୀଳ ଚିନ୍ତାଧାରାକୁ ଜନକଲ୍ୟାଣମୂଳକ କାର୍ଯ୍ୟରେ ଉପଯୋଗ କରିବା ସହ ନୂତନ ଉଦ୍ଭାବନକୁ ବାସ୍ତବ ରୂପ ଦେବା ଲକ୍ଷ୍ୟ ରଖାଯାଇଛି। ଏହି ଆହ୍ୱାନରେ ମନୋନୀତ ଶ୍ରେଷ୍ଠ ପ୍ରସ୍ତାବଗୁଡ଼ିକୁ ନଗଦ ପୁରସ୍କାର, ବିଶେଷଜ୍ଞଙ୍କ ମାର୍ଗଦର୍ଶନ ସହ ପ୍ରୋଟୋଟାଇପ୍ ନିର୍ମାଣ ନିମନ୍ତେ ବୈଷୟିକ ଓ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ। ଏହି ଅଭିଯାନରେ ପ୍ରାୟ ୨୦୦ ଜଣ ମହିଳା, ଯୁବବର୍ଗ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଅଜୟ କୁମାର ମହାନ୍ତ, ଦକ୍ଷତା ବିକାଶ ବିଭାଗର ଉପନିର୍ଦ୍ଦେଶକ ଗଣେଶ୍ୱର ନାଏକ, ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ହୀରାଲାଲ ମହାମଲିକ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ପବିତ୍ର ମୋହନ ବାରା, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସମିଧା ପାତ୍ରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଉପସ୍ଥିତ ଥିଲେ।

କେନ୍ଦୁଝରରେ 'ଏକତା ପଦଯାତ୍ରା'

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ଭାରତର ଲୌହମାନବ ତଥା ମହାନ ଜାତୀୟ ନେତା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ କେନ୍ଦୁଝର ଜିଲ୍ଲାରେ ରାଷ୍ଟ୍ରୀୟ ଏକତା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଥିବାବେଳେ ଦେଶର ଏକତା ଓ ଅଖଣ୍ଡତା ରକ୍ଷା ଦିଗରେ ସର୍ଦ୍ଦାର ପଟେଲଙ୍କ ଅବିସ୍ମରଣୀୟ ଅବଦାନକୁ ଏହି ଅବସରରେ ସ୍ମରଣ କରାଯାଇଥିବାର ଜଣାପଡିଛି ।

ଏହି ଅବସରରେ ଜାତୀୟ ଏକତା, ଅଖଣ୍ଡତା ଓ ସଂହତିର ବାର୍ତ୍ତା ପ୍ରସାର ନିମନ୍ତେ କେନ୍ଦୁଝରଠାରେ ଏକତା ପଦଯାତ୍ରା ଆୟୋଜିତ ହୋଇଥିଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପଦଯାତ୍ରାରେ ଶତାଧିକ ଅଂଶଗ୍ରହଣକାରୀ ସାମିଲ ହୋଇ ଜାତୀୟ ଏକତା ଓ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପଦଯାତ୍ରାର ଶୁଭାରମ୍ଭ କରିବା ସହ ଅଂଶଗ୍ରହଣକାରୀମାନଙ୍କୁ ଜାତୀୟ ଏକତା, ଭାଇଚାରା ଓ ସାମାଜିକ ସଦ୍‌ଭାବନା ବଜାୟ ରଖିବାକୁ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, ସହକାରୀ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ସମସ୍ତଙ୍କ ସହଯୋଗରେ ଦୁର୍ନୀତି ମୁକ୍ତ ସମାଜ ଗଠନ ସମ୍ଭବ



ରାଉରକେଲା , ନ୍ୟୁଜ୍ ବ୍ୟୁରୋ

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ରାଉରକେଲା ମିଳିତ ସହଯୋଗରେ ସ୍ଥାନୀୟ ଆଇଟିଡିଏ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପମହାନିରୀକ୍ଷକ ବ୍ରିଜେଶ ରାଏ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଚଳିତ ବର୍ଷ ଏହି ଦୁର୍ନୀତି ନିବାରଣ ସପ୍ତାହ ପାଳନର ଶୀର୍ଷକ ହେଉଛି 'ସାଧୁତାରୁ ସମୃଦ୍ଧି'। ସମସ୍ତଙ୍କ ମିଳିତ ସହଯୋଗରେ ଦୁର୍ନୀତି ମୁକ୍ତ ସମାଜ ଗଠନ କରା ଯାଇପାରିବ । ଯୁବ ପିଢି ମାନେ ଏହା ପାଇଁ ଆଗେଇ ଆସନ୍ତୁ । ଦୁର୍ନୀତି ନିବାରଣ କଲେ ହିଁ ସମାଜର ତଥା ଦେଶର ପ୍ରଗତି ସୁନିଶ୍ଚିତ ହେବ। ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର କହିଥିଲେ ଯେ ଦୁର୍ନୀତି ମୁକ୍ତ ସମାଜ କେବଳ ଆଇନ ଦ୍ୱାରା ନୁହେଁ ବରଂ ପ୍ରତ୍ୟେକ ବ୍ୟକ୍ତି ର ସଚ୍ଚୋଟତା ଓ ନୈତିକ ଆଚରଣ ଦ୍ୱାରା ଗଠିତ ହୋଇଥାଏ। ମୁଖ୍ୟ ବକ୍ତାଭାବରେ ଯୋଗଦାନ କରି ଇସ୍ପାତ ମହାବିଦ୍ୟାଳୟ ଅଧ୍ୟାପକ ଆଲୋକ କୁମାର ନାୟକ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ପ୍ରତ୍ୟେକ ବ୍ୟକ୍ତି ଦୁର୍ନୀତି ଠାରୁ ନିବୃତ ରହିବା ସହିତ ସାଧୁତାର ସହିତ ସମସ୍ତେ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ କହିଥିଲେ। ସମସ୍ତଙ୍କୁ ନିଜ ମାନସିକତାରେ ପରିବର୍ତ୍ତନ କରିବାକୁ ଆହ୍ୱାନ କରିଥିଲେ।

ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ମହୋତ୍ସବ ଅନ୍ତର୍ଗତ ବିଭିନ୍ନ ପ୍ରତିଯୋଗିତା ନଭେମ୍ବର ୫ ଓ ୬ ତାରିଖରେ ଅନୁଷ୍ଠିତ ହେବ। ନଭେମ୍ବର ୫ ତାରିଖରେ ସଂସ୍କୃତି ଭବନଠାରେ ୧୦ ମିନିଟ୍‌ର ନୁକ୍କଡ଼ ନାଟକ ପ୍ରତିଯୋଗିତା, ଜିଲ୍ଲା ପାଠାଗାରଠାରେ ୬ ଘଣ୍ଟିଆ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ୧ ଘଣ୍ଟା ୩୦ ମିନିଟ୍ ସମୟର ସୋନପୁର ମହାବିଦ୍ୟାଳୟଠାରେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ କବିତା ଲିଖନ ପ୍ରତିଯୋଗିତା ହେବ। ସେହିପରି ନଭେମ୍ବର ୬ ତାରିଖରେ ସଂସ୍କୃତି ଭବନଠାରେ ୮ ମିନିଟ୍ ଲେଖାଏଁ ଲୋକନୃତ୍ୟ ଓ ଲୋକଗୀତ ପ୍ରତିଯୋଗିତା ଆୟୋଜିତ ହେବ। ଏହାବ୍ୟତୀତ ରଚନା ପ୍ରତିଯୋଗିତା ପିପିଟି ଉପସ୍ଥାପନା ଯୋଗେ ଏକ ଅତିରିକ୍ତ ଦିନ ରଖାଯାଇଛି । ସମ୍ଭାବ୍ୟ ଭାବେ ନଭେମ୍ବର ୧୩ ତାରିଖରେ ଏହା ଅନୁଷ୍ଠିତ ହେବ, ଯାହାର ଚୂଡ଼ାନ୍ତ ତାରିଖ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ। ମାଇ ଭାରତ ପୋର୍ଟାଲରେ ପଞ୍ଜୀକୃତ ୧୫ରୁ ୨୯ ବର୍ଷ ବୟସର ଯୁବକଯୁବତୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ। ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ପ୍ରତିଯୋଗୀଙ୍କ ବୟସ ନିର୍ଦ୍ଧାରିତ ସୀମା ମଧ୍ୟରେ ଥିବା ଆବଶ୍ୟକ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଜଗତସିଂହପୁର ରେ କାର୍ଯ୍ୟରତ କର୍ମଚାରୀ ପରିକ୍ଷୀତ ପଟ୍ଟନାୟକଙ୍କ ଅବସର ଗ୍ରହଣ ଉପଲକ୍ଷେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆୟୋଜିତ ହୋଇଥିଲା। ୧୯୯୦ମସିହାରୁ ଶ୍ରୀ ପଟ୍ଟନାୟକ ଅବିଭକ୍ତ କଟକ ଜିଲ୍ଲା ଅଧୀନସ୍ଥ ଉପଖଣ୍ଡ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ, ଜଗତସିଂହପୁର ରେ କାର୍ଯ୍ୟରତ ଥିଲେ। ପରେ ଜିଲ୍ଲା ଗଠନ ହେବା ପରେ ୧୯୯୪ ମସିହାରୁ ସେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟର ଜଣେ କର୍ତ୍ତବ୍ୟନିଷ୍ଠ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରିଆସୁଥିଲେ। ଏହି ଅବସରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ତାଙ୍କର ଦୀର୍ଘ ବର୍ଷର ନିଷ୍ଠାପର ସେବା, କର୍ତ୍ତବ୍ୟନିଷ୍ଠା, ଦକ୍ଷତା ଓ କାର୍ଯ୍ୟ ପ୍ରତି ସମର୍ପଣ ଭାବନାକୁ ଉଚ୍ଚ ପ୍ରଶଂସା କରିଥିଲେ। ସରକାରୀ କାର୍ଯ୍ୟ ସମ୍ପାଦନରେ ତାଙ୍କର ଅବଦାନ ଓ ସହକର୍ମୀମାନଙ୍କ ପ୍ରତି ତାଙ୍କର ସହଯୋଗ ପୂର୍ଣ୍ଣ ମନୋଭାବ ସର୍ବଦା ସ୍ମରଣୀୟ ହୋଇ ରହିବ । ତାଙ୍କ ମେଳାପି ଓ ମିଷ୍ଟଭାଷୀ ସ୍ୱଭାବ ପାଇଁ ସେ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନିୟମାନୁଯାୟୀ ତାଙ୍କୁ ପ୍ରୋଭିଜିନାଲ ପେନସନ କାଗଜପତ୍ର ପ୍ରଦାନ କରିଥିଲେ। ସଭାରେ ଉପସ୍ଥିତ ସମସ୍ତେ ତାଙ୍କର ଅବସର ପରବର୍ତ୍ତୀ ଜୀବନ ସୁଖମୟ, ସୁସ୍ଥ, ଶାନ୍ତିପୂର୍ଣ୍ଣ ଓ ମଙ୍ଗଳମୟ ହେଉ ବୋଲି ସମସ୍ତେ କାମନା କରିଥିଲେ। ଓଡ଼ିଶା ସାମ୍ବାଦିକ ସଙ୍ଘ ଜଗତସିଂହପୁର ଜିଲ୍ଲା ଶାଖା ସମେତ ଅନ୍ୟ ସାମ୍ବାଦିକ ସଙ୍ଘ ପକ୍ଷରୁ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧନା କରିଥିଲେ। ଶେଷରେ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସମ୍ମାନର ସହ ବଡ଼ବଜାର ସ୍ଥିତ ସରକାରୀ ବାସ ଭବନରେ ଅଧିକାରୀ ଓ କର୍ମଚାରୀମାନେ ଛାଡ଼ି ଆସିଥିଲେ । ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ଏବଂ ବରିଷ୍ଠ ତଥା କନିଷ୍ଠ ସହାୟକ ଦିବାକର ପାତ୍ର, ଦୁର୍ଯ୍ୟୋଧନ ପରିଡ଼ା, ଶୁଭଜିତା ପୃଷ୍ଟି, ରାମକୃଷ୍ଣ ଦେବଦାଶ ଶର୍ମା, ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏଥି ସହିତ ସାମ୍ବାଦିକ ବନ୍ଧୁ ମାନେ ମଧ୍ୟ କାର୍ଯ୍ୟାଳୟକୁ ଆସି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଅବସର କାଳୀନ ସମ୍ବର୍ଦ୍ଧନା ଜଣାଇଛନ୍ତି ।



କଳାହାଣ୍ଡି: ୫ ବର୍ଷରେ ଦାରିଦ୍ର୍ୟ ୨୭.୮୧% ହ୍ରାସ: ତଥାପି ରାଜ୍ୟ ଓ ଦେଶଠୁ ଅଧିକ ଦରିଦ୍ର

ଭବାନୀପାଟଣା, ନ୍ୟୁଜ ବ୍ୟୁରୋ

ଦିନେ ଅନାହାର, ଅପପୁଷ୍ଟି ଓ ଦାଦନ ଦୁର୍ଦ୍ଦଶା ପାଇଁ କଳାହାଣ୍ଡିଜିଲ୍ଲା ଦେଶରେ ଚର୍ଚ୍ଚିତ ରହିଥିଲା। ସମୟ ସହିତ ବଦଳିଛି ଦାରିଦ୍ର୍ୟର ଚିତ୍ର। ପାଞ୍ଚ ବର୍ଷରେ ବହୁମୁଖୀ ଦାରିଦ୍ର୍ୟ ହାରରେ ୨୭.୮୧ % ହ୍ରାସ କଳାହାଣ୍ଡି ଜିଲ୍ଲା ପାଇଁ ଏକ ବଡ଼ ସଫଳତା। କିନ୍ତୁ ବିକାଶର ଏହି ଗୋଲାପି ଚିତ୍ର ପଛରେ ଏବେ ବି ରହିଛି ଦାରିଦ୍ର୍ୟତାର ଅସଲ ଦାଗ। ରାଜ୍ୟ ଓ ଜାତୀୟ ହାରଠୁ କଳାହାଣ୍ଡିର ଦାରିଦ୍ର୍ୟ ହାର ଅଧିକ ରହିବା ଏହି ବାସ୍ତବତାକୁ ପଦାରେ ପକାଇଛି। ନିତି ଆୟୋଗର ୨୦୨୩ ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ରିପୋର୍ଟ ଅନୁଯାୟୀ, ୨୦୧୫-୧୬ ମସିହାରେ କଳାହାଣ୍ଡିର ୪୭.୨୮ % ଲୋକ ଦାରିଦ୍ର୍ୟରେ ଥିଲେ। ୨୦୧୯-୨୧ ମସିହାରେ ଏହା ୧୯.୪୭%କୁ ଖସିଛି। ଅନ୍ୟପକ୍ଷରେ ଓଡ଼ିଶାରେ ଏହି ହାର ୨୯.୩୪%ରୁ ୧୫.୬୮ % ଏବଂ ଦେଶରେ ୨୪.୮୫%ରୁ ୧୪.୯୬%କୁ ହ୍ରାସ ପାଇଛି। ଦାରିଦ୍ର୍ୟ ହ୍ରାସର ଗତିରେ କଳାହାଣ୍ଡି ଆଗରେ ଥିଲେ ମଧ୍ୟ ଅବଶିଷ୍ଟ ଦାରିଦ୍ର୍ୟର ହାର



ଚିନ୍ତାଜନକ ଅଟେ। ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ କଳାହାଣ୍ଡିର ୧୯.୪୭% ଦାରିଦ୍ର୍ୟ ହାର ଏହାକୁ ମଧ୍ୟମରୁ ଉଚ୍ଚ ଦାରିଦ୍ର୍ୟ ଥିବା ଜିଲ୍ଲାମାନଙ୍କ ମଧ୍ୟରେ ରଖିଛି। ମାଲକାନଗିରି ଜିଲ୍ଲାରେ ଏହା ୪୫.୦୧%, ରାୟଗଡ଼ାରେ ୩୪.୦୩%, କୋରାପୁଟରେ ୩୩.୫୪% ଓ ନବରଙ୍ଗପୁରରେ ୩୩.୪୫% ରହିଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଆଞ୍ଚଳିକ ବିକାଶ ଅସମାନତା ଏବେ ବି ଏକ ବଡ଼ ଆହ୍ୱାନ। ନିତି ଆୟୋଗର ସୂଚକାଙ୍କ କେବଳ ଆୟ ନୁହେଁ; ପୁଷ୍ଟି, ମାତୃସ୍ୱାସ୍ଥ୍ୟ, ଶିଶୁ ମୃତ୍ୟୁ, ଶିକ୍ଷା, ପାନୀୟଜଳ, ପରିମଳ, ଆବାସ, ବିଦ୍ୟୁତ୍ ଭଳି ୧୨ଟି ମାନଦଣ୍ଡ ଉପରେ ଆଧାରିତ। ଏହି ସଫଳତାକୁ ସ୍ଥାୟୀ କରିବା ପାଇଁ ଜିଲ୍ଲାର ଥୁଆମୂଳ ରାମପୁର, ଲାଞ୍ଜିଗଡ଼, ମଦନପୁର ରାମପୁର, ଗୋଲାମୁଣ୍ଡା ସମେତ ଦୁର୍ଗମ ଅଞ୍ଚଳରେ ପୁଷ୍ଟି, ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଓ ସୁରକ୍ଷିତ ପାନୀୟଜଳକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଦାଦନ ରୋକିବାକୁ ସ୍ଥାନୀୟ ନିଯୁକ୍ତି, ଚାଷୀଙ୍କୁ ନିଶ୍ଚିତ ଆୟ ଓ ଆଦିବାସୀ ପରିବାରଙ୍କୁ ମୌଳିକ ସୁବିଧା ମିଳିଲେ ହିଁ ବିକାଶର ଲାଭ ଶେଷଧାଡ଼ିର ମଣିଷଙ୍କ ପାଖରେ ପହଞ୍ଚିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୦ ନଭେମ୍ବର ୨୦୨୬ ମଙ୍ଗଳବାର



ଧାନ ଉଠାଣ ଓ ଚାଉଳ ଜମାରେ ବିଳମ୍ବ, କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ସାଂସଦ

ବରଗଡ଼, ନ୍ୟୁଜ୍ ବ୍ୟୁରୋ



ବରଗଡ଼ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଧାନ ଉଠାଣ ଓ ମିଲର୍ସଙ୍କ ଦ୍ୱାରା କଷ୍ଟମ ମିଲ୍ଡ ରାଇସ୍ (ସିଏମ୍‌ଆର୍) ଜମାରେ ହେଉଥିବା ବିଳମ୍ବକୁ ନେଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏନେଇ ସେ ଗତ ଅକ୍ଟୋବର ୨୪ ତାରିଖରେ ଏକ ପତ୍ର ଲେଖି ଧାନ ଉଠାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ଚାଉଳ ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି। ସାଂସଦଙ୍କ ପତ୍ର ଅନୁଯାୟୀ, ଖରିଫ ବିପଣନ ଋତୁ ୨୦୨୫-୨୬ରେ ବରଗଡ଼ ଜିଲ୍ଲାର ଧାନ କ୍ରୟ ଲକ୍ଷ୍ୟ ୫୨ ଲକ୍ଷ ୩୩ ହଜାର ୪୪୨ କ୍ୱିଣ୍ଟାଲ ଥିବାବେଳେ ଅକ୍ଟୋବର ୨୨ ସୁଦ୍ଧା ମାତ୍ର ୨୪ ଲକ୍ଷ ୪୭ ହଜାର ୮୫୮ କ୍ୱିଣ୍ଟାଲ ଚାଉଳ ଜମା ହୋଇଥିଲା। ଧାନ ଉଠାଣ ପାଇଁ ଆହୁରି ୨୬ ଲକ୍ଷ ୩୦ ହଜାର ୪୧୫ କ୍ୱିଣ୍ଟାଲ ଚାଉଳ ବାକି ରହିଥିବା ବେଳେ ସିଏମ୍‌ଆର୍ ଜମାର ହାର ମାତ୍ର ୫୦.୪୨ ପ୍ରତିଶତ ରହିଥିଲା। ସେହିପରି ରାଜ୍ୟସ୍ତରରେ ୧ କୋଟି ୩୫ ଲକ୍ଷ ୧୫ ହଜାର ୭୪୦.୯୦ କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିବାବେଳେ ୯୧ ଲକ୍ଷ ୮୪ ହଜାର ୯୦୫.୨୫ କ୍ୱିଣ୍ଟାଲ ଚାଉଳ ଜମା ହେବାର ଥିଲା। ଏଥିମଧ୍ୟରୁ ୬୫ ଲକ୍ଷ ୫୧ ହଜାର ୨୩୩.୧୫ କ୍ୱିଣ୍ଟାଲ ସିଏମ୍‌ଆର୍ ଜମା ହେବା ବାକି ରହିଥିବା ପତ୍ରରେ ଉଲ୍ଲେଖ କରାଯାଇଛି। ଗୋଦାମ୍‌ରେ ଚାଉଳ ଅଧିକ ମହଜୁଦ ରହିବା ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଓ ରାଇସ୍ ମିଲର୍ସଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏହି ସମସ୍ୟା ଉପୁଜିଥିବା ସାଂସଦ ଦର୍ଶାଇଛନ୍ତି। ଏହାଦ୍ୱାରା ଚାଷୀମାନେ ନିଜ ଉତ୍ପାଦିତ ଧାନ ବିକ୍ରି କରିବାରେ ଅସୁବିଧା ଭୋଗୁଥିବା ସହ ମାନସିକ ଓ ଆର୍ଥିକ ଚାପର ସମ୍ମୁଖୀନ ହେଉଛନ୍ତି। ଆଗାମୀ ନଭେମ୍ବର ୧୭ରୁ ନୂତନ ଖରିଫ ଧାନ କ୍ରୟ ଋତୁ ଆରମ୍ଭ ହେବାକୁ ଥିବାରୁ ତା' ପୂର୍ବରୁ ବକେୟା ଚାଉଳ ଉଠାଣ ସମ୍ପୂର୍ଣ୍ଣ କରିବା, ଏକ ସପ୍ତାହ ମଧ୍ୟରେ ଏଫ୍‌ସିଆଇ ଦ୍ୱାରା ଚାଉଳ ଉଠାଣ ପ୍ରକ୍ରିୟା ଶେଷ କରିବା ଏବଂ ମିଲର୍ସଙ୍କ ପାଇଁ ପର୍ଯ୍ୟାପ୍ତ ଗୋଦାମ ବ୍ୟବସ୍ଥା କରିବାକୁ ସାଂସଦ ଦାବି କରିଛନ୍ତି। ଏହାଦ୍ୱାରା ଚାଷୀଙ୍କୁ ନୂତନ ଧାନ ବିକ୍ରିରେ ହଇରାଣ ହେବାକୁ ପଡ଼ିବ ନାହିଁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ରାସ୍ତା ଦୁର୍ଘଟଣାରେ ଆହତ ଯୁବକର ମୃତ୍ୟୁ

ଆଠଗଡ଼, ନ୍ୟୁଜ୍ ବ୍ୟୁରୋ

୫୫ ନମ୍ବର ରାଜପଥ ବାଲି ଠାରେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧିନ ଥିବା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର ଶବର ସାହିର ମାନସ ଦେହୁରୀ (୨୬)ଙ୍କର କଟକ ବଡ଼ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଗତ ଦେଢ଼ ବର୍ଷ ତଳେ ବିବାହ କରିଥିଲେ । ଗତ ଗୁରୁବାର ରାତିରେ କଟକ ବଡ଼ ଡାକ୍ତରଖାନାରୁ ଭଉଣୀର ସ୍ୱାସ୍ଥ୍ୟ ଖବର ବୁଝି ମଟର ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଗୁରୁଡିଝାଟିଆ ଥାନା ବାଲି ବଜାର ନିକଟରେ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ଆହତ ହୋଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ବାଲି ବଜାରର କେତେକ ଯୁବକ ଏହା ଦେଖି ତୁରନ୍ତ ପୋଲିସକୁ ଖବର ଦେବା ସହିତ ଆମ୍ବୁଲାନ୍ସ ଡାକି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ ।



୪୬୭ ଗଞ୍ଜେଇ ଗଛ ନଷ୍ଟ:ଜଣେ ଗିରଫ

ରାଇଘର, ନ୍ୟୁଜ୍ ବ୍ୟୁରୋ

ରାଇଘର ଥାନା ଅଧୀନରେ ଥିବା ଟିମନପୁର ପଞ୍ଚାୟତ ବିନୟପୁର ଗ୍ରାମରେ ଏକ ଚାଷ ଜମିରେ ଗଞ୍ଜେଇ ଚାଷ ହେଉଥିବା ଖବରପାଇ ରାଇଘର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଗଞ୍ଜେଇ ଗଛ ନଷ୍ଟ କରିବା ସହ ଜମି ମାଲିକକୁ ଗିରଫ କରିଥିବା ନେଇ ଏସ୍‌ଡିପିଓ ସୁବେନ୍ଦୁ ଶବର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ବିଶେଷ ସୂତ୍ରରୁ ଖବରପାଇ ରାଇଘର ଥାନା ଅଧିକାରୀ ଟିକେ ଚାନ୍ଦ ବାହାବଲ ଖଟୁଆ ଏକ ଟିମ୍ ନେଇ ପହଞ୍ଚିଥିଲେ । ବିନୟପୁର ଗ୍ରାମରେ ସେଠାରେ ଖବର ପାଇବା ଅନୁଯାୟୀ ଚାଷ ଜମିରେ ଦେଖିଥିଲେ ଗଞ୍ଜେଇ ଚାଷ କରାଯାଇଛି । ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ । ଏହାପରେ ସମସ୍ତ ଗଛ ନଷ୍ଟ କରିବା ସହ ଜମି ମାଲିକ ତିଲଚାନ୍ଦ ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ପୋଲିସ କେଶ୍ ନମ୍ବର ୨୦୩/୨୬ରେ ଏକ ମାମଲା ରୁଜୁ କରି ଏସ୍‌ଆଇ ମେନକା ସାଙ୍କୁ ତଦନ୍ତ ଭାର ଦେଇଥିବା ଶ୍ରୀ ଶବର କହିଥିଲେ ।

କାଳୀ ମେଢ଼ ଭସାଣି ପାଇଁ କଟକରେ ଟ୍ରାଫିକ୍ କଟକଣା

କଟକ, ନ୍ୟୁଜ୍ ବ୍ୟୁରୋ

ମା' କାଳୀଙ୍କ ମେଢ଼ ଭସାଣି ଉତ୍ସବକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ସହ ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା କାଳୀ ମେଢ଼ ଭସାଣି ଉପଲକ୍ଷେ କଟକ ସହରର ବିଭିନ୍ନ ରାସ୍ତାରେ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଏହି କଟକଣା ସକାଳ ୭ଟାରୁ ଭସାଣି ଉତ୍ସବ ଶେଷ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। କମିଶନରେଟ୍ ପୋଲିସର ଘୋଷଣା ଅନୁଯାୟୀ, ଓଏମ୍‌ପି ଛକରୁ ମାଲ୍‌ଗୋଦାମ୍ ଫ୍ଲାଏଓଭର୍ ଦେଇ ଆସୁଥିବା ଗାଡ଼ିଗୁଡ଼ିକ ସିଡିଏ ମାର୍କେଟ୍ କମ୍ପ୍ଲେକ୍ସ, ବମ୍ବେ ହୋଟେଲ୍ ଓ ପୋଷ୍ଟ ଅଫିସ୍ ଛକ ଦେଇ କଲେଜ ଛକ ଆଡ଼କୁ ଯାଇପାରିବେନାହିଁ। ସେମାନେ ବିକଳ୍ପ ରାସ୍ତା ଭାବେ ବମ୍ବେ ହୋଟେଲ୍ ଓ ଆଇ ଲଭ୍ କଟକ ଦେଇ ଜୋବ୍ରା ଆନିକଟ ଛକ ଆଡ଼କୁ ଯାଇପାରିବେ। ସେହିପରି ମାଲ୍‌ଗୋଦାମ୍ ଷ୍ଟେଟ୍ ବ୍ୟାଙ୍କ ପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡ଼ିକ ପିଲ୍‌ଗ୍ରିମ୍ ରୋଡ୍ ଦେଇ କଲେଜ ଛକ ଯାଇପାରିବେ ନାହିଁ। ଏଥିପାଇଁ ମାଲ୍‌ଗୋଦାମ୍ ଭିତର ରାସ୍ତା ଦେଇ ଓଏମ୍‌ପି ଛକ ଅଭିମୁଖେ ଯାତାୟାତ କରିବାକୁ କୁହାଯାଇଛି। ମୋଚିସାହି ଛକରୁ ରଣିହାଟ ହାଇସ୍କୁଲ ଦେଇ ଘଣ୍ଟାଘର ଆଡ଼କୁ ଯାନବାହନ ଚଳାଚଳ ନିଷିଦ୍ଧ କରାଯାଇଛି। ଏହି ଗାଡ଼ିଗୁଡ଼ିକ ଡ. ତେଜେଶ୍ୱର ରାଓ ଛକ ଓ ତାଳଦଣ୍ଡା କେନାଲ ରାସ୍ତା ଦେଇ ଜୋବ୍ରା ଆଡ଼କୁ ଯାଇପାରିବେ। ମେଢ଼ ରଣିହାଟ ଛକ ଅତିକ୍ରମ କରୁଥିବା ସମୟରେ ବଜ୍ରକବାଟୀ ଛକରୁ ରଣିହାଟ ଆଡ଼କୁ ଗାଡ଼ି ଛଡ଼ାଯିବ ନାହିଁ। ସେହିପରି ମଙ୍ଗଳାବାଗ ଛକରେ ମେଢ଼ ଯାତାୟାତ ସମୟରେ କଥାଗୋଲା ଛକରୁ ମଙ୍ଗଳାବାଗ ଆଡ଼କୁ ଗାଡ଼ି ଚଳାଚଳ ବନ୍ଦ ରହିବ। ଏହି ଗାଡ଼ିଗୁଡ଼ିକ ମହାନଦୀ ରିଂ ରୋଡ୍ ବ୍ୟବହାର କରିପାରିବେ। ଏହାବ୍ୟତୀତ ଭିଜିଲାନ୍ସ ଗଡ଼ାରୁ ମଛୁଆବଜାର ପେଟ୍ରୋଲ ପମ୍ପ ଏବଂ ମଠମଠ ପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡ଼ିକୁ ହାଓ୍ୱଡ଼ା ମୋଟର ଛକ ଆଡ଼କୁ ଯିବାକୁ ଦିଆଯିବନାହିଁ। ଗିର୍ନାର ହୋଟେଲ ଛକରୁ ମାଣିସାହୁ ଛକ ଓ ମସ୍ତାନ ଦରଗା ଛକ ଆଡ଼କୁ, ବେପାରୀସାହି ଦୁର୍ଗାଘର ଓ ସମାଜ ଅଫିସ୍ ଛକରୁ ବକ୍ସିବଜାର ଆଡ଼କୁ ଯାନବାହନ ଚଳାଚଳ ଉପରେ ମଧ୍ୟ ରୋକ୍ ଲଗାଯାଇଛି। ମେରିଆ ବଜାରରୁ ବାରପଥର, ବ୍ରାସ୍ ବ୍ୟାଣ୍ଡ ଓ କର୍ ପ୍ୟାଲେସ୍ ଛକରୁ ତ୍ରିକୋଣିଆ ବଗିଚା, ହାତୀ ପୋଖରୀ ଓ ନେତାଜୀ ସଂଗ୍ରହାଳୟ ପାର୍ଶ୍ୱରୁ ଜେଲ୍ ରୋଡ୍ ଆଡ଼କୁ ଗାଡ଼ି ଚଳାଚଳ ନିଷିଦ୍ଧ ରହିବ। ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରୁ ପାଢ଼ୀଆରୀ ପାଠାଗାର ଓ ଗୌରୀଶଙ୍କର ପାର୍କ ଆଡ଼କୁ ଗାଡ଼ି ଯାଇପାରିବ ନାହିଁ। ଧର୍ମଶାଳା ଛକରୁ ଗୌରୀଶଙ୍କର ପାର୍କ ଓ ଉତ୍କଳିକା ଛକ ଆଡ଼କୁ ମଧ୍ୟ କଟକଣା ରହିବ। ହାଇକୋର୍ଟ ଛକରୁ ବାଲୁବଜାର ଏବଂ ବାଲୁବଜାରରୁ ଚୌଧୁରୀ ବଜାର ଆଡ଼କୁ ଯାନବାହନ ଚଳାଚଳ ବନ୍ଦ ରହିବ। ଜୁବିଲି ଟାଓ୍ୱାର ଛକ ଓ ନନ୍ଦୀସାହି ଛକରୁ ପୂର୍ଣ୍ଣ ସାହୁ ଛକ ଆଡ଼କୁ ମଧ୍ୟ ଗାଡ଼ି ଚଳାଚଳ ନିଷିଦ୍ଧ କରାଯାଇଛି। ସେହିପରି ତଳ ତେଲେଙ୍ଗାବଜାର ପଞ୍ଚମୁଖୀ ଛକରୁ ନୃସିଂହନାଥ ମଠ ରାସ୍ତା ଦେଇ କାଠଯୋଡ଼ି ବନ୍ଧ ରାସ୍ତାକୁ ଯାତାୟାତ ବନ୍ଦ ରହିବ। ଖାନନଗର ଛକ ଓ ବ୍ଲୁଲାଗୁନ୍ ହୋଟେଲ ଛକରୁ କାଠଯୋଡ଼ି ରିଂ ରୋଡ୍ ଦେଇ ପୁରୀଘାଟ ଗଡ଼ା ଆଡ଼କୁ ଗାଡ଼ି ଯାଇପାରିବନାହିଁ। ଜୁଡିସିଆଲ୍ ଏକାଡେମୀ ଛକରୁ ପୁରୀଘାଟ ଏବଂ ଡିପିଓ ଗଡ଼ାରୁ ପୁରୀଘାଟ ଦେବୀ ଘାଟ ଆଡ଼କୁ ମଧ୍ୟ ଯାନବାହନ ଚଳାଚଳ ଉପରେ କଟକଣା ଲାଗୁ ହେବ। ଭସାଣି ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ୨୭ଟି ପାର୍କିଂ ସ୍ଥାନ ଭସାଣି ଉତ୍ସବ ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଗାଡ଼ି ପାର୍କିଂ ପାଇଁ ପୋଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ନିର୍ଦ୍ଧାରିତ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରେ ବେଲଭ୍ୟୁ ଛକ ନିକଟ, ରେଭେନ୍ସା କଲେଜିଏଟ୍ ସ୍କୁଲ ପଡ଼ିଆ, ବିଡ଼ାନାସୀ ହାଇସ୍କୁଲ ପରିସର, ଖ୍ରୀଷ୍ଟିଆନ୍ ଗ୍ରାଉଣ୍ଡ, ଉପର ବାଲିଯାତ୍ରା ପଡ଼ିଆ, ବୋଷ ଇଞ୍ଜିନିୟରିଂ କଲେଜ ସମ୍ମୁଖ, କଥାଗୋଲା ଛକ, ଶ୍ରୀମା ହସ୍ପିଟାଲ୍ ସମ୍ମୁଖ, ପୁରୁଣା ପୁରୀ ବସ୍‌ଷ୍ଟାଣ୍ଡ, ପୁରୁଣା ବାଦାମବାଡ଼ି ବସ୍‌ଷ୍ଟାଣ୍ଡ, ମଠମଠ ସମ୍ମୁଖ ଓ ସିଏନ୍‌ବିଟି ନିକଟସ୍ଥ ପାର୍କିଂ ସ୍ଥାନ ରହିଛି। ଏହାସହ କେଏମ୍‌ସି କଲ୍ୟାଣ ମଣ୍ଡପ, ସହିଦ ଭବନ, ଆଇନକ୍ସ, ରେଭେନ୍ସା ବାଳିକା ହାଇସ୍କୁଲ, ନେତାଜୀ ସଂଗ୍ରହାଳୟ, ଏମ୍. ଏକାଡେମୀ, କର୍ ପ୍ୟାଲେସ୍, ସିଡିଏ ମାର୍କେଟ୍ କମ୍ପ୍ଲେକ୍ସ ନିକଟ ପେଟ୍ରୋଲ ପମ୍ପ, ମଛୁଆବଜାର, ଘଣ୍ଟାଘର କେନାଲ ପାର୍ଶ୍ୱ, ଚାଉଳିଆଗଞ୍ଜ ଖେଳ ପଡ଼ିଆ, ତଳ ବାଲିଯାତ୍ରା ପଡ଼ିଆ, ସନ୍‌ସାଇନ୍ ଖେଳ ପଡ଼ିଆ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମେମୋରିଆଲ୍ କଲେଜ ଏବଂ ବକ୍ସିବଜାର ସିଡିଏ ମାର୍କେଟ୍ କମ୍ପ୍ଲେକ୍ସ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ମଧ୍ୟ ପାର୍କିଂ ବ୍ୟବସ୍ଥା ରହିବ। ଏହି ସ୍ଥାନ ଗୁଡ଼ିକରେ ଦୁଇ ଚକିଆ ଓ ଚାରି ଚକିଆ ଯାନ ପାଇଁ ପୃଥକ୍ ବ୍ୟବସ୍ଥା ରଖାଯାଇଛି। ତେବେ ପୋଲିସ, ଅଗ୍ନିଶମ, ଅବକାରୀ ଓ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବାର ଯାନବାହନ ଏହି କଟକଣାରୁ ବାଦ୍ ପଡ଼ିବେ। ଜନସାଧାରଣଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ଓଡ଼ିଶା ସହରାଞ୍ଚଳ ପୋଲିସ ଆଇନ୍- ୨୦୦୩ର ଧାରା ୯୬ ଅନୁଯାୟୀ ଏହି ନିର୍ଦ୍ଦେଶ ଜାରି ହୋଇଛି। ନିୟମ ଉଲ୍ଲଂଘନ କଲେ ତାହା ଦଣ୍ଡନୀୟ ଅପରାଧ ଭାବେ ବିବେଚିତ ହେବ। ତେଣୁ ଭସାଣି ଦିନ ଅନାବଶ୍ୟକ ଯାତାୟାତରୁ ନିବୃତ୍ତ ରହିବା ସହ ଯାତ୍ରା ପୂର୍ବରୁ ବିକଳ୍ପ ରାସ୍ତା ଓ ନିର୍ଦ୍ଧାରିତ ପାର୍କିଂ ସ୍ଥାନ ସମ୍ପର୍କରେ ଅବଗତ ହେବାକୁ କମିଶନରେଟ୍ ପୋଲିସ ଜନସାଧାରଣଙ୍କୁ ଅନୁରୋଧ କରିଛି।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟର ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ, କଟକ ଆଶୁତୋଷ ପାଇକରାୟ ଦିନିକିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରି ତାଙ୍କର ସୁଚିନ୍ତିତ ମତାମତ ଦେଇଥିଲେ। ଉପନିର୍ଦ୍ଦେଶକ ଶ୍ରୀ ପାଇକରାୟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗ କାଗଜପତ୍ର, ସାଧାରଣ ଭଣ୍ଡାର, ଡାକବାଜି ଯନ୍ତ୍ର ଭଣ୍ଡାର, ସୂଚନା କେନ୍ଦ୍ର ପାଠାଗାର ଜଗତସିଂହପୁର, ପାରାଦୀପ ଏବଂ କନକପୁର (ତିର୍ତ୍ତୋଲ) ବିଷୟରେ ପଚାରି ବୁଝିବା ସହ



କାର୍ଯ୍ୟକାରିତା ସୁପରିଚାଳନା ନିମନ୍ତେ ମାର୍ଗଦର୍ଶନ କରିଥିଲେ। କର୍ମଚାରୀ ମାନଙ୍କ ସେବା ପୁସ୍ତିକା, କାର୍ଯ୍ୟାଳୟର ବିଭିନ୍ନ ରେଜିଷ୍ଟର, ଛୁଟି ଦରଖାସ୍ତ ରେଜିଷ୍ଟର, ନ୍ୟୁଜ୍ ଫାଇଲ୍ ଇତ୍ୟାଦି ଯାଞ୍ଚ କରିଥିଲେ। ପାଠାଗାର ଗୁଡ଼ିକୁ ପାଠକଙ୍କ ନିମନ୍ତେ ଉପଯୋଗ କରିବା ପାଇଁ ଖବର କାଗଜ ସହିତ ମାଗାଜିନ୍, ପ୍ରତିଯୋଗିତା ପରୀକ୍ଷା ସମ୍ବନ୍ଧିତ ପୁସ୍ତକ କିଣିବା ପାଇଁ ପରାମର୍ଶ ଦେଇଥିଲେ । ସେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ବିକ୍ରି ସମ୍ପର୍କରେ ସମୀକ୍ଷା କରିଥିଲେ । ଏଥିସହିତ ଜିଲ୍ଲାରେ କାର୍ଯ୍ୟ ସମୟରେ ଉପୁଜୁଥିବା ସମସ୍ୟାର ସୁଚିନ୍ତିତ ସମାଧାନ ନିମନ୍ତେ ମାର୍ଗ ଦର୍ଶନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପୁଷ୍ପକୁଣ୍ଡ, ଉତ୍ତରୀୟ ଓ ମେମେଣ୍ଟୋ ଦେଇ ଉପନିର୍ଦ୍ଦେଶକ ଶ୍ରୀ ପାଇକରାୟଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀଙ୍କ ମଧ୍ୟରେ ଦିବାକର ପାତ୍ର, ଦୁର୍ଯ୍ୟୋଧନ ପରିଡା, ଶୁଭଜିତା ପୃଷ୍ଟି, ରାମକୃଷ୍ଣ ଦେବଦାଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପାଇକରାୟ ଜଗତସିଂହପୁର ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରି ନିଜର ସନ୍ତୋଷ ପ୍ରକାଶ କରିଥିଲେ।

ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସାରିବାକୁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାରେ ପ୍ରଗତି ବୈଠକ ଜିଲ୍ଲାପାଳ ରଘୁରାମ୍ ଆର୍ ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ (ରାଜସ୍ୱ), ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ପୂର୍ତ୍ତବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଆର୍‌ଡିର ଅଧିକ୍ଷଣ ଯନ୍ତ୍ରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାରେ ଚାଲୁରହିଥିବା ବଡ ବଡ ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ ସାରି ଜନହିତରେ ଲଗେଇବା ପାଇଁ ଆଲୋଚନା କରାଯାଇଥିଲା। ଅନୁମୋଦନ ପାଇଥିବା ପ୍ରକଳ୍ପ ଗୁଡ଼ିକର ଶୀଘ୍ର ସାରିବା ଏବଂ ଅନୁମୋଦନ ପାଇଁ ଯାଇଥିବା ପ୍ରକଳ୍ପଗୁଡ଼ିକୁ ଉଚ୍ଚ ପଦସ୍ତ ଅଧିକାରୀ ମାନଙ୍କ ସହିତ ଯୋଗାଯୋଗ କରି ଆଣିବା, ଚଳିତବର୍ଷ ବନ୍ୟା ଯୋଗୁ ପ୍ରକଳ୍ପ ଗୁଡିକର କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ସେ ପ୍ରକଳ୍ପଗୁଡ଼ିକୁ ଅଧିକ ଶ୍ରମିକ ଲଗାଇ ସମୟ ଭିତରେ ସାରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କୌଣସି ପ୍ରକଳ୍ପ ଗୁଡିକରେ କୌଣସି ବାଧା ବିଘ୍ନ ଆସିଲେ ସେଗୁଡିକୁ ଅଧିକାରୀମାନେ ନିଜ ଭିତରେ ସମନ୍ୱୟ ରଖି ସମାଧାନ କରିବା ପାଇଁ ଆଲୋଚନା କରାଯାଇଥିଲା। ପ୍ରକଳ୍ପଗୁଡ଼ିକୁ ତୁରନ୍ତ ସମାପ୍ତ କରି ଜନହିତରେ ଲଗାଇବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବାଲ୍ୟ ବିବାହ ନିରାକରଣ ନେଇ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

ସୁବର୍ଣ୍ଣପୁର ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଆହ୍ୱାନ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦେବାଶିଷ ସିଂହଙ୍କ ଅଧକ୍ଷତାରେ ବାଲ୍ୟ ବିବାହ ନିରାକରଣ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାଗତ ଅଭିଭାଷଣରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର ବାଲ୍ୟ ବିବାହ ହ୍ରାସ ଦିଗରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଏବଂ ପ୍ରତ୍ୟେକ ଅଂଶୀଦାରଙ୍କ ସମାନ ଦାୟିତ୍ୱବୋଧ ଉପରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନୀଳିମା ଲଳିତା ବାର୍ଲା ବାଲ୍ୟ ବିବାହ ନିଷେଧ ଆଇନ୍‌ର ସଫଳ କାର୍ଯ୍ୟକାରିତା ପାଇଁ ଅଧିକାରୀମାନଙ୍କର ଆଇନ୍ ସମ୍ପର୍କିତ ସଠିକ୍ ଜ୍ଞାନ ରହିବା ଆବଶ୍ୟକ ବୋଲି କହିଥିଲେ। ଜିଲ୍ଲାରୁ ବାଲ୍ୟ ବିବାହ ଦୂର କରିବା ପାଇଁ ଆଇନ୍‌ର ସମସ୍ତ ବ୍ୟବସ୍ଥାର ଉପଯୋଗ କରିବାକୁ ସେ ଆହ୍ୱାନ୍ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ଏବଂ କାର୍ଯ୍ୟକ୍ରମ ଅଧିକାରୀ ଅଞ୍ଜନା କିସାନ ସଂଯୋଜନା କରିଥିଲେ। ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ଉଷାରାଣୀ ଦାସ ବାଲ୍ୟ ବିବାହ ଯୋଗୁଁ ନାବାଳିକାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପଡୁଥିବା ଗୁରୁତର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲ୍ୟ ବୟସରେ ଗର୍ଭଧାରଣ ଯୋଗୁଁ ମାତୃ ମୃତ୍ୟୁ ଭଳି ଘଟଣା ଘଟୁଥିବା ସେ ଉଲ୍ଲେଖ କରିଥିଲେ। ଏଭଳି ଘଟଣାର ଚିହ୍ନଟ ଓ ନିରୀକ୍ଷଣ ପାଇଁ ସମସ୍ତ ସରକାରୀ ଓ ଘରୋଇ ଡାକ୍ତରଖାନାକୁ ଜନନୀ ପୋର୍ଟାଲରେ ମାମଲା ପଞ୍ଜୀକରଣ କରିବାକୁ କୁହାଯାଇଛି। ଏଥିସହ ଜିଲ୍ଲାରେ ଗର୍ଭପାତ କିଟ୍‌ର ବ୍ୟବହାର ଉପରେ କଟକଣା ଜାରି କରାଯାଇଥିବା ସେ କହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ କହିଥିଲେ ଯେ, ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରାୟ ୨୨ ପ୍ରତିଶତ ବିବାହ ବାଲ୍ୟ ବିବାହ ହୋଇଥିବା ଆକଳନ କରାଯାଇଛି। ଏହି ହାରକୁ ହ୍ରାସ କରିବା ଆମର ମୁଖ୍ୟ ଲକ୍ଷ୍ୟ ହେବା ଆବଶ୍ୟକ। ସମସ୍ତ ସିଡିପିଓ, ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟ୍ ଏବଂ ପ୍ରଧାନଶିକ୍ଷକଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଝିଅମାନଙ୍କ ସହ ସିଧାସଳଖ ଯୋଡ଼ି ହୋଇଥିବାରୁ ସେମାନେ ଆଇନ୍‌ଗତ ବ୍ୟବସ୍ଥା ସହିତ ବାଳିକାମାନଙ୍କ ପାଇଁ ଉପଲବ୍ଧ ସରକାରୀ ଯୋଜନା ଓ ସୁବିଧା ସମ୍ପର୍କରେ ସଚେତନ ରହିବା ଆବଶ୍ୟକ। ଏଥିପାଇଁ ସମସ୍ତଙ୍କୁ ପ୍ରଶିକ୍ଷଣ ଦେବା ଜରୁରୀ ବୋଲି ସେ କହିଥିଲେ। ବାଲ୍ୟ ବିବାହରୁ ଉଦ୍ଧାର ହୋଇଥିବା ଝିଅମାନଙ୍କୁ ଜୀବନକୁ ଉନ୍ନତ କରିବାର ସୁଯୋଗ ଦିଆଯାଉଥିବା ସେ ସୂଚନା ଦେଇଥିଲେ। ଅଧ୍ୟକ୍ଷୀୟ ଅଭିଭାଷଣରେ ଜିଲ୍ଲାପାଳ ଦେବାଶିଷ ସିଂହ ବାଲ୍ୟ ବିବାହର ମୂଳ କାରଣଗୁଡ଼ିକୁ ବିଶ୍ଲେଷଣ କରି ସେହି ଅନୁଯାୟୀ ସଚେତନତା କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ କହିଥିଲେ। ଏହା ମୁଖ୍ୟତଃ ମାନସିକତା ଓ ମନୋବୃତ୍ତି ସହ ଜଡ଼ିତ ଏକ ସାମାଜିକ ସମସ୍ୟା। ତେଣୁ ଆଇନ୍‌ର କାର୍ଯ୍ୟକାରିତା ଶେଷ ପଦକ୍ଷେପ ହେବା ପୂର୍ବରୁ ଏହାର ନିରାକରଣ ଓ ସଚେତନତାକୁ ପ୍ରାଥମିକତା ଦେବା ଆବଶ୍ୟକ। ସମସ୍ତ ଅଧିକାରୀ ଆଇନ୍‌ଗତ ବ୍ୟବସ୍ଥା ସମ୍ପର୍କରେ ସମ୍ୟକ୍ ଜ୍ଞାନ ରଖିବା ସହ ଜିଲ୍ଲାସ୍ତରରେ ଏକ ସୁସଂଗଠିତ ରଣନୀତି ପ୍ରସ୍ତୁତ କରି ବାଲ୍ୟ ବିବାହ ହାର ହ୍ରାସ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସ, ରାଜ୍ୟ ସଂଯୋଜିକା ତଥା ସମ୍ବଳ ବ୍ୟକ୍ତିତ୍ୱ ସାସ୍ୱତୀ ପଟ୍ଟନାୟକ ଏବଂ ଶିଶୁ ମଙ୍ଗଳ ସମିତିର ସଦସ୍ୟା ରଞ୍ଜିତା ସାହୁ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ସିଡିପିଓ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ।

ବରିଷ୍ଠ ନାଗରିକଙ୍କୁ ଭେଟି ଜୀବନଶୈଳୀ ବୁଝିଲେ ମେୟର


କଟକ, ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ଓ ସେମାନଙ୍କ ସୁଖଦୁଃଖରେ ସାମିଲ ହେବାର ଉଦ୍ଦେଶ୍ୟ ନେଇ କଟକ ମହାନଗର ନିଗମ (KMC) ପକ୍ଷରୁ ଜାରି ରହିଛି ଏକ ଅଭିନବ ଜନସମ୍ପର୍କ କାର୍ଯ୍ୟକ୍ରମ 'ଆପଣ କେମିତି ଅଛନ୍ତି'। ଏହି କାର୍ଯ୍ୟକ୍ରମ ଜରିଆରେ ମେୟର ସୁବାସ ସିଂହ ୮୦ ବର୍ଷୀୟ ବରିଷ୍ଠ ପୋଲିସ ପ୍ରଶାସକ ତଥା କ୍ରୀଡ଼ା ସଂଗଠକ ଭକ୍ତ ବଲ୍ଲଭ ଦାସଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଦୈନନ୍ଦିନ ଜୀବନ ସମ୍ପର୍କରେ ଆତ୍ମୀୟତାର ସହ ପଚାରି ବୁଝିଛନ୍ତି। ଦୀର୍ଘ ପୋଲିସ ସେବା ଜୀବନରେ ନିଜର କାର୍ଯ୍ୟଦକ୍ଷତା, ନିଷ୍ଠା ଓ ପ୍ରଶାସନିକ ଅଭିଜ୍ଞତା ପାଇଁ ପରିଚିତ ଶ୍ରୀ ଦାସ କଟକରେ ଥାନା ଅଧିକାରୀ ଭାବେ ନିଜର କର୍ମଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ପଦବୀରେ ପହଞ୍ଚିଥିଲେ। ୨୦୦୬ ମସିହାରେ ଢେଙ୍କାନାଳରୁ ଏସ୍‌ପି ଭାବେ ସେ ଅବସର ଗ୍ରହଣ କରିଥିଲେ। କଟକ ସହରର ପୂଜାପର୍ବାଣୀ ସମୟରେ ଆଇନ୍ ଶୃଙ୍ଖଳା ରକ୍ଷା, ବିଭିନ୍ନ ସାହି ମଧ୍ୟରେ ଉପୁଜୁଥିବା ବିବାଦର ସମାଧାନ ଏବଂ ଜଟିଳ ପରିସ୍ଥିତିର ମୁକାବିଲା କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ରହିଛି। ୧୯୯୧ ମସିହାର ମଦମୃତ୍ୟୁ ଘଟଣା ଓ ବ୍ୟାଙ୍କ ଡକାୟତି ମାମଲାର ଅପରାଧୀଙ୍କୁ ଠାବ କରିବାରେ ମଧ୍ୟ ତାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା। ପୋଲିସ ସେବାରୁ ଅବସର ନେବା ପରେ ମଧ୍ୟ ଶ୍ରୀ ଦାସଙ୍କ ସାମାଜିକ ଓ ସାଂଗଠନିକ କାର୍ଯ୍ୟକଳାପ ଥମିନାହିଁ। କ୍ରୀଡ଼ା ଓ ଶିକ୍ଷାର ପ୍ରସାର ପାଇଁ ସେ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସେ ଓଡ଼ିଶା ଯୋଗ ଆସୋସିଏସନ୍‌ର ସଭାପତି ଏବଂ ଓଡ଼ିଶା ଫୁଟବଲ୍ ଆସୋସିଏସନ୍‌ର କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛନ୍ତି। ବିଦ୍ୟାଳୟ ସ୍ତରରେ ଆନ୍ତଃବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା



ଆୟୋଜନ ସହ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ତାଙ୍କର ଅବଦାନ ରହିଛି। ଏଥିସହ ଟାଙ୍ଗୀ ଠାରେ ଏକ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପ୍ରତିଷ୍ଠା କରି ଶିକ୍ଷା କ୍ଷେତ୍ରରେ ମଧ୍ୟ ସେ ନିଜର ଯୋଗଦାନ ଜାରି ରଖିଛନ୍ତି। ସାକ୍ଷାତ ସମୟରେ ମେୟର ଶ୍ରୀ ସିଂହ ଶ୍ରୀ ଦାସଙ୍କ ଦୀର୍ଘ ପୋଲିସ ସେବା, କ୍ରୀଡ଼ା ସଂଗଠନ ଓ ଶିକ୍ଷା କ୍ଷେତ୍ରରେ ରହିଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅବସର ପରେ ମଧ୍ୟ ଜଣେ ବ୍ୟକ୍ତି ନିଜର ଅଭିଜ୍ଞତା ଓ ଦକ୍ଷତାକୁ ସମାଜର ଉନ୍ନତି ପାଇଁ ନିୟୋଜିତ କରିବା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି ମେୟର ମତବ୍ୟକ୍ତ କରିଥିଲେ। କେଏମ୍‌ସିର ଏହି 'ଆପଣ କେମିତି ଅଛନ୍ତି' ପଦକ୍ଷେପ କେବଳ ଔପଚାରିକ ସାକ୍ଷାତରେ ସୀମିତ ନରହି ବରିଷ୍ଠ ନାଗରିକଙ୍କ ସହ ଆତ୍ମୀୟ ସମ୍ପର୍କ ସ୍ଥାପନ, ସେମାନଙ୍କ ଅନୁଭୂତିକୁ ଗୁରୁତ୍ୱ ଦେବା ଏବଂ ସମାଜ ପ୍ରତି ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇବାର ଏକ ପ୍ରୟାସ ଭାବେ ପରିଚିତ ହୋଇଛି। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ଜତିନ୍ ବେହେରା, ନିମାଇଁ ବିଶ୍ୱାଳ ଓ ଅଶୋକ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଆଜିର ଭଲମନ୍ଦ



ଉଦୟକାଳୀନ ଗ୍ରହଚକ୍ର

୯ / ୮	୭	ଶ୬ / ଶୁରା
୧୦ମ	୧୫ / ୮	୪
୧୧କେତୁ / ୧୨ଷ୍ଟ	ବୁରଲ	୩ / ଚ୨

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

ତା୧୦।୧୧।୨୦୨୬, କାର୍ତ୍ତିକ ଦ୨୫ନ, ମଙ୍ଗଳବାର

ସୂର୍ଯ୍ୟୋଦୟ- ଘ ୫।୫୪।୧୬ ଚନ୍ଦ୍ରୋଦୟ- ପ୍ରାଘ୬।୩୮।୫୧


ପ୍ରତିପଦ ଦିଘ ୨।୦୪ ପର୍ଯ୍ୟନ୍ତ। ବିଶାଖା ନକ୍ଷତ୍ର ଦିଘ ୯।୨୧ ପର୍ଯ୍ୟନ୍ତ । ବିଛା ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୨।୦୪ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୭ ଗତେ ଦିଘ ୬।୪୧ ମଧ୍ୟେ ଦିଘ ୮।୪୫ ଗତେ ଦିଘ ୧୧।୧୦ ମଧ୍ୟେ। **ପର୍ବୋତ୍ସବ-** ଦ୍ୱିତୀୟା ଚନ୍ଦ୍ର ଦର୍ଶନ ପୂଜା।




ମେଷ: କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦେଖାଦେବ। ଆୟଠାରୁ ବ୍ୟୟର ପରିମାଣ ଅଧିକ ହେବ। ଘରେ କଳହ ଦେଖାଦେଇପାରେ। ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବାକୁ ପଡିପାରେ।



ବୃଷ: ଆୟର ପରିମାଣ ବଢିବ। ବ୍ୟବସାୟରେ ଲାଭବାନ ହେବେ। ଭ୍ରମଣ ସହିତ ଦେବ ଦର୍ଶନରେ ସୁଯୋଗ ପ୍ରାପ୍ତ ହେବ। ପାରିବାରିକ ଜୀବନରେ ସୁଖ ଶାନ୍ତି ଅବ୍ୟାହତ ରହିବ। ଦେହ ଭଲ ରହିବ।




ମିଥୁନ: ଚାକିରୀକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଦେହ ଓ ମନ ଭଲ ରହିବ। ଘରେ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ବନ୍ଧୁ ଦର୍ଶନର ସୁଯୋଗ ପ୍ରାପ୍ତ ହେବ।



କର୍କଟ: ଶାରୀରିକ ଅସୁସ୍ଥତା ଦେଖାଦେବ। ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ।




ସିଂହ: ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ରୋଜଗାର ସ୍ଥିର ରହିବ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ। ପାରିବାରିକ ଅଶାନ୍ତି ଦେଖାଦେବ।



କନ୍ୟା: ଶତ୍ରୁ ଉପରେ ବିଜୟ ହାସଲ କରିବେ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ଘରେ ଖୁସିର ଲହରୀ ଖେଳିବ। ଖୁସି ଖବର ମିଳିବାର ସମ୍ଭାବନା।



ତୁଳା: କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିଦ୍ରୋହ ଭାବ ଦେଖାଦେବ। ଖର୍ଚ୍ଚର ମାତ୍ରା ଅଧିକ ହେବ। ଘରେ ଅଶାନ୍ତି ଓ କଳହ ଦେଖାଦେବ। ବନ୍ଧୁ ମହଲରେ ଅପମାନିତ ହୋଇପାରନ୍ତି। ମନ ଅସ୍ଥିର ରହିବ।




ବିଛା: ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଆୟର ପରିମାଣ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଓ ମନ ଭଲ ରହିବ।



ଧନୁ: ଦାମ୍ପତ୍ୟ ଜୀବନରେ କଳହ ଦେଖାଦେବ। ଆଳସ୍ୟପଣ ହେତୁ ସମସ୍ତ କାର୍ଯ୍ୟ ବିଳମ୍ବରେ ହେବ। ରୋଜଗାର ସ୍ଥିର ରହିବ। ଘରେ କଳହ ଦେଖାଦେବ। ସମ୍ମାନ ହାନୀ ମଧ୍ୟ ହୋଇପାରେ।



ମକର: ହଠାତ୍ କୌଣସି ଏକ ଶୁଭ ଖବର ପାଇ ଅନନ୍ଦିତ ହେବେ। ସତ୍ କାର୍ଯ୍ୟରେ ମନ ନିବେଶ କରିବେ। ଆୟ ଓ ବ୍ୟୟ ପରିମାଣ ସମାନ ରହିବ।ଘରେ ଶୁଖ ଶାନ୍ତି ବିରାଜମାନ କରିବ।



କୁମ୍ଭ: ଆର୍ଥିକ ସ୍ଥିତି ସ୍ୱଚ୍ଛନ୍ଦ ହେବ। କର୍ମକ୍ଷେତ୍ରରେ ଲାଭବାନ୍ ହେବେ। ଦେହ ଓ ମନ ଭଲ ରହିବ। ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ। ଗୃହେ ଖୁସିର ବାତାବରଣ ଦେଖାଦେବ।



ମୀନ: ନୂତନ କାର୍ଯ୍ୟ ଆରମ୍ଭ କରି ଉପକୃତ ହେବେ। ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି। ରୋଜଗାର ଭଲ ହେବ। ପାରିବାରିକ ଜୀବନ ସୁଖମୟ ହେବ। ବନ୍ଧୁ ଦର୍ଶନର ସୁଯୋଗ।



ବାର୍ହା ମାଂସ ଜବତ:୨ ଗିରଫ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବନାଞ୍ଚଳ ଅଧୀନସ୍ତ ହରିଣାପାଲି ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଚଢ଼ଉ କରି ବାର୍ହା ମାଂସ ଜବତ ସହ ଦୁଇ ଜଣ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ କୋଟ ସମଲାଇ ଗ୍ରାମ ପଞ୍ଚାୟତର ଜଗନ୍ନାଥପାଲିର ମୁନୁ ତାଣ୍ଡିଆ ଏବଂ ବୁଠି ରାଜହଂସ । ଉଲୁଣ୍ଡା ବନାଞ୍ଚଳ କୌଣସି ବିଶ୍ୱସ୍ତସୂତ୍ରରୁ ଖବରପାଇ କିଛି ଜଣ ଲୋକ ବାର୍ହା ଶିକାର କରି ମାଂସ କାଟୁଥିବା ଖବରପାଇ ଫରେଷ୍ଟର ପ୍ରଦୀପ ଜେନା, ଫରେଷ୍ଟ ଗାର୍ଡ ରୋହନ ଅମାତ, ଗୀତାଞ୍ଜଳି ହରିପାଲ ଓ ସ୍କାର୍ଡ ଟିମ୍ ହରିଣାପାଲି ଜଙ୍ଗଲରେ ଚଢ଼ଉ କରିଥିଲେ । ଚଢ଼ଉ ବେଳେ ସେଠାରୁ ୮୦ କେଜି ବାର୍ହାର ମାଂସ ଜବତ ସହ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ମୁନୁ ଏବଂ ବୁଠିଙ୍କୁ ଗିରଫ କରିଥିଲେ । ଏନେଇ ବନବିଭାଗ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି। ଜବତ ବାର୍ହା ମାଂସ ପରୀକ୍ଷା ପରେ ଏସିଏଫ୍ ଦେବରାଜ ଛତ୍ରିଆଙ୍କ ଉପସ୍ଥିତିରେ ଜଙ୍ଗଲରେ ବାର୍ହା ମାଂସ ପୋତି ଦିଆଯାଇଥିଲା ।

ସମ୍ପାଦକୀୟ

ନୂଆ ରେକର୍ଡ ସୃଷ୍ଟି କରିବ ଭାରତୀୟ ସେୟାର ବଜାର

ଆମେରିକା ମିଡଟର୍ମ ନିର୍ବାଚନର ଫଳାଫଳ ପରେ ଭାରତୀୟ ସେୟାର ବଜାରରେ ଖେଳିଯାଇଛି ଉତ୍ସବ। ଦୀପାବଳିର ଠିକ୍ ପୂର୍ବରୁ ସେନସେକ୍ସ ପୁଣିଥରେ ୮୧ ହଜାର ପଏଣ୍ଟର ସ୍ତର ପାର କରିନେଇଛି। ସେଭଳି ନିଫ୍ଟି ମଧ୍ୟ ୨୫ ହଜାର ପଏଣ୍ଟ ପାର କରିଯାଇଛି। ତେବେ ଏହି ଦୁଇ ଇଣ୍ଡେକ୍ସରେ ଏବେ ବଡ଼ ଆହୁରି ବଡ ପରିବର୍ତ୍ତନର ଅନୁମାନ ରହିଛି। ଆନନ୍ଦ ରାଠି ଏଭିପି (ଇକ୍ୟୁଟି ରିସର୍ଚ୍ଚ) ଗଣେଶ ଡୋଙ୍ଗରଙ୍କ କହିବା ଅନୁସାରେ, ଘରୋଇ ସଂସ୍ଥାଗତ ନିବେଶକ ଗତ ଦୁଇ ବର୍ଷରେ ବିଦେଶୀ ସଂସ୍ଥାଗତ ନିବେଶକଙ୍କ ବିକ୍ରି ପରେ ବି ଭାରତୀୟ ସେୟାର ବଜାରକୁ ମଜବୁତ ସାହାରା ଦେଇଛନ୍ତି। ଏବେ ବିଶ୍ୱର ସ୍ଥିତି ସୁଧୁରିବା ଓ ବିଦେଶୀ ନିବେଶକଙ୍କ ବଢୁଥିବା ବଜାରକୁ ଫେରିବାର ଆଶା ଭିତରେ ନିଫ୍ଟିରେ ଅତି କମ୍‌ରେ ୨୦% ବୃଦ୍ଧି ହୋଇପାରେ। ଗଣେଶ ଡୋଙ୍ଗରେ କହିଛନ୍ତି, ଆଗକୁ ନିଫ୍ଟି ୩୦,୦୦୦ ପଏଣ୍ଟ ଉପରେ ପହଞ୍ଚିପାରେ। ଅର୍ଥାତ ଏବେର ହିସାବରେ ଆଗାମୀ ଏକ ବର୍ଷରେ ନିଫ୍ଟି ୫୦୦୦ ପଏଣ୍ଟ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। ସେଭଳି ସେନସେକ୍ସକୁ ନେଇ ଗଣେଶ ଡୋଙ୍ଗରେ ଅନୁମାନ କରିଛନ୍ତି ଯେ, ସାଧାରଣ ସ୍ଥିତିରେ ଏହା ୯୦୦୦୦ ପଏଣ୍ଟ ପାର କରିପାରେ। ସେଭଳି ଦ୍ରୁତ ଅନୁକୂଳ ସ୍ଥିତିରେ ସେନସେକ୍ସ ସ୍ତର ୧,୦୫,୦୦୦ ପଏଣ୍ଟ ପର୍ଯ୍ୟନ୍ତ ପହଞ୍ଚିପାରେ। ଅନୁମାନ ଆଧାରରେ ଯଦି ଦେଖିବା ତେବେ ସେନସେକ୍ସ ଏବେ ୨୦ ହଜାର ପଏଣ୍ଟ ଅଧିକ ବୃଦ୍ଧି ପାଇପାରେ। ଗତ ବର୍ଷ ଡିସେମ୍ବରରେ ସେନସେକ୍ସ ୮୬,୧୫୯.୦୨ ପଏଣ୍ଟ ପର୍ଯ୍ୟନ୍ତ ଯାଇଥିଲା। ଏହି ସେନସେକ୍ସ ଇଣ୍ଡେକ୍ସର ଅଲ୍ ଟାଇମ୍ ହାଇ ରହିଛି। ଗଣେଶ ଡୋଙ୍ଗରେ ବିଶ୍ୱାସ କରନ୍ତି ଯେ ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଫଳାଫଳ ପରେ ଭାରତୀୟ ସେୟାର ବଜାର ମଜବୁତ ହୋଇଛି। ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ପରାଜୟ ଏବଂ ଡେମୋକ୍ରାଟଙ୍କ ବିପୁଳ ବିଜୟ ବିଶ୍ୱ ଅର୍ଥନୈତିକ ପରିସ୍ଥିତିରେ ପରିବର୍ତ୍ତନ ଆଣିଛି। ଡଲାର ଉପରେ ଚାପ ବୃଦ୍ଧି ପାଇଥିବାବେଳେ, ଅଶୋଧିତ ତୈଳ ମୂଲ୍ୟ ହ୍ରାସ ମଧ୍ୟ ସମର୍ଥନ ଯୋଗାଇଛି। ଏହା ବ୍ୟତୀତ, ବଣ୍ଡ ପ୍ରତି ନିବେଶକଙ୍କ ଆଗ୍ରହ ହ୍ରାସ ପାଇବାର ଆଶା କରାଯାଉଛି। ଏହାଦ୍ୱାରା ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ଟଙ୍କା ଭାରତୀୟ ବଜାରରେ ଆସିବାର ସମ୍ଭାବନା ବଢିବ। ଗତ ଶୁକ୍ରବାର, BSEର ୩୦-ସେୟାର ବେଞ୍ଚମାର୍କ ସେନସେକ୍ସ ୧,୭୧୮.୦୧ ପଏଣ୍ଟ କିମ୍ବା ୨.୧୭ ପ୍ରତିଶତ ବୃଦ୍ଧି ପାଇ ସର୍ବକାଳୀନ ସର୍ବାଧିକ ୮୧,୦୨୮.୦୨ ରେ ବନ୍ଦ ହୋଇଥିଲା। ଏହି ସମୟରେ, NSEର ୫୦-ସେୟାର ବେଞ୍ଚମାର୍କ ନିଫ୍ଟି ମଧ୍ୟ ୪୯୩.୭୫ ପଏଣ୍ଟ କିମ୍ବା ୨.୦୧ ପ୍ରତିଶତ ବୃଦ୍ଧି ପାଇ ସର୍ବକାଳୀନ ସର୍ବାଧିକ ୨୫,୦୩୦.୩୫ ରେ ବନ୍ଦ ହୋଇଥିଲା। ଏହା ୯ ମାସ ମଧ୍ୟରେ ନିଫ୍ଟିର ସର୍ବୋଚ୍ଚ ସ୍ତର ଥିଲା।ଗତ ୭ଟି ଲଗାତାର ବାଣିଜ୍ୟ ଅଧିବେଶନରେ, ସେନସେକ୍ସ ୭.୭୮୧.୯୯ ପଏଣ୍ଟ କିମ୍ବା ୧୦.୬୨ ପ୍ରତିଶତ ବୃଦ୍ଧି ପାଇଛି। ସେଭଳି ନିଫ୍ଟି ୨,୩୩୧.୫ ପଏଣ୍ଟ କିମ୍ବା ୧୦.୨୭ ପ୍ରତିଶତ ବୃଦ୍ଧି ପାଇଛି। ଏହି ସପ୍ତାହରେ, BSE ସେନସେକ୍ସ ୬,୫୬୮.୪୯ ପଏଣ୍ଟ କିମ୍ବା ୮.୮୨ ପ୍ରତିଶତର ଏକ ଦୃଢ଼ ବୃଦ୍ଧି ରେକର୍ଡ କରିଛି, ଯେତେବେଳେ କି NSE ନିଫ୍ଟି ୧,୯୭୭.୨୫ ପଏଣ୍ଟ କିମ୍ବା ୮.୫୭ପ୍ରତିଶତ ବୃଦ୍ଧି ପାଇଛି।

ପୁଷ୍ପ ପାଖୁଡ଼ାରେ ରମଣ ପ୍ରଭାବ



ନାରାୟଣ ପଧାନ
ଛୁରିଆପାଲି, ସୋହେଲା, ବରଗଡ଼
ମୋ : ୯୯୩୭୮ ୫୪ ୪୧୪
Mail : narayanapadhan2014@gmail.com

ପ୍ରକୃତିର ବର୍ଣ୍ଣିଳ ସୃଷ୍ଟିରେ ଫୁଲ ସୌନ୍ଦର୍ଯ୍ୟ, ସୌକୁମାର୍ଯ୍ୟ ଓ ସୃଜନଶୀଳତାର ଏକ ଅନନ୍ୟ ପ୍ରତୀକ। କବିଙ୍କ କଳ୍ପନାରେ ଏହା ପ୍ରେମର ପ୍ରତିବିମ୍ବ, ଦାର୍ଶନିକଙ୍କ ଦୃଷ୍ଟିରେ ଜୀବନର ନଶ୍ୱରତା ଓ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି, ଚିତ୍ରକରଙ୍କ ତୂଳୀରେ ରଙ୍ଗର ଉତ୍ସବ ଏବଂ ଭକ୍ତଙ୍କ ଅର୍ଘ୍ୟରେ ଶ୍ରଦ୍ଧା ଓ ଭକ୍ତିର ପବିତ୍ର ପ୍ରତୀକ। ମାତ୍ର ବିଜ୍ଞାନୀଙ୍କ ଅନୁସନ୍ଧାନୀ ଦୃଷ୍ଟିରେ ଫୁଲ ହେଉଛି ଆଲୋକ, ପଦାର୍ଥ, ଅଣୁ ଓ ଶକ୍ତିର ଏକ ଜୀବନ୍ତ ପ୍ରୟୋଗଶାଳା। ଏହାର କୋମଳ ପାଖୁଡ଼ାର ଅନ୍ତରାଳରେ ଲୁଚି ରହିଛି ଅସଂଖ୍ୟ ଅଦୃଶ୍ୟ ବୈଜ୍ଞାନିକ ରହସ୍ୟ। ଏହି ରହସ୍ୟର ଅନ୍ୱେଷଣରେ ମହାନ ଭାରତୀୟ ବୈଜ୍ଞାନିକ ସାର୍ ସି. ଭି. ରମଣଙ୍କ ଆଲୋକୀୟ ଆବିଷ୍କାର ଆମକୁ ଏକ ନୂତନ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ପ୍ରଦାନ କରେ। ସମୁଦ୍ରର ଅପରୂପ ନୀଳିମାରେ ଆଲୋକର ଅନ୍ତର୍ନିହିତ ରହସ୍ୟ ଅନ୍ୱେଷଣ କରି. ରମଣ ୧୯୨୮ ମସିହା ଫେବୃଆରୀ ୨୮ ତାରିଖରେ ବିଶ୍ୱ ବିଜ୍ଞାନ ଇତିହାସରେ ଏକ ନୂତନ ଅଧ୍ୟାୟ ରଚନା କରିଥିଲେ। ତାଙ୍କର ଏହି ଯୁଗାନ୍ତକାରୀ ଆବିଷ୍କାର 'ରମଣ ପ୍ରଭାବ' ନାମରେ ବିଶ୍ୱବିଖ୍ୟାତ। ଏହି ପ୍ରଭାବରେ ଆଲୋକ କୌଣସି ପଦାର୍ଥର ଅଣୁ ସହ ପାରସ୍ପରିକ କ୍ରିୟା କରିବା ଫଳରେ ବିଚ୍ଛୁରିତ ଆଲୋକର କ୍ଷୁଦ୍ର ଅଂଶର ଶକ୍ତି ଓ ଆବୃତ୍ତି ପରିବର୍ତ୍ତିତ ହୁଏ। ଏହାକୁ 'ଅଣ-ପ୍ରତ୍ୟାସ୍ଥ ଆଲୋକ ବିଚ୍ଛୁରଣ' କୁହାଯାଏ। ଏହି ସୂକ୍ଷ୍ମ ଶକ୍ତି ଆଦାନପ୍ରଦାନର ଆବିଷ୍କାର ପାଇଁ ସେ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିଥିଲେ। ଏହି ଆବିଷ୍କାରରୁ ବିକଶିତ ରମଣ ସ୍ପେକ୍ଟ୍ରୋସ୍କୋପି ଆଜି ରସାୟନ, ଔଷଧ, ଜୈବବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନରେ ପଦାର୍ଥର ଅଣୁଗତ ସଂରଚନା ଓ ରାସାୟନିକ ସ୍ୱରୂପ ଅଧ୍ୟୟନର ଏକ ଅମୂଲ୍ୟ ପଦ୍ଧତି। ଏହି ଐତିହାସିକ ଆବିଷ୍କାରର ସ୍ମୃତିରେ ପ୍ରତିବର୍ଷ ଫେବୃଆରୀ ୨୮ରେ ଭାରତରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୁଏ। ଗୋଲାପର ରକ୍ତିମ ଆଭା, ନୀଳକମଳର ମନୋହର ନୀଳିମା ଅଥବା ସୂର୍ଯ୍ୟମୁଖୀର ସୁବର୍ଣ୍ଣିମ ଦୀପ୍ତି, ପ୍ରତ୍ୟେକ ପୁଷ୍ପର ବର୍ଣ୍ଣବିଭା ପଛରେ ରହିଛି ଆଲୋକ ଓ ପଦାର୍ଥର ଏକ ଚମତ୍କାର ବୈଜ୍ଞାନିକ ପ୍ରକ୍ରିୟା। ପାଖୁଡ଼ାରେ ଥିବା ଆନ୍ଥୋସାୟାନିନ୍ ଓ କାରୋଟିନଏଡ୍ ପରି ପ୍ରାକୃତିକ ରଞ୍ଜକ ସୂର୍ଯ୍ୟାଲୋକର ନିର୍ଦ୍ଦିଷ୍ଟ ତରଙ୍ଗଦୈର୍ଘ୍ୟ ଶୋଷଣ କରି ଅନ୍ୟ ଅଂଶକୁ ପ୍ରତିଫଳିତ କରିଥାନ୍ତି। ଏହି ପ୍ରତିଫଳିତ ଆଲୋକ ଆମ ଚକ୍ଷୁର ରେଟିନାରେ ପହଞ୍ଚି ମସ୍ତିଷ୍କରେ ରଙ୍ଗର ଅନୁଭୂତି ସୃଷ୍ଟି କରେ। କେତେକ ପୁଷ୍ପର ସୂକ୍ଷ୍ମ ମାଇକ୍ରୋ ଓ ନାନୋ-ସଂରଚନା ଆଲୋକର ବ୍ୟତିକରଣ ଓ ବିଚ୍ଛୁରଣ ଦ୍ୱାରା ଗଠନଗତ ରଙ୍ଗର ଅନନ୍ୟ ଆଭା ପ୍ରଦାନ କରେ। ଏଠାରେ ରମଣ ପ୍ରଭାବର ପ୍ରାସଙ୍ଗିକତା ହେଉଛି,ଏହା ଫୁଲର ରଙ୍ଗ ସୃଷ୍ଟି କରେ ନାହିଁ; ବରଂ ରମଣ ସ୍ପେକ୍ଟ୍ରୋସ୍କୋପି ଦ୍ୱାରା ସେହି ରଙ୍ଗ ପଛରେ ଥିବା ରଞ୍ଜକ, ରାସାୟନିକ ଉପାଦାନ ଓ ଅଣୁଗତ ସଂରଚନାକୁ ସୂକ୍ଷ୍ମ ଭାବେ ଅଧ୍ୟୟନ କରାଯାଇପାରେ। ପୁଷ୍ପର ସୌନ୍ଦର୍ଯ୍ୟ କେବଳ ତାହାର ବର୍ଣ୍ଣବିଭାରେ ସୀମିତ ନୁହେଁ; ଏହାର ସୁଗନ୍ଧ ଓ ପରାଗସଞ୍ଚାରକ କୀଟପତଙ୍ଗଙ୍କୁ ଆକର୍ଷିତ କରିବାର ପ୍ରାକୃତିକ କୌଶଳ ମଧ୍ୟ ବିଜ୍ଞାନର ଅନନ୍ୟ ନିଦର୍ଶନ। ଫୁଲର ସୁଗନ୍ଧ ଉଦବାୟୀ ଜୈବିକ ଯୌଗିକରୁ ସୃଷ୍ଟି ହୋଇ ବାୟୁମଣ୍ଡଳରେ ବିସ୍ତାରିତ ହୁଏ। ମହୁମାଛି ପରି କୀଟପତଙ୍ଗ ମଣିଷର ଚକ୍ଷୁକୁ ଅଦୃଶ୍ୟ ଅତିବାଇଗଣି ଆଲୋକରେ ପୁଷ୍ପର ମଧୁ-ପଥପ୍ରଦର୍ଶକ ଚିହ୍ନ ଚିହ୍ନଟ କରି ମଧୁ ଓ ପରାଗ ଆଡ଼କୁ ଆକର୍ଷିତ ହୁଅନ୍ତି। ଅନ୍ୟପକ୍ଷରେ, ପଦ୍ମପତ୍ରର ମହମଯୁକ୍ତ ସୂକ୍ଷ୍ମ ମାଇକ୍ରୋ ଓ ନାନୋ-ସଂରଚନା ଜଳବିନ୍ଦୁକୁ ଗଡ଼ାଇ ନେବା ସହ ଧୂଳିକଣାକୁ ହଟାଇଦିଏ। ଏହି ସ୍ୱୟଂ-ପରିଷ୍କାର ପ୍ରାକୃତିକ ପ୍ରକ୍ରିୟା 'ଲୋଟସ୍ ଇଫେକ୍ଟ' ନାମରେ ପରିଚିତ। ସେହିପରି, ପାଖୁଡ଼ାର କୋଷୀୟ ଜଳଚାପ, କୋଷବୃଦ୍ଧି ଓ ହରମୋନ୍‌ର ସମନ୍ୱିତ କ୍ରିୟା ଫୁଲର ପ୍ରସ୍ଫୁଟନକୁ ନିୟନ୍ତ୍ରଣ କରେ। ଏହି ସମସ୍ତ ପ୍ରକ୍ରିୟା ଆଲୋକ, ରସାୟନ ଓ ଜୀବବିଜ୍ଞାନର ଅଦ୍ଭୁତ ସମନ୍ୱୟକୁ ପ୍ରତିପାଦିତ କରେ। ପ୍ରକୃତିର ଏହି ସୂକ୍ଷ୍ମ କୌଶଳ ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତି ପାଇଁ ନୂତନ ଦିଗନ୍ତ ଉନ୍ମୋଚନ କରୁଛି। ପଦ୍ମପତ୍ରର ଜଳବିକର୍ଷୀ ଗୁଣକୁ ଅନୁକରଣ କରି ବିଜ୍ଞାନୀମାନେ ସ୍ୱୟଂ-ପରିଷ୍କାର କାଚ, ଜଳବିକର୍ଷୀ ଆବରଣ ଓ ନୂତନ ପଦାର୍ଥ ବିକଶିତ କରୁଛନ୍ତି। ସେହିପରି, ପୁଷ୍ପର ନାନୋ-ସଂରଚନା ଓ ଆଲୋକୀୟ ଗୁଣ ଫୋଟୋନିକ୍ସ, ନାନୋ- ପ୍ରଯୁକ୍ତି ଓ ଜୈବ-ଅନୁପ୍ରାଣିତ ପଦାର୍ଥ ନିର୍ମାଣ ପାଇଁ ଗବେଷଣାର ନୂତନ ସମ୍ଭାବନା ସୃଷ୍ଟି କରୁଛି। ଏକ କ୍ଷୁଦ୍ର ପୁଷ୍ପର ପାଖୁଡ଼ାରେ ଲୁଚିଥିବା ଏହି ବିଶାଳ ବୈଜ୍ଞାନିକ ଜଗତ ଆମକୁ ଶିଖାଏ ଯେ ପ୍ରକୃତି କେବଳ ସୌନ୍ଦର୍ଯ୍ୟର ଆଧାର ନୁହେଁ, ବରଂ ମାନବୀୟ ଜ୍ଞାନ, ଗବେଷଣା ଓ ନବସୃଜନର ଏକ ଅକ୍ଷୟ ପ୍ରେରଣାସ୍ରୋତ। ପୁଷ୍ପ ପାଖୁଡ଼ାରେ ରମଣ ପ୍ରଭାବର ଅଧ୍ୟୟନ ପ୍ରକୃତି ଓ ବିଜ୍ଞାନ ମଧ୍ୟରେ ଥିବା ଅଭିନ୍ନ ସମ୍ପର୍କର ଏକ ଅନନ୍ୟ ଦୃଷ୍ଟାନ୍ତ। ଯେଉଁ ରମଣ ପ୍ରଭାବ ଦିନେ ସମୁଦ୍ରର ନୀଳିମାର ରହସ୍ୟ ଅନୁସନ୍ଧାନରେ ପ୍ରେରଣା ପାଇଥିଲା, ତାହା ଆଜି ପୁଷ୍ପର ଅନ୍ତର୍ନିହିତ ବୈଜ୍ଞାନିକ ରହସ୍ୟ ଉନ୍ମୋଚନରେ ସହାୟକ। ଏହା କେବଳ ପଦାର୍ଥ ବିଜ୍ଞାନର ସଫଳତା ନୁହେଁ, ବରଂ ଉଦ୍ଭିଦ ଓ ପରିବେଶ ବିଜ୍ଞାନର ନୂତନ ଦିଗନ୍ତ। ପ୍ରକୃତିର ପ୍ରତ୍ୟେକ କ୍ଷୁଦ୍ର ସୃଷ୍ଟିରେ ନିହିତ ବିଶାଳ ବୈଜ୍ଞାନିକ ଜଗତର ଅନ୍ୱେଷଣ ହିଁ ଜ୍ଞାନଯାତ୍ରାକୁ ଆଗେଇ ନିଏ।

ଗଣତନ୍ତ୍ରର ଆତ୍ମା ଉପରେ ଏକ ପ୍ରଶ୍ନବାଚୀ !



ଅସିତ ମହାନ୍ତି
ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

ନିର୍ବାଚନ ଆୟୋଗର ଏକ ମନ୍ତବ୍ୟ ଉପରେ 'ସୁପ୍ରିମକୋର୍ଟ ECIକୁ ଭର୍ତ୍ସନା କରିଛନ୍ତି: ECI(ଭାରତ ନିର୍ବାଚନ ଆୟୋଗ) କହିଛି ଯେ ୨୦୨୩ ରେ ଅନୁଷ୍ଠିତ ନିର୍ବାଚନର ଭିଡିଓ ରେକର୍ଡିଂ ଲିଭାଇ ଦିଆଯାଇଛି। ଏହି ମନ୍ତବ୍ୟ ଉପରେ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ECI କିପରି କହିପାରିବ ଯେ ଏହାର ରେକର୍ଡଗୁଡିକ ନଷ୍ଟ ହୋଇଯାଇଛି, ଆପଣଙ୍କର ସମ୍ପୂର୍ଣ୍ଣ କାର୍ଯ୍ୟ ନିର୍ବାଚନ କରାଇବା ଏବଂ ଏଥିପାଇଁ ଆପଣଙ୍କର ଡକ୍ୟୁମେଣ୍ଟ୍ ରହିବା ଉଚିତ୍ । ତେବେ ତୁମେ କିପରି କହିପାରିବ ଯେ ଆମେ ଏହାକୁ ଖୋଜିବାକୁ ଚେଷ୍ଟା କରୁଛୁ। ଏହା ହେଉଛି ଜଷ୍ଟିସ ସଞ୍ଜୟ କୁମାର ଏବଂ ଜଷ୍ଟିସ ସଞ୍ଜୀବ ସଚ୍ଚଦେବାଙ୍କ ପୀଠର ଉକ୍ତି ।' ଏଥିରୁ ଏହା ସ୍ପଷ୍ଟ ହୋଇଛି ଯେ ଭୋଟ୍ ଗାୟବ ହୋଇଛି। ସେଥିପାଇଁ ଡକ୍ୟୁମେଣ୍ଟ୍ ଉପଲବ୍ଧ ନାହିଁ ବୋଲି କୁହାଯାଉଛି। ଏତେ ବଡ ଅନୁଷ୍ଠାନ ଯାହା ସମଗ୍ର ସିଷ୍ଟମକୁ କଣ୍ଟ୍ରୋଲ କରେ, ଯଦି ସଂସ୍ଥା କହେ, ଡକ୍ୟୁମେଣ୍ଟ୍ ସେମାନଙ୍କ ପାଖରେ ଉପଲବ୍ଧ ନୁହେଁ ତେବେ ଏହା ଗଣତନ୍ତ୍ର ଉପରେ ଏକ ପ୍ରଶ୍ନଚିହ୍ନ ସୃଷ୍ଟି କରେ। ଏହା ଗଣତନ୍ତ୍ର କି ? ଗଣତନ୍ତ୍ରର ଆତ୍ମା ଉପରେ ଏକ ପ୍ରଶ୍ନବାଚୀ - ଭାରତୀୟ ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ସ୍ୱଚ୍ଛତା ଏବଂ ଜନସାଧାରଣଙ୍କ ବିଶ୍ୱାସ। ନିର୍ବାଚନ କମିଶନଙ୍କୁ ଏହି ସ୍ୱଚ୍ଛତାର ରକ୍ଷକ ବୋଲି ବିବେଚନା କରାଯାଏ। କିନ୍ତୁ ଯେତେବେଳେ ସେହି ସଂସ୍ଥା ଦାବି କରେ ଯେ ସେ ଭୋଟ ଗଣନାର ଭିଡିଓ ରେକର୍ଡିଂ 'ହରାଇ ଦେଇଛି', ଏହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ ବରଂ ଗଣତନ୍ତ୍ରର ମୂଳଦୁଆରେ ଏକ ଗଭୀର ଫାଟ। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ସଞ୍ଜୀବ ସଚଦେବ ଏହି ପ୍ରସଙ୍ଗରେ କଠୋର ମନ୍ତବ୍ୟ ଦେଇଛନ୍ତି, କେବଳ ଏକ ଆଇନଗତ ପ୍ରତିକ୍ରିୟା ନୁହେଁ, ବରଂ ଗଣତାନ୍ତ୍ରିକ ଚେତନା ପ୍ରତି ଏକ ଆହ୍ୱାନ। ନିର୍ବାଚନ କମିଶନଙ୍କ କାମ କେବଳ ନିର୍ବାଚନ ପରିଚାଳନା କରିବା ନୁହେଁ, ବରଂ ପ୍ରତ୍ୟେକ ଭୋଟ ସୁରକ୍ଷିତ, ପ୍ରତ୍ୟେକ ପ୍ରକ୍ରିୟା ସ୍ୱଚ୍ଛ ଏବଂ ପ୍ରତ୍ୟେକ ଫଳାଫଳରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ନିଶ୍ଚିତ କରିବା। ଯଦି କମିଶନ କୁହନ୍ତି ଯେ ଏହା ଡକ୍ୟୁମେଣ୍ଟ ଖୋଜିବାକୁ ଚେଷ୍ଟା କରୁଛି, ତେବେ ଏହା ଗଣତନ୍ତ୍ର ପାଇଁ ଏକ ଭୟଙ୍କର ସଙ୍କେତ। ଏହା ସେହି ସଂସ୍ଥା ଯାହା ଉପରେ ସମଗ୍ର ଦେଶ ନିର୍ବାଚନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ନିର୍ଭର କରେ। ଇତିହାସ ସାକ୍ଷୀ ଅଛି ଯେ ଯେତେବେଳେ ଏକ ଗଣତାନ୍ତ୍ରିକ ସଂସ୍ଥା ତାର ଦାୟିତ୍ୱ ହରାଇଥାଏ, ସାଧାରଣ ଲୋକଙ୍କ ବିଶ୍ୱାସ ଭାଙ୍ଗିଯାଏ ଏବଂ ଗଣତନ୍ତ୍ର ଦୁର୍ବଳ ହୋଇଯାଏ। ରେକର୍ଡିଂଗୁଡ଼ିକ ଉପଲବ୍ଧ ନ ଥିବା ବିଷୟରେ ନିର୍ବାଚନ କମିଶନଙ୍କ ବିବୃତ୍ତି ସିଧାସଳଖ ସୂଚାଇ ଦିଏ ଯେ ଭୋଟ ଗାୟବ ହୋଇଯାଇଛି। କାରଣ ଯଦି ସବୁକିଛି ସ୍ୱଚ୍ଛ ହୋଇଥାନ୍ତା, ତେବେ ଡକ୍ୟୁମେଣ୍ଟ ଏବଂ ରେକର୍ଡିଂଗୁଡ଼ିକ ସୁରକ୍ଷିତ ରହିଥାନ୍ତା। ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ଗୁରୁତ୍ୱପୂର୍ଣ୍ଣ କାରଣ ଏହା କେବଳ ନିର୍ବାଚନ କମିଶନଙ୍କ ଅବହେଳା ଉପରେ ଆକ୍ରମଣ ନୁହେଁ, ବରଂ ଗଣତନ୍ତ୍ରର ଆତ୍ମା ଉପରେ ଆକ୍ରମଣ। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ଏତେ ବଡ଼ ସଂସ୍ଥା, ଯାହା ଉପରେ ସମଗ୍ର ନିର୍ବାଚନ ବ୍ୟବସ୍ଥା ନିର୍ଭର କରେ, ଦାବି କରେ ଯେ ଏହାର ପାଖରେ ଡକ୍ୟୁମେଣ୍ଟର ଅଭାବ ଅଛି, ତେବେ ଏହା ଗଣତନ୍ତ୍ର ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରେ। ଏହି ପ୍ରଶ୍ନ କେବଳ ବୈଷୟିକ ନୁହେଁ। ଏହା ଏକ ପ୍ରଶ୍ନ ଯେ ଆମେ ପ୍ରକୃତରେ ଏକ ଗଣତନ୍ତ୍ରରେ ରହୁଛୁ କି ନାହିଁ। ଏହା କ'ଣ ଗଣତନ୍ତ୍ର ଯେଉଁଠାରେ ଜନସାଧାରଣ ସେମାନଙ୍କର ଭୋଟ ଦିଅନ୍ତି, କିନ୍ତୁ ଫଳାଫଳର ପ୍ରମାଣ ଅଦୃଶ୍ୟ ହୋଇଯାଏ? ଏହା କ'ଣ ଗଣତନ୍ତ୍ର ଯେଉଁଠାରେ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କର ଦାୟିତ୍ୱ ଏଡ଼ାଇବା ପାଇଁ 'ହଜିଗଲା' ଭଳି ଶବ୍ଦ ବ୍ୟବହାର କରନ୍ତି ? ଯଦି ନିର୍ବାଚନ କମିଶନ ସରକାରୀ ପ୍ରଭାବରେ ପଡ଼ିଯାଆନ୍ତି, ତେବେ ଗଣତନ୍ତ୍ରର ମୂଳଦୁଆ ଗଭୀର ବିପଦରେ ପଡ଼ିଯିବ। ଗଣତନ୍ତ୍ରର ମୂଳଦୁଆ ହେଉଛି ପ୍ରତିଷ୍ଠାନଗୁଡ଼ିକ ସ୍ୱାଧୀନ ଏବଂ ନିରପେକ୍ଷ ରହିବା। ନିର୍ବାଚନ କମିଶନର କାମ ହେଉଛି ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା। ଯଦି ସଂସ୍ଥା କ୍ଷମତାର ଚାପରେ ବଶବର୍ତ୍ତୀ ହୁଅନ୍ତି, ତେବେ ଗଣତନ୍ତ୍ର କେବଳ ନାମକୁ ହୋଇଯିବ। ପ୍ରଥମତଃ, ନିର୍ବାଚନ କମିଶନର ନିରପେକ୍ଷତା ହଜିଯିବ। ଏହାର ଅର୍ଥ ହେବ ନିର୍ବାଚନ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ବିଶ୍ୱାସ ଭାଙ୍ଗିଯିବ। ଲୋକମାନେ ବିଶ୍ୱାସ କରିବାକୁ ଆରମ୍ଭ କରିବେ ଯେ ଫଳାଫଳ ପୂର୍ବନିର୍ଦ୍ଧାରିତ ହୋଇଥିବାରୁ ସେମାନଙ୍କ ଭୋଟର କୌଣସି ମୂଲ୍ୟ ନାହିଁ। ଏହି ପରିସ୍ଥିତି ଗଣତନ୍ତ୍ରକୁ କେବଳ ପ୍ରହସନରେ ପରିଣତ କରିବ। ଦ୍ୱିତୀୟତଃ, ସରକାରଙ୍କ ପକ୍ଷ ରଖିବା ଏବଂ ଏହାର ଭୁଲକୁ ଅଣଦେଖା କରିବା ନାଗରିକଙ୍କ ନ୍ୟାୟ ପାଇବାର ସମ୍ଭାବନାକୁ ଦୂର କରିଦେବ। କୋର୍ଟ ହେଉଛି ଗଣତନ୍ତ୍ରର ସର୍ବୋତ୍ତମ ରକ୍ଷକ। ଯଦି ସମାନ ସଂସ୍ଥା ସରକାରଙ୍କ ସହିତ ସହଯୋଗ କରେ, ତେବେ ଜନସାଧାରଣଙ୍କ ପାଖରେ ସ୍ୱର ଉଠାଇବା ପାଇଁ କୌଣସି ମଞ୍ଚ ରହିବ ନାହିଁ। ତୃତୀୟତଃ, ଏପରି ପରିସ୍ଥିତିରେ, ଗଣତନ୍ତ୍ର ଧୀରେ ଧୀରେ ଏକ ପ୍ରହସନରେ ପରିଣତ ହେବ। ସାମ୍ବିଧାନିକ ବ୍ୟବସ୍ଥା ରହିବ, ନିର୍ବାଚନ ହେବ, କିନ୍ତୁ ସବୁକିଛି ଶାସକ ଦଳର ନିୟନ୍ତ୍ରଣରେ ରହିବ। ଲୋକଙ୍କ ଅଧିକାର କେବଳ କାଗଜପତ୍ରରେ ରହିବ। ଇତିହାସ ଦେଖାଇଛି ଯେ ଯେତେବେଳେ ଅନୁଷ୍ଠାନଗୁଡ଼ିକ କ୍ଷମତାର ଚାପରେ ବଶୀଭୂତ ହୁଅନ୍ତି, ଗଣତନ୍ତ୍ର ଏକଛତ୍ରବାଦରେ ପରିଣତ ହୁଏ। ଜନସାଧାରଣଙ୍କ ସ୍ୱରକୁ ଦମନ କରାଯାଏ, ପ୍ରତିବାଦକୁ ଚୂର୍ଣ୍ଣ କରାଯାଏ ଏବଂ କ୍ଷମତା କେନ୍ଦ୍ରୀଭୂତ ହୁଏ। ତେଣୁ, ଯଦି ନିର୍ବାଚନ କମିଶନ ସରକାରଙ୍କ ପକ୍ଷ ହୁଅନ୍ତି, ତେବେ ଗଣତନ୍ତ୍ରର ପ୍ରକୃତ ମର୍ମ ହଜିଯିବ। ଏହି ପରିସ୍ଥିତି ଆମକୁ ବିଚାର କରିବାକୁ ବାଧ୍ୟ କରେ ଯେ ଗଣତନ୍ତ୍ରର ସଂରକ୍ଷଣ କେବଳ ଅନୁଷ୍ଠାନ ଉପରେ ନୁହେଁ, ବରଂ ଜନସଚେତନତା ଏବଂ ସଂଘର୍ଷ ଉପରେ ମଧ୍ୟ ନିର୍ଭର କରେ। ଯେତେବେଳେ ଜନସାଧାରଣ ସଚେତନ ରହିବେ ଏବଂ ସ୍ୱର ଉଠାଇବେ, କେବଳ ସେତେବେଳେ ଅନୁଷ୍ଠାନଗୁଡ଼ିକ ସ୍ୱାଧୀନ ରହିପାରିବେ। ଗଣତନ୍ତ୍ର କେବଳ ନିର୍ବାଚନ କରିବା ବିଷୟରେ ନୁହେଁ। ଗଣତନ୍ତ୍ରର ଅର୍ଥ ହେଉଛି ଜନସାଧାରଣଙ୍କ ବିଶ୍ୱାସ। ଯେତେବେଳେ ଜନସାଧାରଣ ଅନୁଭବ କରନ୍ତି ଯେ ସେମାନଙ୍କର ଭୋଟ ସୁରକ୍ଷିତ ନୁହେଁ, ସେମାନଙ୍କର ଅଧିକାର ଚୋରି ହେଉଛି, ସେତେବେଳେ ଗଣତନ୍ତ୍ର କେବଳ ପ୍ରହସନ ହୋଇଯାଏ। ନିର୍ବାଚନ କମିଶନଙ୍କ ଏହି ମନୋଭାବ ଗଣତନ୍ତ୍ରର ଆତ୍ମାକୁ ଦୁର୍ବଳ କରିଦିଏ। ଆଜି, ନିର୍ବାଚନ କମିଶନକୁ ଏହାର ଉତ୍ତରଦାୟିତ୍ୱ ପୁନଃସ୍ଥାପନ କରିବାକୁ ପଡିବ। ଏହା ପ୍ରଦର୍ଶନ କରିବା ଉଚିତ ଯେ ଏହା କେବଳ ଏକ ପ୍ରଶାସନିକ ସଂସ୍ଥା ନୁହେଁ, ବରଂ ଗଣତନ୍ତ୍ରର ରକ୍ଷକ। ଏହା ପ୍ରମାଣ କରିବାକୁ ପଡିବ ଯେ ପ୍ରତ୍ୟେକ ଭୋଟକୁ ସୁରକ୍ଷା ଦେବା ଏହାର ସର୍ବୋଚ୍ଚ ପ୍ରାଥମିକତା।ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ଆମକୁ ମନେ ପକାଇ ଦେଉଛି ଯେ ଗଣତନ୍ତ୍ର କେବଳ ସମ୍ବିଧାନର ବ୍ୟବସ୍ଥାରେ ନୁହେଁ, ବରଂ ଲୋକଙ୍କ ବିଶ୍ୱାସରେ ବଞ୍ଚି ରହିଥାଏ। ଯଦି ସେହି ବିଶ୍ୱାସ ଭଙ୍ଗ ହୁଏ, ତେବେ ସମ୍ବିଧାନର ବ୍ୟବସ୍ଥା ମଧ୍ୟ କେବଳ କାଗଜପତ୍ରରେ ପରିଣତ ହୁଏ। ଏହି ଘଟଣା ଆମକୁ ବିଚାର କରିବାକୁ ବାଧ୍ୟ କରିଛି ଯେ ଆମର ପ୍ରତିଷ୍ଠାନଗୁଡ଼ିକ ପ୍ରକୃତରେ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ କି ? ସେମାନେ କ'ଣ କେବଳ କ୍ଷମତା ଚାପରେ କାର୍ଯ୍ୟ କରୁଛନ୍ତି ? ଯଦି ନିର୍ବାଚନ କମିଶନ ଭଳି ଏକ ସଂସ୍ଥା ଦାବି କରେ ଯେ ଏହାର ରେକର୍ଡିଂର ଅଭାବ ଅଛି, ତେବେ ଏହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ ବରଂ ଗଣତନ୍ତ୍ରର ଆତ୍ମା ଉପରେ ଏକ ପ୍ରଶ୍ନବାଚୀ। ଆମେ ଆମର ସଂସ୍ଥାଗୁଡ଼ିକୁ କେତେ ଦାୟୀ କରିପାରିବୁ ତାହା ଉପରେ ଗଣତନ୍ତ୍ରର ଭବିଷ୍ୟତ ନିର୍ଭର କରେ। ଯଦି ଅନୁଷ୍ଠାନଗୁଡ଼ିକ ସ୍ୱଚ୍ଛତା ହରାଏ, ତେବେ ଗଣତନ୍ତ୍ର କେବଳ ଏକ ନାମ ହୋଇଯାଏ। ତେଣୁ, ଆଜି ପ୍ରତ୍ୟେକ ନାଗରିକଙ୍କ ସାମ୍ନାରେ ପ୍ରଶ୍ନ ହେଉଛି - ଏହା କ'ଣ ଗଣତନ୍ତ୍ର, ଯଦି ନୁହେଁ, ତେବେ ଆମକୁ ଆମର ପ୍ରତିଷ୍ଠାନଗୁଡ଼ିକୁ ପୁଣି ଥରେ ସ୍ୱଚ୍ଛ ଏବଂ ଉତ୍ତରଦାୟୀ କରିବା ପାଇଁ ସ୍ୱର ଉଠାଇବାକୁ ପଡିବ। କାରଣ ଗଣତନ୍ତ୍ର କେବଳ ଭୋଟ ଦେଇ ନୁହେଁ, ବରଂ ଭୋଟକୁ ସୁରକ୍ଷା ଦେଇ ବଞ୍ଚିଥାଏ।

ଭାରତ ମାତାର ଯୋଗଜନ୍ମା ରାଷ୍ଟ୍ରଭକ୍ତ ଲାଲ ବାହାଦୁର ଶାସ୍ତ୍ରୀ -୨



ପ୍ରଦୀପ ସେନାପତି
ଲିଙ୍ଗରାଜ ସଂସ୍କୃତି ଗବେଷକ
ସାମନ୍ତରାପୁର, ଭୁବନେଶ୍ୱର-୨,
ମୋ : ୭୮୪୮୮୯୮୪୫୬

ନିଜର ଜ୍ୟେଷ୍ଠ ପୁତ୍ର ହରିକୃଷ୍ଣଙ୍କ ସହିତ କଥା ହେଲେ। ଘରର ହାଲଚାଲ ପଚାରିଲେ ଏବଂ କହିଲେ, "ମୁଁ ଠିକ୍ ଅଛି। କାବୁଲ ବାଟ ଦେଇ ବୁଧବାର ଘରେ ପହଞ୍ଚିବି। ଦିଲ୍ଲୀର ସମାଚାର ପତ୍ର ମୋ ପାଖକୁ କାବୁଲକୁ ପଠାଇଦିଅ।" ରାତି ୧୧ଟାବେଳେ ଶାସ୍ତ୍ରୀଜୀ ତତ୍‌କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ଗୁଲଜାରୀଲାଲ ନନ୍ଦାଙ୍କୁ ଟେଲିଫୋନ କରିଥିଲେ। ଦୁଇଜଣଙ୍କ କଥାବାର୍ତ୍ତା ମର୍ମସ୍ପର୍ଶୀ ଥିଲା। ନନ୍ଦାଜୀ କହିଥିଲେ, "ଆପଣ କେବଳ ଯୁଦ୍ଧର ନେତା ନୁହନ୍ତି, ଆପଣ ଶାନ୍ତିର ନେତା ବୋଲି ମଧ୍ୟ ପ୍ରମାଣିତ ହେଲା।"

ଶାସ୍ତ୍ରୀଜୀ ବିନମ୍ରତାର ସହ ନନ୍ଦାଜୀଙ୍କୁ କହିଲେ - "ଆପଣ ମୋତେ କାବୁଲରେ ଗୋଟିଏ ଦିନ ଅଧିକ ରହିବା ପାଇଁ ଅନୁମତି ଦିଅନ୍ତୁ।"

୧୧ ଜାନୁଆରୀରେ ତାସକେଣ୍ଟର ସମୟ ଅନୁସାରେ ରାତି ୧ଟା ୩୨ ମିନିଟ୍‌ରେ ତାଙ୍କର ଦେହାନ୍ତ ହୋଇଗଲା। ସେହି ସମୟରେ ଭାରତରେ ୧ଟା ୦୨ମିନିଟ୍ ହୋଇଥିଲା। ଏହା ଏକବାର ଆକସ୍ମିକ ଥିଲା। ଆଶଙ୍କାରେ ଜର୍ଜରିତ ଶ୍ରୀମତୀ ଲଳିତା ଶାସ୍ତ୍ରୀଙ୍କୁ ସେହି ରାତିରେ ଦୁଇଥର ଉଠି ଫୋନ୍ ପାଖକୁ ଆସିବାକୁ ପଡ଼ିଥିଲା। ମାତ୍ର ତାଙ୍କୁ ଜଣାଇ ଦିଆଯାଇଥିଲା କି, ଶାସ୍ତ୍ରୀଜୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ୧୧ଟା ବେଳରୁ ଶୋଇଛନ୍ତି। ଏହା ପୂର୍ବରୁ ସେ ତାଙ୍କର ଚାକରକୁ କହିଥିଲେ - "କାଲି ସକାଳୁ ବିଛଣା ବାନ୍ଧିଦେବ।" ପୁଣି ଶୋଇପଡ଼ିଥିଲେ। ପ୍ରାୟ ରାତି ଗୋଟାଏ ବେଳକୁ ତାଙ୍କର କାଶ ହେଲା। ତାଙ୍କର ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ଚୁଗ୍ ଯିଏ ଭାରତର ୱିଲିଙ୍ଗଟନ ଡାକ୍ତରଖାନା ଦିଲ୍ଲୀରୁ ଯାଇଥିଲେ, ତାଙ୍କୁ ଡକାଗଲା। ଡାକ୍ତର ନିଦରୁ ଉଠି ଦେଖିଲେ ଏବଂ ଇଂଜେକସନ ଦେଲେ। ଧୀରେ ଧୀରେ ସେ ବେହୋସ ହୋଇଗଲେ। କଣ୍ଠରୁଦ୍ଧ ହେବା ପୂର୍ବରୁ ତାଙ୍କ ଶେଷ ଶବ୍ଦ ଥିଲା - "ହାୟ ମାଆ, ହାୟ ରାମ।" ରୁଷ ଏବଂ ଭାରତୀୟ ଚିକିତ୍ସକମାନଙ୍କ ମିଳିତ ପ୍ରଚେଷ୍ଟାରେ ମଧ୍ୟ ତାଙ୍କୁ ପୁନଃ ସଚେତନ କରାଯାଇପାରିଲା ନାହିଁ ଏବଂ ତାଙ୍କର ହୃଦ୍‌ଗତି ବନ୍ଦ ହୋଇଯିବା ପରେ ମୃତ୍ୟୁ ହୋଇଗଲା। ଏହା ଘୋଷଣା କରିଦିଆଗଲା। ଭାରତରେ କାହାକୁ ଏହି ସମାଚାର ଉପରେ ବିଶ୍ୱାସ ହେଲା ନାହିଁ। ଶ୍ରୀମତୀ ଲଳିତା ଶାସ୍ତ୍ରୀ ଏହି ସମାଚାରକୁ ଶୁଣି ଅଚେତ ହୋଇଗଲେ। ଶାସ୍ତ୍ରୀଜୀଙ୍କର ୯୭ ବର୍ଷୀୟ ଦାଦା ହରପ୍ରସାଦ ସେଠାରେ ବସିଥିଲେ, ତାଙ୍କର ଲୁହ ଅବିରତ ଗଡ଼ିଚାଲିଥିଲା। ତାଙ୍କର ବୃଦ୍ଧାମାତା ରାମଦୁଲାରୀ ୮୫ ବର୍ଷର ଥିଲେ। ତାଙ୍କର ବିଶ୍ୱାସ ମଧ୍ୟ ହେଲା ନାହିଁ। ସେ କହିଲେ, "ନାହିଁ, ମୋ ପୁଅର ମୃତ୍ୟୁ କିପରି ହେବ? ସେ ଜୀବିତ!" ସୋଭିଏତ ସଂଘର ପ୍ରଧାନମନ୍ତ୍ରୀ କୋସିଜିନ କହିଲେ, "ସବୁ ରୁଷବାସୀ ଏହି ଭାରତୀୟଙ୍କ ଶବ ସମ୍ମୁଖରେ ନିଜର ମଥାନତ କରନ୍ତି, ଯିଏ ସାରା ପୃଥିବୀରେ ସ୍ଥାୟୀ ଶାନ୍ତି ଓ ମୈତ୍ରୀ ପାଇଁ ଏତେ କିଛି କରିଗଲେ। ଶାସ୍ତ୍ରୀଜୀ ଆମ ସମୟର ମହାନ୍ ବ୍ୟକ୍ତି ଥିଲେ। ସେ ଅନ୍ତିମ ଦିନ ପର୍ଯ୍ୟନ୍ତ ଭାରତୀୟ ଜନତାଙ୍କ କଲ୍ୟାଣ ଏବଂ ଶାନ୍ତି ପାଇଁ ଯତ୍ନଶୀଳ ଥିଲେ। ଶାସ୍ତ୍ରୀଜୀ ଭାରତ-ପାକିସ୍ତାନ ମୈତ୍ରୀର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ।" ଶାସ୍ତ୍ରୀଜୀଙ୍କର ଶବ ନେଇ ବିମାନ ଯେତେବେଳେ ପାକିସ୍ତାନ ସୀମାରେ ଉଡ଼ି ଯାଉଥିଲା, ଲୋକମାନେ ତାସକେଣ୍ଟ ଚୁକ୍ତିର ସେହି ନେତାଙ୍କ ଗୁରୁତ୍ୱକୁ ମଧ୍ୟ ଉପଲବ୍ଧି କରୁଥିଲେ। ଜାନୁଆରୀର ଥଣ୍ଡା, କିନ୍ତୁ ସୂର୍ଯ୍ୟକିରଣଠାରୁ ମଧ୍ୟ ଅଧିକ ଦଗ୍ଧକାରୀ ଥିଲା ଏହି ଘଟଣା।

କାବୁଲରେ ଖାନ ଅବଦୁଲ ଗଫର ଖାନ (ସୀମାନ୍ତ ଗାନ୍ଧି) ଦୁଇ ଦେଶ ମଧ୍ୟରେ ଶାନ୍ତିର ବଡ଼ ପ୍ରତୀକ୍ଷା କରିଥିଲେ। ଖାଁ ସାହେବ ଭୋ ଭୋ ହୋଇ କାନ୍ଦିଲେ ଏବଂ ଭାରତୀୟ ଦୂତାବାସକୁ ଯାଇ ଅଧିକାରୀଙ୍କୁ ଏକ ଫୁଲତୋଡ଼ା ଦେଲେ। କିପରି ସଂଯୋଗ ଥିଲା। ଶାସ୍ତ୍ରୀଜୀ କାବୁଲରେ ଅଟକିବାକୁ ଚାହୁଁଥିଲେ ଏବଂ ସୀମାନ୍ତ ଗାନ୍ଧି ତାଙ୍କୁ ଫୁଲତୋଡ଼ା ଉପହାର ଦେବାକୁ ଚାହୁଁଥିଲେ, ଯାହାକୁ ଅନ୍ତତଃ ତାଙ୍କ ଶବ ଉପରେ ଦିଆଗଲା। ୧୯୬୬ ମସିହା ଜାନୁଆରୀ ୧୧ ତାରିଖ ଦିନ ଦୁଇଟା ତିରିଶ ମିନିଟରେ ଶାସ୍ତ୍ରୀଜୀଙ୍କ ଶବ ପାଲମ ବିମାନ ବନ୍ଦରରେ ଅବତରଣ କଲା। ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ଶୋକ ବିହ୍ୱଳ ହୋଇ କହିଥିଲେ - "ଲାଲବାହାଦୁର ଜଣେ ଦୃଢ଼ପ୍ରତିଜ୍ଞ ରାଷ୍ଟ୍ରବାଦୀ ଥିଲେ ଏବଂ ତାସକେଣ୍ଟରେ ଭାରତ ପାକିସ୍ତାନ ବିବାଦ ଶେଷ କରିବାର ଉଦ୍ୟମରେ ସେ ନିଜର ଜୀବନ ଦେଇଦେଲେ। ସାରା ଦେଶ ତାଙ୍କର ଋଣୀ ଏବଂ ଶୋକସନ୍ତପ୍ତ ଅଟେ। ସେ ଆମ ଦେଶର ଅତ୍ୟନ୍ତ କଠିନ ସମୟରେ ପ୍ରାୟ ଅଠର ମାସ ପ୍ରଧାନମନ୍ତ୍ରୀ ପଦରେ ରହି ଦେଶର ସେବା କରିଥିଲେ। ଶାସ୍ତ୍ରୀଜୀ ଜଣେ ଗଣନେତା ଥିଲେ ଏବଂ ଏହି କଥା କେବେ ହେଲେ ଭୁଲିଯିବାର ନୁହେଁ ଯେ ଶେଷ ନିଃଶ୍ୱାସ ଛାଡ଼ିବା ପର୍ଯ୍ୟନ୍ତ କର୍ମରତ ଥିଲେ।" ୧୯୬୬ ମସିହା ଜାନୁଆରୀ ୧୨ ତାରିଖ ସକାଳ ନଅଟାଠାରୁ ଏକ ବିଶାଳ ଭିଡ଼ ତାଙ୍କର ବାସଭବନଠାରୁ ବିମାନ ବନ୍ଦର ପର୍ଯ୍ୟନ୍ତ ଲାଗି ରହିଥିଲା। ଦିଲ୍ଲୀର ନାଗରିକମାନେ ସଡ଼କ ଉପରେ ଜମି ରହିଥିଲେ। ସବୁ ବଜାର ବନ୍ଦ ରହିଥିଲା। ଦୂରଦୂରାନ୍ତରୁ ଲୋକମାନେ ଶୀଘ୍ର ଆସିବାକୁ ବ୍ୟଗ୍ର ହୋଇ ଉଠୁଥିଲେ। ଡକ୍ଟର ଜାକୀର ହୁସେନ ନିଜର ଶ୍ରଦ୍ଧା ପ୍ରକାଶ କରି କହିଥିଲେ - "ମୋର ପ୍ରିୟ ମିତ୍ର(ଶାସ୍ତ୍ରୀଜୀ) ଶାନ୍ତିର ବଳିବେଦୀ ଉପରେ ନିଜକୁ ଉତ୍ସର୍ଗ କରିଦେଲେ। ଶୋକରେ ବୁଡ଼ିଯାଇଥିବା ସାରାରାଷ୍ଟ୍ର କେବଳ ତାଙ୍କୁ ସମ୍ମାନ ଦେଉ ନଥିଲା, ଭଲ ମଧ୍ୟ ପାଉଥିଲା। ସେ ଜନତାର ଲୋକ ଥିଲେ ଏବଂ ତାଙ୍କୁ ସେହି ବ୍ୟକ୍ତି ରୂପରେ ସର୍ବଦା ମନେରଖି ହେବ ଯେ ତାଙ୍କରି ସେବାରେ ନିଜ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ପରିଶ୍ରମ କରି ଚାଲିଥିଲେ। ବିଶ୍ୱଶାନ୍ତିର ନିର୍ମାତାମାନଙ୍କ ମଧ୍ୟରେ ତାଙ୍କର ନାମ ସର୍ବଦା ଆଲୋକିତ ରହିବ।" ସମସ୍ତଙ୍କ ହୃଦୟ ଶୋକାଭିଭୂତ ଥିଲା। ଆଖି ଛଳଛଳ ହୋଇ ଉଠିଥିଲା। ସର୍ବପ୍ରଥମେ ସର୍ଦ୍ଦାର ସ୍ୱର୍ଣ୍ଣସିଂହ ଦୁଃଖୀ ସୁମନ୍ତଙ୍କ ପରି ବିମାନରୁ ଓହ୍ଲାଇଲେ; ପୁଣି ପ୍ରତିରକ୍ଷା ମନ୍ତ୍ରୀ ଯଶବନ୍ତ ରାଓ ଚହ୍ୱାନ ଓହ୍ଲାଇଲେ। ତା'ପରେ ଅନ୍ୟଲୋକମାନେ ଓହ୍ଲାଇଲେ। ଶ୍ରୀ ହରିକୃଷ୍ଣଙ୍କୁ ଦିବଂଗତ ବିଜୟୀ ଯୋଦ୍ଧାଙ୍କୁ ଦର୍ଶନ କରାଗଲା ପରେ ସେ ଭୋ ଭୋ ହୋଇ କାନ୍ଦି ପକାଇଲେ। ଲର୍ଡ ଟେନିସନଙ୍କ ଏକ କବିତାର ଶୀର୍ଷକ ଥିଲା - 'ହୋମ ଦ ବ୍ରଥ୍ ଦେୟାର ୱାରିୟର ଡ଼େଡ଼।' ଶାସ୍ତ୍ରୀଜୀଙ୍କ ବିଜୟଯାତ୍ରା ମଧ୍ୟ ଏହିପରି ଥିଲା। ତକିଆ ସାହାଯ୍ୟରେ ଷ୍ଟ୍ରେଚରରେ ଲେଫ୍ଟନାଣ୍ଟ ଜେନେରାଲ କୈଣ୍ଡେଥ, ଭାଇସ ଆଡ଼ମିରାଲ ଏ.କେ ଚାଟାର୍ଜୀ, ରିଅର ଆଡ଼ିମିରାଲ ଏସ୍.ଏନ କୋହଲି, ଭାଇସ ଏୟାର ମାର୍ଶାଲ ରାଜାରାମ ଇତ୍ୟାଦି ମହାନୁଭବମାନେ ଶାସ୍ତ୍ରୀଜୀଙ୍କ ଶବକୁ ବାହାର କଲେ। ତାଙ୍କ ଶରୀର ରାଷ୍ଟ୍ରୀୟ ଧ୍ୱଜାରେ ଘୋଡ଼ାଇ ଦିଆଗଲା। ତିନି ସେନାଧ୍ୟକ୍ଷ ତାଙ୍କୁ ତୋପ ସଲାମୀ ଦେଇ ଗାଡ଼ିରେ ନେଇଗଲେ ଏବଂ ଏହି ଶୋକପୂର୍ଣ୍ଣ ଶବଯାତ୍ରା ପ୍ରାୟ ୨୦ କି.ମି. ଦୂର ରାସ୍ତା ଅତିକ୍ରମ କରି ୧୦ ଜନପଥ ଆସିଲା। ବିଶ୍ୱର ପ୍ରମୁଖ ରାଜନୀତିଜ୍ଞ ଏବଂ ରାଷ୍ଟ୍ରମୁଖ୍ୟ ଦିଲ୍ଲୀ ଆସିଯାଇଥିଲେ। ଅନ୍ତିମ ଦର୍ଶନରେ ଫୁଲହାର ଅର୍ପଣ କରିବା ବ୍ୟକ୍ତିଙ୍କ ବିଶାଳ ସମାବେଶ ହୋଇଥିଲା। ମହାରାଣୀ ଏଲିଜାବେଥ ଶୋକ ସନ୍ଦେଶ ପଠାଇଥିଲେ। "ମୋତେ ଆପଣଙ୍କ ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁର ସମାଚାର ପାଇ ଅତ୍ୟନ୍ତ ଦୁଃଖ ହେଲା। ରାଷ୍ଟ୍ର ମଣ୍ଡଳର ମୁଖ୍ୟ ଭାବେ ମୁଁ ଭାରତୀୟ ଜନତା, ସରକାର ଏବଂ ଶାସ୍ତ୍ରୀଜୀଙ୍କ ପରିବାର ପ୍ରତି ସମ୍ବେଦନା ବ୍ୟକ୍ତ କରୁଛି। ମୋର ସ୍ୱାମୀ ମଧ୍ୟ ଏହି ଘଟଣାରେ ଅତ୍ୟନ୍ତ ଦୁଃଖୀ।" ୧୯୬୬ ଜାନୁଆରୀ ୧୨ ସକାଳ ଦଶଟାରେ ଜଣେ ସହିଦଙ୍କର ବିଜୟ ଯାତ୍ରା ବିଜୟ ଘାଟକୁ ବାହାରିଲା। ଏହା ଶାନ୍ତିବନଠାରୁ ଆଗରେ। ଦୁଇବନ୍ଧୁଙ୍କ ପରି ପାଖାପାଖି। ନେହେରୁଙ୍କ ସମାଧିସ୍ଥଳ ନିକଟରେ ରାଜକୀୟ ସମ୍ମାନରେ ତାଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀ ହରିକୃଷ୍ଣ ମୁଖାଗ୍ନି ଦେଲେ। ଲୋକମାନଙ୍କର ଆଖି ଛଳଛଳ ହୋଇଆସୁଥିଲା। କିଛି ଲୋକ ବିକଳରେ କାନ୍ଦୁଥିଲେ। କିଛି ଲୋକ ମଧ୍ୟ ଥିଲେ ଯେଉଁମାନେ ଏପରି ଦୃଶ୍ୟ ଦେଖିପାରିଲେ ନାହିଁ, ହୃଦ୍‌ଗତି ବନ୍ଦ ହୋଇଯିବା ଯୋଗୁଁ ସେମାନେ ମଧ୍ୟ ମୃତ୍ୟୁ ଲଭିଲେ। ଭାରତରେ ଆମେରିକା ରାଷ୍ଟ୍ରଦୂତ ଚେଷ୍ଟର ବୋଲସ୍ ନିଜର ଶ୍ରଦ୍ଧାଞ୍ଜଳିରେ କହିଲେ- "ଲାଲ ବାହାଦୁର ଶାସ୍ତ୍ରୀଙ୍କର ଦେହାବସାନରେ ବ୍ୟକ୍ତିଗତ ଭାବେ ମୋ ହୃଦୟରେ ଗଭୀର ଆଘାତ ଲାଗିଛି। ତାଙ୍କ ମୃତ୍ୟୁରେ କେବଳ ଭାରତର ଲୋକମାନଙ୍କର ନୁହେଁ, ସାରା ବିଶ୍ୱବାସୀଙ୍କର ବହୁତ କ୍ଷତି ହେଲା।" ଦିଲ୍ଲୀର ରାମଲୀଳା ମୈଦାନରେ ଦେଶ ବିଦେଶର ପ୍ରତିନିଧିଙ୍କର ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳି ସଭା ସମ୍ପନ୍ନ ହେଲା, ଯେଉଁଥିରେ ଶାସ୍ତ୍ରୀଜୀଙ୍କର କୃତିତ୍ୱକୁ ପ୍ରଶଂସା କରାଗଲା। ୧୯୬୬ ମସିହା ଏପ୍ରିଲ ୩୦ରେ ଦେଶର ରାଷ୍ଟ୍ରପତି ତାଙ୍କୁ ମରଣୋତ୍ତର 'ଭାରତରତ୍ନ' ସମ୍ମାନ ପ୍ରଦାନ କଲେ। ସତ କହିବାକୁ ଗଲେ ସେ ତ 'ବିଶ୍ୱରତ୍ନ' ଥିଲେ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ଚରିତ୍ର

ଶ୍ରଦ୍ଧେୟ ଭକ୍ତବୃନ୍ଦ,ଏହି ସମାଜରେ ପ୍ରତ୍ୟେକ ମନୁଷ୍ୟ ସ୍ୱାଭିମାନୀ, ଧନୀ ହେଉ କି ଗରିବ ହେଉ । ଛୋଟ ହେଉ କି ବଡ ହେଉ ଜାତି ହେଉ କି ଅଜାତି ହେଉ ସମସ୍ତଙ୍କୁ ଈଶ୍ୱର ସୃଷ୍ଟିକୁ ପଠାଇଛନ୍ତି। ତେଣୁ ଏ ସୃଷ୍ଟିରେ ଯିଏ ଯେଉଁ ଅଭିନୟ କରିବାକୁ ଆସିଛି ସେ କରିବ । ଏଥିରେ ତିଳେ ହେଲେ ସନ୍ଦେହ ନାହିଁ କିନ୍ତୁ ଏ ଚରିତ୍ର ଶବ୍ଦଟି ବଡ ଜଟିଳ, ପାନରୁ ଚୂନ ଖସିଗଲେ କଥା ସଇଲା, କିନ୍ତୁ ସୁଧିବୃନ୍ଦ ସବୁ ଚରିତ୍ରର ସଂଯୋଗ ସମାନ ନୁହେଁ, ଅନ୍ୟର ଚରିତ୍ରକୁ ଆକ୍ଷେପ କରିବା ପୂର୍ବରୁ ନିଜର ଚରିତ୍ରକୁ ସମୀକ୍ଷା କର,ପ୍ରକୃତରେ ତମ ଚରିତ୍ରରେ କଣ ଦାଗ ଲାଗିନାହିଁ? କାୟ, ମନ, ବାକ୍ୟ ଦ୍ୱାରା କେଉଁଠି ନା କେଉଁଠି ଦାଗ ଥିବ ତାକୁ ସମୀକ୍ଷା କର । ତାପରେ ଯାଇ ଅନ୍ୟର ଚରିତ୍ର ଉପରକୁ କଥା ଉଠାଇବ । କିନ୍ତୁ କଥାରେ ଅଛି ଯାହା ନଦେଖିବ ଦୁଇନୟନେ, ପରତେ ନ ଯିବ ଗୁରୁ ବଚନେ,ଏହି କଥାଟିକେ ବିଚାର କରନ୍ତୁ, ଶୁଣିବା କଥା କି କାନ କୁହାକଥାରେ ଭାସିଯାଅନାହିଁ,ଫଳ ହେବ ବିପରୀତ ସାବଧାନ । ହରିଓଁ

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ନଭେମ୍ବର, ୨୦୨୬ ମଙ୍ଗଳବାର



ସମ୍ବଲପୁର ଜିଲ୍ଲାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ତୃତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ



ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ଗ୍ରାମାଞ୍ଚଳ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଶିକ୍ଷାଦାନର ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ (GMAPV) ଯୋଜନାର ତୃତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଶୁକ୍ରବାର ଦିନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ (ଭର୍ଚୁଆଲ୍) ମାଧ୍ୟମରେ ଉଦ୍‌ଘାଟିତ ଏହି ଶୁଭ କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ୍ ୧୫ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି, ଯେଉଁଥିରେ ବାମରା ବ୍ଲକର ୭ଟି, କୁଚିଣ୍ଡା ବ୍ଲକର ୫ଟି ଏବଂ ଜମନକିରା ବ୍ଲକର ୩ଟି ବିଦ୍ୟାଳୟ ସାମିଲ ରହିଛି। ଏହି ସୂଚାରୁ କାର୍ଯ୍ୟକ୍ରମ ଅବସରରେ ଜମନକିରା ବ୍ଲକ୍ ଅନ୍ତର୍ଗତ କୁଲୁଣ୍ଡି ବିଶ୍ୱସେବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆୟୋଜିତ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସମ୍ବଲପୁର ଜିଲ୍ଲାପାଳ ଉପସ୍ଥିତ ରହି ରାଜ୍ୟସ୍ତରୀୟ ଭର୍ଚୁଆଲ ସଭାରେ ଅଂଶଗ୍ରହଣ କରିଥିଲେ। ସେହିପରି କୁଚିଣ୍ଡା ବ୍ଲକର ବକ୍ସମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ସମ୍ବଲପୁର ସିଡିଓ-କମ୍-ଇଓ ପ୍ରସନ୍ନ ପାତ୍ର ପ୍ରମୁଖ ଉପସ୍ଥିତ ରହି ଶିକ୍ଷା ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସୂଚନା ଅନୁଯାୟୀ ଯେ, ଏହି ମହତ୍ତ୍ୱପୂର୍ଣ୍ଣ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୩ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୭ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବା ବେଳେ ଏହି ତୃତୀୟ ପର୍ଯ୍ୟାୟରେ ଆଉ ୧୫ଟି ବିଦ୍ୟାଳୟ ଯୋଡ଼ି ହେବା ଫଳରେ ଜିଲ୍ଲାର ଗ୍ରାମାଞ୍ଚଳ ଶିକ୍ଷା ବ୍ୟବସ୍ଥାରେ ଏକ ନୂତନ ଯୁଗର ଆରମ୍ଭ ହୋଇଛି।

'ସୁରଭି' କାର୍ଯ୍ୟକ୍ରମରେ ପକ୍ଷପାତ ଅଭିଯୋଗ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଆଦର୍ଶ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭୀ କାର୍ଯ୍ୟକ୍ରମ-୨୦୨୬ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସ୍କୃତିକ ନୃତ୍ୟ ପ୍ରତିଯୋଗୀତା ଫଳାଫଳ ବିଷୟରେ ବ୍ୟାପକ ପାତର ଅନ୍ତର ହୋଇଥିବା ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ନିରପେକ୍ଷ ଭାବରେ ପୁନର୍ବାର ମୂଲ୍ୟାଙ୍କନ କରିବା ପାଇଁ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଚାରପତି ଭାବେ ନିଯୁକ୍ତି ହୋଇଥିବା ବ୍ୟକ୍ତିମାନେ ପାତର ଅନ୍ତର କରିଥିବା ଛାତ୍ରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଯେଉଁ ଛାତ୍ରୀମାନେ ସୁରଭି କାର୍ଯ୍ୟକ୍ରମରେ ଅଯୋଗ୍ୟ ହୋଇଛନ୍ତି ସେହିମାନଙ୍କୁ ଯୋଗ୍ୟ ପ୍ରାର୍ଥୀ ଭାବେ ମନୋନୀତ କରିଥିବା ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ସମୟରେ ଅଗ୍ରୀମାଗିରି, ସୁହାନି ଶୁଭଦର୍ଶନୀ ଓଝା, ସ୍ୱାତୀ ସୁହାନା ବେହେରା, ଶୁଭାଙ୍ଗୀ ପ୍ରିୟଦର୍ଶନୀ ବାରିକ, ଲିଖା ସମ୍ପୂର୍ଣ୍ଣା ବେହେରା, ଉର୍ବି ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତେବେ ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଛାତ୍ରୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରତିଯୋଗିତା ମାଧ୍ୟମରେ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳିର ବିକାଶ ଘଟିଥାଏ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ପିଏମଶ୍ରୀ ବାଲୁକେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍ସାହ ଉଦ୍ଦୀପନା ସହକାରେ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଖାଡ଼ଙ୍ଗା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଶିଷ୍ଟ ଶିକ୍ଷାବିତ୍ ସତ୍ୟନାରାୟଣ ଦାସ ଉତ୍ସବରେ ଅଧ୍ୟକ୍ଷତା କରିଥିବା ସମୟରେ ପ୍ରାକ୍ତନ ହିନ୍ଦୀ ଶିକ୍ଷକ ତଥା ସୁଖ୍ୟାତି ସମ୍ପନ୍ନ ଲେଖକ ଡକ୍ଟର କାଳୀ ଚରଣ ଚୌଧୁରୀ ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାପାତ୍ର ସ୍ୱତନ୍ତ୍ର ଅତିଥି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବେହେରା, ବିଆର୍‌ସିସି ସୁଷମା ଶବର, ଏବିଇଓ ସୁଶାନ୍ତ କୁମାର ନାୟକ, କିଶୋର ଚନ୍ଦ୍ର ଘାସି, ଗୋପପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା, କଞ୍ଚଣା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ନାଚ, ଗୀତ, ଅଭିନୟ ପରି କଳା ସଂସ୍କୃତି ଜୀବନକୁ ପ୍ରଭାବିତ କରିବା, ନୈତିକ ମୂଲ୍ୟବୋଧ, ପରିବେଶ ସଚେତନତା, ପ୍ରତିଭାର ବିକାଶ ପାଇଁ ଅଭିଭାବକ ଶିକ୍ଷକ ଶିକ୍ଷୟିତ୍ରୀ ଯତ୍ନବାନ ହେବା ଆବଶ୍ୟକ ବୋଲି ଅଭିହିତ କରିଥିଲେ। ସାନଖେମୁଣ୍ଡି ବ୍ଲକର ଛଅ ଜଣ ସିଆର୍‌ସିସି ଉତ୍ସବରେ ଯୋଗଦାନ କରିଥିଲେ। ସମସ୍ତ ଅତିଥିଙ୍କୁ ଉତ୍ସବରେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଠନରତ ଛାତ୍ରଛାତ୍ରୀମାନଙ୍କ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହିତ ଶିଶୁ ମହୋତ୍ସବ ସୁରଭି -୨୦୨୬ କାର୍ଯ୍ୟକ୍ରମର ସଫଳତା କାମନା ସହ ଶୁଭେଚ୍ଛା ଶୁଭ ଅଭିନନ୍ଦନ ଜଣାଇଥିଲେ। ବକ୍ତୃତା, ତର୍କ, ଅଭିନୟ, ସଙ୍ଗୀତ, ଚିତ୍ରକଳା, ପିଏମ୍ ପୋଷଣ ଶିକ୍ଷ କଳା, ଦଳଗତ ନୃତ୍ୟ, ପ୍ରବନ୍ଧ, ସୃଜନଶୀଳ ଲିଖନ ଆଦି ପ୍ରତିଯୋଗିତା ଆୟୋଜନ ଫଳରେ ଛାତ୍ରଛାତ୍ରୀମାନେ କିପରି ଉପକୃତ ହେବା ସହିତ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇଥାଏ, ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।



ନଭେମ୍ବର ୨୫ରୁ ବୌଦ୍ଧ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ



ଆସନ୍ତା ନଭେମ୍ବର ୨୫ ଓ ୨୬ ତାରିଖ ଦୁଇଦିନ ଧରି ସ୍ଥାନୀୟ କଚେରି ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହେବ। ଏହି ମେଳାର ସଫଳ ଆୟୋଜନ ଓ ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଏବଂ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ଡା. ଦିଲ୍ଲୀପ କୁମାର କବିରାଜ ଉପସ୍ଥିତ ସମସ୍ତ ଅତିଥି ଓ ଅଧିକାରୀଙ୍କୁ ସ୍ୱାଗତ କରିବା ସହିତ ବୈଠକର ଉଦ୍ଦେଶ୍ୟ ଓ ମେଳାର ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ମେଳାରେ ମୋଟ୍ ୩୦ଟି ଷ୍ଟଲ୍ କରାଯିବ। ପ୍ରାଣୀସମ୍ପଦ ବିଭାଗର ୫ଟି, ମତ୍ସ୍ୟ ବିଭାଗର ୫ଟି, ଅନ୍ୟାନ୍ୟ ବିଭାଗର ୧୦ଟି ଏବଂ ଜୀବନ୍ତ ପଶୁପକ୍ଷୀ ଓ ମତ୍ସ୍ୟସମ୍ପଦର ପ୍ରଦର୍ଶନ ନିମନ୍ତେ ୧୦ଟି ଷ୍ଟଲ୍ ରହିବ। ଏହି ଷ୍ଟଲଗୁଡ଼ିକ ମାଧ୍ୟମରେ ଚାଷୀମାନେ ବିଭିନ୍ନ ଉନ୍ନତ ପ୍ରଜାତି, ଆଧୁନିକ ଚାଷ ପଦ୍ଧତି, ସରକାରୀ ଯୋଜନା ଓ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଅବଗତ ହୋଇପାରିବେ। ଏହି ମେଳାରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୫୦୦ ଜଣ ଚାଷୀ ଓ ହିତାଧିକାରୀ ଏବଂ ୧୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ ଓ ପ୍ରାଣୀସମ୍ପଦ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଜିଲ୍ଲାର ସଫଳ ଚାଷୀମାନଙ୍କୁ ଏହି ମେଳାରେ ସମ୍ବର୍ଦ୍ଧିତ କରାଯିବ। ଚାଷୀମାନଙ୍କୁ ଆଧୁନିକ ଓ ଉନ୍ନତ ଜ୍ଞାନକୌଶଳ ସମ୍ପର୍କରେ ଶିକ୍ଷା ଦେବା ଉଦ୍ଦେଶ୍ୟରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଓ ବୈଜ୍ଞାନିକ ମାନଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହାଦ୍ୱାରା ଚାଷୀମାନେ ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା, ଉତ୍ପାଦନ ବୃଦ୍ଧି, ଆୟ ବୃଦ୍ଧି ଓ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି ସମ୍ପର୍କରେ ଉପଯୁକ୍ତ ମାର୍ଗଦର୍ଶନ ପାଇପାରିବେ। ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅଙ୍କିତା ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତପନ କୁମାର ଦାସ, ଏସ୍‌ଡିଭିଓ ଡା. ତପନ କୁମାର ଦ୍ୱିବେଦୀ, ଏଡିଏଚ୍ ଶୁଭେନ୍ଦୁ କୁମାର ବିଶ୍ୱାସ, ଏଡିଭିଓ ଡା. ଅଭିମନ୍ୟୁ ରାଉତ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଲିସା ବେହେରା, ଏଫ୍‌ଓ ଚିନ୍ମୟୀ ବେହେରା, ଏଲ୍‌ଡିଏମ୍ ଡନ୍ ବସ୍କୋ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

ଟ୍ୟାକ୍ସି ଚାଳକ ସଂଘ ପକ୍ଷରୁ ୪୩ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ ସ୍ଥିତ ପୁରୁଣା ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ପରିସରରେ ଜିଲ୍ଲା ଟେକ୍ସି ଚାଳକ ସଂଘ, ବରଗଡ଼ର ନୂତନ କାର୍ଯ୍ୟାଳୟର ଶୁଭ ଉଦ୍ଘାଟନ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଟେକ୍ସି ଚାଳକ ସଂଘ ଓ ନିଷ୍ଠା ପରିବାରର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରଗଡ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦେଇ ନୂତନ କାର୍ଯ୍ୟାଳୟ ଓ ରକ୍ତଦାନ ଶିବିରର ଫିତା କାଟି ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ। ବରେଣ୍ୟ ଅତିଥି ଭାବରେ ବରଗଡ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଓ.ଏମ୍.ସି.ଏସ୍‌ର ଜିଲ୍ଲା ସଭାପତି ଜିତେନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ ଯୋଗଦେଇଥିବା ବେଳେ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସଂଘର ସମସ୍ତେ ଉତ୍ସାହର ସହିତ ରକ୍ତଦାନ କରିଥିଲେ। ଏହି ଶିବିରରେ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ୍ ୪୩ ୟୁନିଟ୍ ରକ୍ତ ସଂଗ୍ରହୀତ ହୋଇଥିଲା। ପରିଶେଷରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ଜିଲ୍ଲା ଟେକ୍ସି ଚାଳକ ସଂଘକୁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଟେକ୍ସି ଚାଳକ ସଂଘର ସଭାପତି କୁନୁ ସିଂ, ଉପସଭାପତି କରନ ସାହୁ, ସମ୍ପାଦକ ମନୋଜ ଦାଶ, ସହ ସମ୍ପାଦକ ଆଲୋକ କୁମାର ସ୍ୱାଇଁଙ୍କ ସହ ସମସ୍ତ ସଦସ୍ୟ ଓ ନିଷ୍ଠା ପରିବାରର ସମସ୍ତ ସଦସ୍ୟ ସଦସ୍ୟାମାନେ ସୁପରିଚାଳନା କରିଥିଲେ।

ମା' ପେନ୍ଦ୍ରାଣୀଙ୍କ ଦାନବାକ୍ସ ଲୁଟ୍ ଘଟଣାରେ ପୋଲିସର ତଦନ୍ତ କାର୍ଯ୍ୟରେ ପ୍ରଶ୍ନବାଚୀ

ଉମରକୋଟ, ନ୍ୟୁଜ୍ ବ୍ୟୁରୋ



ଉମରକୋଟର ଆରାଧ୍ୟ ଦେବୀ ମା' ପେନ୍ଦ୍ରାଣୀଙ୍କ ମନ୍ଦିରରୁ ଦାନବାକ୍ସ ଚୋରି ଘଟଣାରେ ପୋଲିସ ତିନିଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ସେମାନେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ପରିବାର ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ପୋଲିସର ତଦନ୍ତ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସର ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଗତ ଅକ୍ଟୋବର ୨୬ ଓ ୨୭ ତାରିଖ ମଧ୍ୟବର୍ତ୍ତୀ ରାତିରେ ମନ୍ଦିରର ତାଲା ଭାଙ୍ଗି ଦାନବାକ୍ସରୁ ପ୍ରାୟ ୧୫ ହଜାର ଟଙ୍କା ଚୋରି ହୋଇଥିଲା। ଏହି ମାମଲାରେ ପୋଲିସ ୩,୪୮୦ ଟଙ୍କାର ଖୁଚୁରା ପଇସା, ଗୋଟିଏ ଭଙ୍ଗା ତାଲା ଏବଂ ଗୋଟିଏ ଲୁହା ରଡ୍ ଜବତ କରିଥିବା ସୂଚନା ଦେଇଛି। ଏହି ପ୍ରସଙ୍ଗରେ ଉମରକୋଟ ଥାନାରେ ଆୟୋଜିତ ଏକ ପ୍ରେସ୍ ବିଜ୍ଞପ୍ତି କାର୍ଯ୍ୟକ୍ରମରେ ଜିଲ୍ଲା ଉପଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ୍, ଏସ୍‌ଡିପିଓ ଶୁଭେନ୍ଦୁ ଶବର ଏବଂ ଆଇଆଇସି ଯୁଗଳ ଶବର ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ, ଗିରଫ ଯୁବକମାନେ ମା' ପେନ୍ଦ୍ରାଣୀଙ୍କ ମନ୍ଦିରରୁ ଚୋରି କରିବା ଭଳି ଜଘନ୍ୟ କାମ କେବେ ମଧ୍ୟ କରିପାରିବେ ନାହିଁ ବୋଲି ପରିବାର ସଦସ୍ୟ ସଂଗୀତ ନାୟକ, ମାଳତୀ ନାୟକ ଓ ଅଙ୍କିତା ହରିଜନ ସ୍ପଷ୍ଟ କରିଛନ୍ତି। ସେମାନଙ୍କ ଯୁକ୍ତି ଅନୁଯାୟୀ, ମନ୍ଦିରରେ ରାତି ୨ଟା ସମୟରେ ଚୋରି ହୋଇଥିବା ବେଳେ ସଂପୃକ୍ତ ଯୁବକମାନେ ରାତି ୯ଟା ୧୫ ମିନିଟ୍‌ରେ ସେଠାରୁ ବାହାରି ଯାଉଥିବାର ସିସିଟିଭି ଫୁଟେଜ୍ ସେମାନଙ୍କ ହାତରେ ରହିଛି। ଗିରଫ ଯୁବକମାନଙ୍କୁ ତୁରନ୍ତ ଖାଲାସ୍ କରିବା ଦାବିରେ ପରିବାର ସଦସ୍ୟ ଓ ସ୍ଥାନୀୟ ବାସିନ୍ଦାମାନେ ଥାନା ସମ୍ମୁଖରେ ପହଞ୍ଚି ନିବେଦନ କରିଥିଲେ। ଯଦି ଆଗାମୀ ଦିନରେ ଏହି ମାମଲାର ସଠିକ୍ ଓ ନିରପେକ୍ଷ ତଦନ୍ତ କରାନଯାଏ, ତେବେ ସେମାନେ ବାଧ୍ୟ ହୋଇ ନବରଙ୍ଗପୁର ଏସ୍‌ପିଙ୍କୁ ଭେଟି ସମସ୍ତ ପ୍ରମାଣ ଓ ତଥ୍ୟ ଉପସ୍ଥାପନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ରେଜିଲେନ୍ସ ପ୍ରସାର ପ୍ରକଳ୍ପ ଅନ୍ତର୍ଗତ ସମନ୍ୱୟ ବୈଠକ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ



କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ପରିସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକ ଏବଂ ସ୍ୱାମୀନାଥନ ପ୍ରତିଷ୍ଠାନର ମିଳିତ ଉଦ୍ୟମରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଶ୍ୱବିଦ୍ୟାଳୟ, ଧାନ ଗବେଷଣା କେନ୍ଦ୍ର ଏବଂ ସ୍ୱାମୀନାଥନ ପ୍ରତିଷ୍ଠାନରୁ ବୈଜ୍ଞାନିକମାନେ ଚାଷୀ ଏବଂ କୃଷକ ଉତ୍ପାଦ ସଂଘର ସଭ୍ୟ ମାନଙ୍କ ସହ ପ୍ରକଳ୍ପ ଅନ୍ତର୍ଗତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଜୀବନଜୀତ ସେନ ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ସ୍ୱାଗତ କରିଥିଲେ ଏବଂ ବୈଠକର ମହତ୍ତ୍ୱ ବୁଝାଇଥିଲେ। ପ୍ରଫେସର ରବିରନ୍ ଦାଶ, ଯୁଗ୍ମ ନିର୍ଦ୍ଦେଶକ, ସମ୍ପ୍ରସାରଣ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଜଳବାୟୁ ସହନଶୀଳ କିସମ ଏବଂ ପ୍ରଯୁଜ୍ୟ ଜ୍ଞାନ କୌଶଳର ମହତ୍ତ୍ୱ ଓ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଜଳବାୟୁ ଅନୁକୂଳ ବିଭିନ୍ନ ଫସଲ ପ୍ରଜାତି ବିଷୟରେ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ରର ମୁଖ୍ୟ ଡ. ଜୀବନଜୀତ ସେନ କେନ୍ଦ୍ର ଦ୍ୱାରା ସମ୍ପନ୍ନ ହୋଇଥିବା କେତେକ ଜଳବାୟୁ ସହନଶୀଳ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ଡ. ରାହୁଲ ତ୍ରିପାଠୀ ପ୍ରମୁଖ ବୈଜ୍ଞାନିକ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକ ଦ୍ୱାରା ସମ୍ପନ୍ନ ହୋଇଥିବା ପ୍ରକଳ୍ପ ଅନ୍ତର୍ଗତ ମୁଖ୍ୟ କାର୍ଯ୍ୟକଳାପର ଏକ ବିବରଣୀ ଉପସ୍ଥାପନା କରିଥିଲେ। ଜଳବାୟୁ ସହନଶୀଳ ବିଭିନ୍ନ ଧାନ କିସମ ଏବଂ ଧାନ ଚାଷରେ LCC ଦ୍ୱାରା ଯବକ୍ଷାରଜାନ ସାରର ପରିଚାଳନା ଏବଂ ଆଲୋକ ଯନ୍ତା ଦ୍ୱାରା ପୋକ ନିୟନ୍ତ୍ରଣର ବ୍ୟବହାର ଇତ୍ୟାଦି ଉପରେ ଆଲୋଚନା କରିଥିଲେ। ଡ. ରାଜକୁମାର, ପ୍ରମୁଖ ବୈଜ୍ଞାନିକ ସ୍ୱାମୀନାଥନ ପ୍ରତିଷ୍ଠାନ ଦ୍ୱାରା ସମ୍ପନ୍ନ ହୋଇଥିବା ପ୍ରକଳ୍ପ ଅନ୍ତର୍ଗତ ମୁଖ୍ୟ କାର୍ଯ୍ୟକଳାପ ବିଷୟରେ ବୈଠକକୁ ଅବଗତ କରାଇଥିଲେ। ବୈଜ୍ଞାନିକ ଏବଂ ଚାଷୀ ମାନଙ୍କ ମଧ୍ୟରେ ଯୋଗାଯୋଗକୁ ସରଳ କରିବା ନିମନ୍ତେ ମୋବାଇଲ୍ ଆପ୍ ଏବଂ ଅନ୍ ଲାଇନ୍ ମାଧ୍ୟମରେ ପରାମର୍ଶ ପ୍ରଦାନ ଏବଂ ଉଦ୍ଭିଦ ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ୩ଟି କୃଷିବିଜ୍ଞାନ କେନ୍ଦ୍ରରେ ଯଥା ପୁରୀ, କେନ୍ଦ୍ରାପଡା ଏବଂ ଗଞ୍ଜାମ-୨ରେ ଏହି ପ୍ରକଳ୍ପ ଅଧୀନରେ ସଫଳ ଭାବେ କରାଯାଇଥିବା ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ସମ୍ୟକରେ ପ୍ରକଳ୍ପ ସହଯୋଗୀ ଇପ୍ସିତା ପାଢ଼ୀ, ବୈଠକରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ବିଭିନ୍ନ ବିଭାଗ ଯଥା କୃଷି, ପ୍ରାଣୀ ପାଳନ, ମତ୍ସ୍ୟ ପାଳନ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗର ଉପସ୍ଥିତ ଅଧିକାରୀମାନେ ସେମାନଙ୍କର ମନ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଉପଯୁକ୍ତ ସରକାରୀ ଯୋଜନା ବିଷୟରେ ସମ୍ୟକ୍ ଧାରଣା ପ୍ରଦାନ କରିଥିଲେ। ବୈଠକରେ ଉପସ୍ଥିତ ଚାଷୀ ଏବଂ କୃଷକ ଉତ୍ପାଦ ସଂଘର ସଭ୍ୟମାନେ ମଧ୍ୟ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିବା ସହ ଉପଯୁକ୍ତ ସରଳ ଜ୍ଞାନ କୌଶଳ ଆହରଣ କରି ଚାଷ କ୍ଷେତ୍ରରେ ଉନ୍ନତି କରିପାରିବେ ବୋଲି ବିଚାର କରିଥିଲେ। ସର୍ବଶେଷରେ ସଭାପତି ପ୍ରଫେସର ରବିରନ୍ ଦାଶ ସମସ୍ତ ବିଭାଗ, କୃଷକ ଉତ୍ପାଦ ସଂଘ ଏବଂ ଚାଷୀ ମାନଙ୍କର ମିଳିତ ସାହାଯ୍ୟରେ ଜିଲ୍ଲାରେ ଏହି ପ୍ରକଳ୍ପର ପ୍ରସାର ସୁନିଶ୍ଚିତ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ବୈଠକ ସମାପ୍ତି ପରେ, ସମସ୍ତ ଅଂଶଗ୍ରହଣକାରୀମାନେ କୃଷି ବିଜ୍ଞାନ କେନ୍ଦ୍ରରେ ସ୍ଥିତ ବିଭିନ୍ନ ପ୍ରୟୋଗଶାଳା, ପ୍ରଦର୍ଶନୀ କ୍ଷେତ୍ର, ଉଦ୍ଭିଦ ସ୍ୱାସ୍ଥ୍ୟ କ୍ଲିନିକ୍, ମୃତ୍ତିକା ପରୀକ୍ଷାଗାର ଆଦି ପରିଦର୍ଶନ କରିଥିଲେ।

କଟକ ଜିଲ୍ଲାରେ ୪୪ଟି ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

କଟକ, ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ପ୍ରାଥମିକ ଶିକ୍ଷାର ମାନ ବୃଦ୍ଧି ସହ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କଟକ ଜିଲ୍ଲାରେ ୪୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଉପଲକ୍ଷେ ବେଣ୍ଟକାର ନୋଡାଲ ହାଇସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଯୋଜନା ଶିକ୍ଷା କ୍ଷେତ୍ରରେ ଏକ ନୂତନ ଦିଗ ଉନ୍ମୋଚନ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଉନ୍ନତ ଶିକ୍ଷା ପରିବେଶ ସୃଷ୍ଟି ସହ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏବଂ ସେମାନଙ୍କ ସାମଗ୍ରିକ ବିକାଶରେ ଏହା ସହାୟକ ହେବ ବୋଲି ସେ ମତ ଦେଇଥିଲେ। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ରାଜ୍ୟ ସରକାରଙ୍କ ଏହି ଶିକ୍ଷାଭିତ୍ତିକ ପଦକ୍ଷେପକୁ ସ୍ୱାଗତ କରିଥିଲେ। ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚ ଆକାଂକ୍ଷା ଓ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ବିକଶିତ ଓଡ଼ିଶା ଗଠନରେ ସେମାନଙ୍କୁ ଯୋଗଦାନ ପାଇଁ ପ୍ରେରିତ କରିବ ବୋଲି ସେ କହିଥିଲେ। ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସହ ଆଲୋଚନା କରିଥିଲେ। ଏଥିସହ ବେଣ୍ଟକାର ନୋଡାଲ ହାଇସ୍କୁଲର ସପ୍ତମ ଶ୍ରେଣୀର ଛାତ୍ର ସ୍ମୃତି ରଞ୍ଜନ ସାହୁଙ୍କ ସହ କଥା ହୋଇ ତାଙ୍କ ଭବିଷ୍ୟତର ଲକ୍ଷ୍ୟ, ବିଦ୍ୟାଳୟରେ ଉପଲବ୍ଧ ସୁବିଧାସୁଯୋଗ ଏବଂ ରହିଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷାବିତ୍ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ସହରାଞ୍ଚଳ ସମକକ୍ଷ ଶିକ୍ଷା ସୁବିଧା ଯୋଗାଇଦେବା ସହ ବିଦ୍ୟାଳୟଗୁଡ଼ିକରେ ଉନ୍ନତ ଶିକ୍ଷା ପରିବେଶ ଗଠନ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଜିଲ୍ଲାରେ ୪୪ଟି ବିଦ୍ୟାଳୟର ଏହି ନୂତନ ଯାତ୍ରା ଶିକ୍ଷା କ୍ଷେତ୍ରରେ ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ସୁଫଳ ଆଣିବ ବୋଲି ଆଶା କରାଯାଉଛି।

ୟୁଜିସି ଆଇନ୍ ପ୍ରତ୍ୟାହାର ଦାବିରେ ବ୍ରାହ୍ମଣ ଏକତା ମଞ୍ଚର ଦାବି

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ରାହ୍ମଣ ଏକତା ମଞ୍ଚ ପକ୍ଷରୁ ୟୁଜିସି ଆଇନ୍ ପ୍ରତ୍ୟାହର ଦାବିରେ ବିରାଟ ଶୋଭାଯାତ୍ରା ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରୁ ଏକ ବିଶାଳ ଶୋଭା ଯାତ୍ରାରେ ବାହାରି ବୀରମହାରାଜପୁର ମୁଖ୍ୟ ଛକ ଦେଇ ଉପଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପୃଥକ ପୃଥକ ଭାବେ ପ୍ରଧାମନ୍ତ୍ରୀଙ୍କର ଉଦ୍ଦେଶ୍ୟରେ ମଧ୍ୟ ଆଉ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୟୁଜିସି ଆଇନ୍ ପ୍ରତ୍ୟାହର କରିବା ମୁଖ୍ୟ ଦାବି ରହିଥିଲା। ବୀରମହାରାଜପୁର ବ୍ଲକ ବ୍ରାହ୍ମଣ ଏକତା ମଞ୍ଚର ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ଏନ୍ଏସି ସଭାପତି କିଶୋର ହୋତା, ସମ୍ପାଦକ, ନାରାୟଣ ରଥ କାର୍ଯ୍ୟକାରୀ ସଭାପତି ରାଧେଶ୍ୟାମ ପୁରୋହିତ, ସମ୍ପାଦକ ଦ୍ୱିତିକୃଷ୍ଣ ପଣ୍ଡା, ସଂଯୋଜକ ଯୁଗଳ କିଶୋର ମିଶ୍ର, କୋଷାଧ୍ୟକ୍ଷ ସୂର୍ଯ୍ୟ ନନ୍ଦ, ଦାମୋଦର ହୋତା, ମିଳିତ ସଂଗଠନର ସଂଯୋଜକ ଡକ୍ଟର ପ୍ରଫୁଲ୍ଲ କୁମାର ରଥ, ବିବସ୍ୱତି ପଣ୍ଡା, ଦୟାନିଧି ହୋତା, କୃଷ୍ଣ ଚନ୍ଦ୍ର ପାଢ଼ୀ, ସତ୍ୟଞ୍ଜିବ ମିଶ୍ର, ବିଷ୍ଣୁ ଚରଣ ପଣ୍ଡା, ନାରାୟଣ ପ୍ରାସାଦ ମିଶ୍ର, ରାଜ ଗୋପାଳ ପାଣିଗ୍ରାହୀ, ଦିଲ୍ଲୀପ ଚାନ୍ଦ, ବ୍ରଜ ଗୋପାଳ ମହାପାତ୍ର, ନିଳାମ୍ବର ପଣ୍ଡା, ପଣ୍ଡିତ ମେଡେନ୍ ବିଶି, ବିଶେଶ୍ୱର ପାଣଗ୍ରାହୀ, ପଦ୍ମ ଲୋଚନ ମିଶ୍ର, ସୁରେଶ ମିଶ୍ର, ଗୋବିନ୍ଦ ମିଶ୍ର, ବ୍ୟୋମକେଶ ପଣ୍ଡା, ନବାରୁଣ ଦେବଦତ୍ତ ଶତପଥି, ବିଜୟ ମହାପାତ୍ର, ଗୋବିନ୍ଦ ପାଣିଗ୍ରାହୀ, ଅଭିମନ୍ୟୁ ରଥଙ୍କ ସମେତ ୫ ଶହରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେରଙ୍କୁ ପ୍ରଦାନ କରାଯାଇଥିଲା। ପରେ ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ସାମୁହିକ ପ୍ରସାଦ ସେବନ କରାଯାଇଥିଲା।

'ଆମ କଳାକାର' ଯୋଜନାରେ ଜିଲ୍ଲାସ୍ତରୀୟ ଚୟନ ଆରମ୍ଭ

୫୭ ଓଡ଼ିଶୀ ନୃତ୍ୟ ଦଳ ଓ ୫୦ ପାଲା ଅନୁଷ୍ଠାନ ଦେଖାଇଲେ ପ୍ରତିଭା

କଟକ, ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ସମୃଦ୍ଧ ପାରମ୍ପରିକ କଳା, ସଂସ୍କୃତି ଓ ଲୋକକଳାର ସଂରକ୍ଷଣ ସହ ପ୍ରତିଭାବାନ କଳାକାରଙ୍କୁ ଉପଯୁକ୍ତ ମଞ୍ଚ ଯୋଗାଇଦେବା ଲକ୍ଷ୍ୟରେ 'ଆମ କଳାକାର' ପୋର୍ଟାଲ୍ ଅଧୀନରେ ଜିଲ୍ଲାସ୍ତରୀୟ କଳାକାର ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ନେତାଜୀ ସଂସ୍କୃତି ଭବନ ଓ ସ୍ୱରାଜ ଆଶ୍ରମ ଠାରେ ଚୟନ ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରକ୍ରିୟାରେ 'ଆମ କଳାକାର' ପୋର୍ଟାଲ୍ ମାଧ୍ୟମରେ ପଞ୍ଜୀକରଣ କରିଥିବା ଜିଲ୍ଲାର ପ୍ରାୟ ୫୭ଟି ଓଡ଼ିଶୀ ନୃତ୍ୟ ଦଳ ଓ ୫୦ଟି ପାଲା ଅନୁଷ୍ଠାନ ଅଂଶଗ୍ରହଣ କରି ନିଜ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ବିଚାରକମଣ୍ଡଳୀ ସମ୍ପୃକ୍ତ ଦଳଗୁଡ଼ିକର ପ୍ରଦର୍ଶନକୁ ବିଭିନ୍ନ ମାନଦଣ୍ଡ ଆଧାରରେ ମୂଲ୍ୟାୟନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନାଙ୍କ ସୂଚନା ଅନୁଯାୟୀ, ଚୟନ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରକ୍ରିୟାରେ ମନୋନୀତ କଳାକାର ଦଳଗୁଡ଼ିକ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର କଳା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଏହି ପଦକ୍ଷେପ ମାଧ୍ୟମରେ ଜିଲ୍ଲାର ପାରମ୍ପରିକ କଳାକାରମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ପ୍ରତିଭାର ପ୍ରସାର ଓ କଳା ସଂସ୍କୃତିର ନିରନ୍ତର ବିକାଶ ପାଇଁ ଏକ ସୁଯୋଗ ସୃଷ୍ଟି ହୋଇଛି।

ଦୋବଲ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ପାଇଁ ଶିଳାନ୍ୟାସ

ସାମ୍ବାଦିକଙ୍କୁ ଅଣଦେଖା ନେଇ ଅସନ୍ତୋଷ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ଅଞ୍ଚଳରେ ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁଗମ କରିବା ଲକ୍ଷ୍ୟରେ ଧାମନଗର ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁସ୍ତଫାପୁର ଠାରେ ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣ ଓ ପାରିପାର୍ଶ୍ୱିକ ଉନ୍ନତିକରଣ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଛନ୍ତି। ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡ ଅଞ୍ଚଳକୁ ପକ୍କା ଚଟାଣ କରାଯିବା ସହ ଏକ ଆଧୁନିକ ଶୌଚାଳୟ ନିର୍ମାଣ ପାଇଁ ଯୋଜନା ରଖାଯାଇଛି। ମନ୍ତ୍ରୀଙ୍କ ବିଧାୟକ ହାତପାଣ୍ଠି ଏବଂ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ସାଂସଦ ହାତପାଣ୍ଠିରୁ ଏହି ଅର୍ଥ ବ୍ୟୟ କରାଯିବ ବୋଲି ଜଣାପଡ଼ିଛି। ଦୋବଲରେ ଥିବା ଏହି ପୁରାତନ ବସ୍‌ଷ୍ଟାଣ୍ଡ ଉପରେ ଧାମନଗର ବ୍ଲକର ଆନନ୍ଦପୁର, ଖଡ଼ିପଦା, ପଧାନି, ସୋହଡ଼ା, ଦୋବଲ, ମୁସ୍ତଫାପୁର ସମେତ ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ, ଷୋଳମପୁର ଏବଂ ପଡ଼ୋଶୀ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଞ୍ଚଳର ଲୋକମାନେ ପ୍ରତ୍ୟକ୍ଷ ଭାବେ ନିର୍ଭର କରିଥାନ୍ତି। ଏହି ବସ୍‌ଷ୍ଟାଣ୍ଡରୁ ଦୈନିକ ୮ରୁ ୧୦ଟି ବସ୍ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ବେଳେ ପ୍ରାୟ ୪ରୁ ୫ ହଜାର ଯାତ୍ରୀ ଏହା ଉପରେ ନିର୍ଭର କରନ୍ତି। ସୋଧ ରାଜସ୍ୱ ସର୍କଲ ଅଧୀନ ମୁସ୍ତଫାପୁର ମୌଜାର ଖାତା ନମ୍ବର ୬୧୩, ପ୍ଲଟ୍ ନମ୍ବର ୭୩୨ରେ ଥିବା ୩୧ ଡିସିମିଲ୍ ଜମିରେ ପ୍ରାୟ ୬୦ରୁ ୭୦ ବର୍ଷ ହେବ ଏହି ବସ୍‌ଷ୍ଟାଣ୍ଡ ରହିଆସିଛି। ତେବେ ଗତ କିଛି ବର୍ଷ ମଧ୍ୟରେ ବସ୍‌ଷ୍ଟାଣ୍ଡକୁ ଲାଗି ରହିଥିବା ଅନ୍ୟ ସରକାରୀ ଜମିରେ କେତେକ ଅସାମାଜିକ ତତ୍ତ୍ୱ ନିଜ ଆରାଧନାସ୍ଥଳୀକୁ ସଂପ୍ରସାରିତ କରି



ବସ୍‌ଷ୍ଟାଣ୍ଡ ଜମିକୁ ମାଡ଼ି ଆସିଥିଲେ। ଏହାସହ ଗାଡ଼ି-ମୋଟର ଓ ପିକ୍‌ଅପ୍ ଭ୍ୟାନ୍ ରଖି ବସ୍‌ଷ୍ଟାଣ୍ଡକୁ କବ୍‌ଜା କରିବାରୁ ବସ୍ ରହିବା ପାଇଁ ସ୍ଥାନ ନମିଳି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ସ୍ୱର୍ଗତ ସାମ୍ବାଦିକ ମଦନମୋହନ ଦାସଙ୍କ ନେତୃତ୍ୱରେ 'ଦୋବଲ ବସ୍‌ଷ୍ଟାଣ୍ଡ ସୁରକ୍ଷା ସମିତି' ଗଠନ କରାଯାଇ ବ୍ୟାପକ ଜନମତ ସୃଷ୍ଟି କରାଯାଇଥିଲା। ୨୦୨୨ରେ ଏହି ଆନ୍ଦୋଳନ ଶିଖରରେ ପହଞ୍ଚିବା ପରେ ତତ୍କାଳୀନ ବିଜେଡି ସରକାରଙ୍କ ପ୍ରଭାବଶାଳୀ ନେତା ପ୍ରଣବ ପ୍ରକାଶ ଦାସଙ୍କ ହସ୍ତକ୍ଷେପରେ ମୁସ୍ତଫାପୁରର ଘୋଡ଼ାଗଣ୍ଡ ନାଳ ପାଖରେ ୫ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟରେ ଆଧୁନିକ ବସ୍‌ଷ୍ଟାଣ୍ଡ ପାଇଁ ୨୦୨୩ ଅଗଷ୍ଟ ୨୩ରେ ଶିଳାନ୍ୟାସ ହୋଇଥିଲା। ଏପରିକି ପାଚେରୀ ନିର୍ମାଣ ଓ ମାଟି ଫିଲିଂ ବାବଦରେ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ମଧ୍ୟ ହୋଇସାରିଥିଲା। ମାତ୍ର ୨୦୨୪ରେ ସରକାର ବଦଳିବା ପରେ ଏହି ପ୍ରକଳ୍ପ ବନ୍ଦ ହୋଇ ଦକ୍ଷିଣବାଡ଼ ଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦୀର୍ଘ ବର୍ଷର ବିବାଦ ଓ ଆନ୍ଦୋଳନ ପରେ ପୁନର୍ବାର ମୁସ୍ତଫାପୁର ଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲେ ବି, ଏହି ସଂଗ୍ରାମକୁ ଜନମାନସରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ସ୍ଥାନୀୟ ସାମ୍ବାଦିକମାନଙ୍କୁ ଶିଳାନ୍ୟାସ ଉତ୍ସବକୁ ନିମନ୍ତ୍ରଣ କରାଯାଇନଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।




ମୈତ୍ରେୟୀ ଲେଖିକା ସଂଗଠନ ତରଫରୁ ୭୦ ପରିବାରକୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ବଣ୍ଟନ

ଭଞ୍ଜନଗର, ନ୍ୟୁଜ୍ ବ୍ୟୁରୋ

ବାତ୍ୟା ଅର୍ଣ୍ଣବ ଓ ବନ୍ୟାର ବିଭୀଷିକା ପରେ ଭଞ୍ଜନଗର ବ୍ଲକର ଅଧିକାଂଶ ପଞ୍ଚାୟତ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଗ୍ରାମ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଜୀବିକା ଏବେ ବିପଦରେ। ଭୁବନେଶ୍ୱର ସ୍ଥିତ ମୈତ୍ରେୟୀ ଲେଖିକା ସଂଗଠନ ତରଫରୁ ଶଙ୍ଖସାହିରେ ୩୫ ପରିବାର ଏବଂ ସାନକୋଦଣ୍ଡା ପଞ୍ଚାୟତର ଚଢ଼େୟାପଲ୍ଲୀର ହରିଜନ ସାହିରେ ୩୫ ପରିବାରକୁ ମହିଳା ଲୁଗା, ପୁରୁଷମାନଙ୍କ ପାଇଁ ଲୁଙ୍ଗି ଓ ଚାଦର ସହିତ ବିସ୍କୁଟ ବଣ୍ଟନ କରାଯାଇଥିଲା। ଭଞ୍ଜନଗର ଅଞ୍ଚଳରେ ରହିଥିବା ମୈତ୍ରେୟୀ ପରିବାରର ସଦସ୍ୟା ପ୍ରଭାତୀ ମଞ୍ଜରୀ ବେହେରା ଏହାର ଦାୟିତ୍ୱ ନେଇ ପରିଚାଳନା କରିଥିବା ବେଳେ କଳ୍ପନା କୁମାରୀ ପ୍ରଧାନ, ସୁଜାତା ଷଡ଼ଙ୍ଗୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହା ସହିତ ଲୋହରାଖଣ୍ଡି ସାହିତ୍ୟ ସଂସଦର ସମ୍ପାଦକ ଚିନ୍ମୟ କୁମାର ବେବର୍ତ୍ତା, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସ୍ୱାଇଁ, ସହ ସମ୍ପାଦିକା ରଞ୍ଜୁଲତା ବେହେରା, ସାଂସ୍କୃତିକ ସମ୍ପାଦିକା ପ୍ରଣତି ପାଣିଗ୍ରାହୀ, ମିଡ଼ିଆ ସଂଯୋଜକ ରଞ୍ଜିତ ଜେନା ସମେତ ଆଶାଲତା ବେହେରା ସହଯୋଗ କରିଥିଲେ।

ନ୍ୟୁଜିଲାଣ୍ଡକୁ ପୁଣି ଝଟ୍‌କା

ବାଦ୍‌ପଡ଼ିଲେ ଫର୍ଗୁସନ୍, ଟିକ୍‌ନର




ଅକ୍‌ଲାଣ୍ଡ

ସଂପ୍ରତି ଭାରତ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ୦-୨ରେ ପଛୁଆ ଥିବା ନ୍ୟୁଜିଲାଣ୍ଡକୁ ଆହତ ଜନିତ ଝଟ୍‌କା ଲାଗିଛି। ଦ୍ରୁତ ବୋଲର ଲୋକି ଫର୍ଗୁସନ୍ ସୁସ୍ଥ ହୋଇ ନଥିବାରୁ ଶେଷ ଦୁଇ ମ୍ୟାଚ୍ ଲାଗି ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସହ ସହ ଏଥିରେ ୱେଲିଂଟନ୍ ଦିନିକିଆରେ ମୁଣ୍ଡରେ ଆଘାତ ପାଇଥିବା ବ୍ଲେୟାର ଟିକନର ମଧ୍ୟ ଯୋଡ଼ି ହୋଇଛନ୍ତି।

ଟିକ୍‌ନର ସୁସ୍ଥ ହୋଇଥିଲେ ମଧ୍ୟ ମୁଣ୍ଡ ଆଘାତ ଜନିତ ଆଇସିସି ନିୟମ ଅନୁଯାୟୀ ୭ ଦିନ ବିଶ୍ରାମ ପାଇଁ ଖେଳିପାରିବେନି। ତେଣୁ ତାଙ୍କ ସ୍ଥାନରେ ଦଳରେ କ୍ରିଷ୍ଟିଆନ୍ କ୍ଲାର୍କଙ୍କୁ ସାମିଲ କରାଯାଇଛି। ଦିନିକିଆ ଶୃଙ୍ଖଳା ପୂର୍ବରୁ ଆହତ ହୋଇଥିବା ମ୍ୟାଟ୍ ହେନରି ଚତୁର୍ଥ ଦିନିକିଆ ବେଳକୁ ଫେରିବାର ସମ୍ଭାବନା ରହିଛି।

ବ୍ରାଜିଲିଆନ୍ ଗ୍ରାଁ ପ୍ରି ଜିତିଲେ ନୋରିସ୍; ମର୍ସିଡିଜ୍‌କୁ 'କନ୍‌ଷ୍ଟ୍ରକ୍ଟର୍ସ' ମୁକୁଟ

ନୂଆଦିଲ୍ଲୀ



ମ୍ୟାକ୍‌ଲରେନ୍ ଚାଳକ ଲାଣ୍ଡୋ ନୋରିସ୍ ଏଠାରେ ଆୟୋଜିତ ବ୍ରାଜିଲିଆନ୍ ଗ୍ରାଁ ପ୍ରିରେ ବିଜେତା ହୋଇଛନ୍ତି। ରବିବାର ସ୍ଥାନୀୟ ଇଣ୍ଟରଲାଗୋସ୍ ସର୍କିଟ୍‌ରେ ପୋଲ୍ ପୋଜିସନ୍‌ରୁ ରେସ୍ ଆରମ୍ଭ କରିଥିବା ନୋରିସ (୧:୩୫:୨୩.୫୦୪ ସେକେଣ୍ଡ) ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ଓ ଇସାକ ହାଜାର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଥିଲେ।

ଗତ ସପ୍ତାହରେ ଚଳିତ ଋତୁର ଫର୍ମୁଲା ୱାନ୍ ଡ୍ରାଇଭର ମୁକୁଟ ନିଶ୍ଚିତ କରିଥିବା ମର୍ସିଡିଜ୍‌ର କିମି ଆଣ୍ଟୋନିଲ ପଞ୍ଚମ ଓ ତାଙ୍କ ସାଥୀ ଜର୍ଜ ରସେଲ୍ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ମର୍ସିଡିଜ୍ (୬୫୨ ପଏଣ୍ଟ) ୨୦୨୧ ପରେ ପ୍ରଥମ ଏବଂ ମୋଟ ଉପରେ ନବମ ଥର ଲାଗି ଫର୍ମୁଲା ୱାନ୍ 'କନ୍‌ଷ୍ଟ୍ରକ୍ଟର୍ସ' ମୁକୁଟ କରାୟତ୍ତ କରିଥିଲା। ଫେରାରି (୫୧୦ ପଏଣ୍ଟ) ଦ୍ୱିତୀୟ ସ୍ଥାନରେ ରହିଛି। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାକୁ ବ୍ରାଜିଲର ଫୁଟ୍‌ବଲ୍ ତାରକା ନେମାର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ଗ୍ରାଁ ପ୍ରି ୨୧ ତାରିଖରେ ଲାସ୍ ଭେଗାସରେ ଆୟୋଜିତ ହେବ।

ଆଜି ତୃତୀୟ ଦିନିକିଆ : ଶୃଙ୍ଖଳା ବିଜୟ ଲକ୍ଷ୍ୟରେ ଗିଲ୍ ବାହିନୀ

ହାମିଲଟନ୍

ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ତୃତୀୟ ମୁକାବିଲା ମଙ୍ଗଳବାର ହାମିଲଟନ୍‌ର ସେଡାନ ପାର୍କରେ ଖେଳଯିବ। ସଂପ୍ରତି ୨-୦ରେ ଆଗୁଆ ଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଦଳ ଏହି ମ୍ୟାଚ୍ ଜିତି ଦିନିକିଆ ଶୃଙ୍ଖଳା କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଏହି ମ୍ୟାଚ୍ ପରେ ଗିଲ୍‌ଙ୍କ ସହ କିଛି ତାରକା ଖେଳାଳି ଟେଷ୍ଟ ଲାଗି ପ୍ରସ୍ତୁତି ହେବେ। ତେଣୁ ଗିଲ୍ ଆଗୁଆ ଶୃଙ୍ଖଳା ଜିତିବା ସହ ଭଲ ପାଳି ଖେଳି ଦୃଢ଼ ମନୋବଳ ସହ ଟେଷ୍ଟକୁ ଓହ୍ଲାଇବା ଆଶାରେ ରହିଛନ୍ତି।

ଅନ୍ୟପକ୍ଷରେ ଦ୍ରୁତବୋଲରଙ୍କୁ ସୁହାଉଥିବା ନ୍ୟୁଜିଲାଣ୍ଡ ପିଚ୍‌ରେ ଉଭୟ ଦଳର ବ୍ୟାଟର କଡ଼ା ସଂଘର୍ଷ କରୁଛନ୍ତି। ଗତ ଦୁଇଟି ଯାକ ମ୍ୟାଚ୍‌ରେ କମ୍ ରନ୍ ଦେଖିବାକୁ ମିଳିଛି। ବର୍ଷା ବାଧାପ୍ରାପ୍ତ ଉଭୟ ମ୍ୟାଚ୍‌ରେ ଭାରତ ପଶ୍ଚାତ୍‌ଧାବନ କରି କଷ୍ଟକର ବିଜୟ ପାଇଥିଲା। କେବଳ ତାରକା ବ୍ୟାଟର ବିରାଟ କୋହଲି ପ୍ରଥମ ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭେଟେରାନ ରୋହିତ ଶର୍ମା ପ୍ରଥମ ମ୍ୟାଚ୍‌ରେ ଶୂନରେ ଆଉଟ୍ ହୋଇଥିଲା ବେଳେ ଦ୍ୱିତୀୟରେ କିଛି ଆକର୍ଷଣ ସଟ୍ ସହ ୨୩ ରନ୍ କରିଥିଲେ। ତୃତୀୟ ମ୍ୟାଚ୍‌ରେ ଏହି ଦୁଇ ଭେଟେରାନ୍‌ଙ୍କଠୁ ବଡ଼ ସ୍କୋର ଆଶା



ରଖିଛି ଦଳ।

କେଏଲ୍ ରାହୁଲ, ଶ୍ରେୟସ ଆୟର ଗତ ମ୍ୟାଚ୍‌ରେ ଟିକେ ଭଲ ଖେଳିଥିଲେ। ଅକ୍ଷର ପଟେଲ ଗତ ଦୁଇଟି ଯାକ ମ୍ୟାଚ୍‌ରେ ବିଫଳ ହୋଇଥିବାରୁ ତାଙ୍କ ଆଗରେ ରାହୁଲଙ୍କୁ ବ୍ୟାଟିଂକୁ ଛାଡ଼ିବା ଲାଗି ଦଳ ଚିନ୍ତା କରୁଛି। ଏହା ବାଦ୍ ବ୍ୟାଟିଂ ଅର୍ଡରରେ କୌଣସି ପରିବର୍ତ୍ତନ ସମ୍ଭାବନା ଆଉ ନାହିଁ। ଅର୍ଶଦୀପ ସିଂହଙ୍କ ନେତୃତ୍ୱରେ ଅଂଶୁଲ କମ୍ବୋଜ, ଗୁରନୂର ବ୍ରାର ଓ ଆକ୍ୱିବ ନବି ଭଲ କରିଥିବାରୁ ଅଭିଜ୍ଞ ମହମ୍ମଦ ସିରାଜ ଚୂଡ଼ାନ୍ତ ଏକାଦଶକୁ ଫେରିବାର ସମ୍ଭାବନା ପ୍ରାୟତଃ ନାହିଁ। ତେବେ ଟେଷ୍ଟ ଶୃଙ୍ଖଳା ଆଉ ମାତ୍ର ୧୦ ଦିନ ଥିଲା ବେଳେ ସିରାଜଙ୍କୁ ମ୍ୟାଚ୍ ଅଭ୍ୟାସ ଲାଗି ଖେଳାଯିବାର ଟିକେ ଆଶା ଦେଖାଯାଉଛି।

ଅନ୍ୟପକ୍ଷରେ ଘରୋଇ ପଡ଼ିଆରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ହାରିଥିବା ନ୍ୟୁଜିଲାଣ୍ଡ ତୃତୀୟ ଦିନିକିଆ ଜିତି ଶୃଙ୍ଖଳା ଜୀବିତ ରଖିବା ଆଶାରେ ରହିଛି। ତେବେ ଆହତ ଜନିତ ସମସ୍ୟା ସହ ଘରୋଇ ପରିବେଶରେ ଶୀର୍ଷକ୍ରମ ବ୍ୟାଟରଙ୍କ ଦୁର୍ବଳ ପ୍ରଦର୍ଶନ ଦଳକୁ ବେଶୀ ଚିନ୍ତାରେ ପକାଇଛି। ଆହତ ଯୋଗୁଁ ରାଚିନ ରବୀନ୍ଦ୍ର, ମାର୍କ ଚାପମାନ ଓ ଡେଭନ କନୱେ ବାଦ୍ ପଡ଼ିବା ଦଳର ବ୍ୟାଟିଂକୁ ଆହୁରି ଦୁର୍ବଳ କରି ଦେଇଛି। ଅଧିନାୟକ ମିଚେଲ ସାଣ୍ଟନର ଗତ ଦୁଇ ମ୍ୟାଚ୍‌ରେ ଟସ୍ ମଧ୍ୟ ହାରିଛନ୍ତି। ଫଳରେ ବିପକ୍ଷ ଦଳ ସମ୍ମୁଖରେ ବିଜୟ ଲକ୍ଷ୍ୟ କମ୍ ସ୍କୋର ରହିବାରୁ ଘରୋଇ ବୋଲର ଚାପରେ ରହୁଥିବା ଦେଖାଯାଇଛି।

ଗତ ଦୁଇ ମ୍ୟାଚ୍ ପରି ସେଡନ୍ ପାର୍କରେ ମଙ୍ଗଳବାର ମ୍ୟାଚ୍‌ରେ ମଧ୍ୟ ବର୍ଷା ବାଧକ ସାଜିବାପାରେ। ମ୍ୟାଚ୍ ଆରମ୍ଭ ସମୟରେ ବର୍ଷାର ସମ୍ଭାବନା ଅଧିକ ଥିବାରୁ ବିଳମ୍ବରେ ଖେଳ ଆରମ୍ଭ ହେବାର ସମ୍ଭାବନା ରହିଛି। ଅପରାହ୍ନ ୧ଟାରେ ବର୍ଷା ସମ୍ଭାବନା ୮୩ ଥିଲା ବେଳେ ୩ଟାରେ ୬୮ ପ୍ରତିଶତ ରହିଛି। ତେବେ ପରବର୍ତ୍ତୀ ସମୟରେ ପାଗରେ ସାମାନ୍ୟ ସୁଧାର ଆସିବା ଥିଲେ ମଧ୍ୟ ବର୍ଷା ଅଶଙ୍କା ରହିବ। ପୁଣି ରାତି ୮ଟାରୁ ୧୧ଟା ମଧ୍ୟରେ ୬୨ରୁ ପ୍ରତିଶତ ବର୍ଷା ସମ୍ଭାବନା ଥିବା ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଠାକାର ପିଚ୍‌ରେ ଭଲ ରନ୍ ହେଉଥିଲେ ମଧ୍ୟ ଅଦିନିଆ ବର୍ଷା ଓ ପାଗ ଥଣ୍ଡା ଯୋଗୁଁ ଦ୍ରୁତ ବୋଲରଙ୍କୁ ଅଧିକ ସହାୟତା କରିବାର ଆଶା ରହିଛି। ସୋମବାର ବର୍ଷା ହୋଇ ଥିବାରୁ ଭାରତୀୟ ଦଳ ଇନ୍‌ଡୋରରେ ଅଭ୍ୟାସ କରିଥିଲା।

ଭାରତ (ସମ୍ଭାବ୍ୟ ଏକାଦଶ) : ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର, କେଏଲ୍ ରାହୁଲ (ୱିକେଟ୍‌ରକ୍ଷକ), ଅକ୍ଷର ପଟେଲ, ନମନ ଧୀର, ଅଂଶୁଲ କମ୍ବୋଜ, ଗୁରନୂର ବ୍ରାର, ଆକ୍ୱିବ ନବି, ଅର୍ଶଦୀପ ସିଂହ।
ନ୍ୟୁଜିଲାଣ୍ଡ (ସମ୍ଭାବ୍ୟ ଏକାଦଶ): ଟିମ୍ ସେଫର୍ଟ, ୱିଲ ୟଙ୍ଗ, ହେନରି ନିକୋଲ୍‌ସ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଟମ ଲାଥମ (ୱିକେଟ୍‌କିପର), ମିଚେଲ ସାଣ୍ଟନର (ଅଧିନାୟକ), ନାଥନ ସ୍ମିଥ, କାଇଲ ଜାମିସନ, ମ୍ୟାଟ୍ ଫିସର, ଜାକବ ଡଫି।

ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଟିମ୍ ଇଣ୍ଡିଆ ଘୋଷଣା : ଭାରତୀୟ ଦଳକୁ ଫେରିଲେ ୨ ଷ୍ଟାର ଖେଳାଳି

ନୂଆଦିଲ୍ଲୀ

ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ଗୋଟିଏ ଟେଷ୍ଟ, ୩ଟି ଦିନିକିଆ ଏବଂ ୩ଟି ଟି-୨୦ ମ୍ୟାଚ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା ହୋଇଛି। ସ୍ମୃତି ମନ୍ଧାନାଙ୍କ ନେତୃତ୍ୱରେ ବିସିସିଆଇ ଏକ ଶକ୍ତିଶାଳୀ ଦଳ ଚୟନ କରିଛି। ସବୁଠାରୁ ବଡ଼ କଥା ହେଉଛି, ତିନୋଟି ଯାକ ଫର୍ମାଟର ଦଳରେ ଜେମିମା ରଡ୍ରିଗ୍ସଙ୍କ ପ୍ରତ୍ୟାବର୍ତ୍ତନ ହୋଇଛି। ଆହତ ସମସ୍ୟା ଯୋଗୁ ସେ ଟିମ୍ ଇଣ୍ଡିଆରୁ ବାଦ୍ ପଡ଼ିଥିଲେ। ତାଙ୍କ ବ୍ୟତୀତ ଅମନଜୋତ କୌର ମଧ୍ୟ ଦଳକୁ ଫେରିଛନ୍ତି। ତାଙ୍କୁ ଟି-୨୦ ଦଳରେ ସୁଯୋଗ ମିଳିଛି।

ଟେଷ୍ଟ ଦଳ : ସ୍ମୃତି ମନ୍ଧାନା (ଅଧିନାୟିକା), ଶେଫାଳି ବର୍ମା, ପ୍ରତିକା ରାୱଲ, ହରମନପ୍ରୀତ କୌର, ଜେମିମା ରଡ୍ରିଗ୍ସ, ହରଲିନ ଦେଓଲ,



ରିଚା ଘୋଷ (ଉଇକେଟ୍‌କିପର), ଯଷ୍ଟିକା ଭାଟିଆ (ୱିକେଟ୍ କିପର) ଦୀପ୍ତି ଶର୍ମା (ଉପ-ଅଧିନାୟିକା), ଶ୍ରୀ ଚରଣୀ, ସ୍ନେହ ରାଣା, କ୍ରାନ୍ତି ଗୌଡ଼, ନନ୍ଦିନୀ ଶର୍ମା, ଜିନ୍ତିମଣି କଲିତା, ସାୟଲି ସତଘରେ।

ଦିନିକିଆ ଦଳ : ସ୍ମୃତି ମନ୍ଧାନା (ଅଧିନାୟିକା), ଶେଫାଳି ବର୍ମା, ପ୍ରତିକା ରାୱଲ, ହରମନପ୍ରୀତ କୌର, ଜେମିମା ରଡ୍ରିଗ୍ସ, ହରଲିନ ଦେଓଲ, ରିଚା ଘୋଷ (ୱିକେଟ୍‌କିପର), ଯଷ୍ଟିକା ଭାଟିଆ (ଉଇକେଟ୍‌କିପର), ଦୀପ୍ତି ଶର୍ମା (ଉପ-ଅଧିନାୟିକା), ଶ୍ରୀ ଚରଣୀ, ବୈଷ୍ଣବୀ ଶର୍ମା, କ୍ରାନ୍ତି ଗୌଡ଼, ନନ୍ଦିନୀ ଶର୍ମା, ଜିନ୍ତିମଣି କଲିତା, ସାୟଲି ସତଘରେ।

ଅର୍ଜୁନଙ୍କ ଶତକ ପରେ ବି ହାରିଲା ଭାରତ
ପାକିସ୍ତାନକୁ ଜିତାଇଲା ହମଜାଙ୍କ ଶତକ



ନୂଆଦିଲ୍ଲୀ

୧୯ ବର୍ଷରୁ କମ୍ ଏସୀଆ କପରେ ଭାରତର ପରାଜୟ। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ୩ ୱିକେଟରେ ଜିତିନେଇଛି। ଭାରତର ଯୁବ ବ୍ୟାଟ୍ସମ୍ୟାନ ଅର୍ଜୁନ ରାଜପୁତଙ୍କ ଶତକ ପରେ ମଧ୍ୟ ଭାରତକୁ ପରାଜୟ ବରଣ କରିବାକୁ ପଡ଼ିଛି। ପାକିସ୍ତାନର ୱିକେଟକିପର ବ୍ୟାଟ୍ସମ୍ୟାନ ହମଜାଙ୍କ ଅପରାଜିତ ଶତକ ଦଳକୁ ସଙ୍କଟରୁ ପାର୍ କରିଥିଲା। ୨୦୯ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ୪୮ ଓଭର ଗୋଟିଏ ବଲରେ ପାକିସ୍ତାନ ୭ ୱିକେଟ ହରାଇ ବିଜୟ ହାସଲ କରିପାରିଛି। ଦମ୍‌ଦାର ପ୍ରଦର୍ଶନ ପାଇଁ ହମଜା ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୪୬.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୨୦୮ ରନ୍ କରିଥିଲା। ଭାରତ ପକ୍ଷରୁ ଅର୍ଜୁନ ରାଜପୁତ ସର୍ବାଧିକ ରନ୍ ସଂଗ୍ରହ କରିଥିଲେ। ସେ ମାତ୍ର ୮୫ ବଲରୁ ୧୦୭ ରନର ଦମଦାର ପାଳି ଖେଳିଥିଲେ। ଅନ୍ୟପଟେ କିମ୍ବଦନ୍ତୀ କ୍ରିକେଟରଙ୍କ ପୁଅ ଆର୍ଯ୍ୟବୀର ସେହ୍ୱାଗ ଏବଂ ଅନ୍ୱୟ ଦ୍ରାବିଡ଼ ଏହି ମ୍ୟାଚରେ ବ୍ୟାଟିଂରେ କୌଣସି ବଡ଼ କମାଲ କରିପାରି ନଥିଲେ। ପାକିସ୍ତାନ ପକ୍ଷରୁ ବୋଲିଂରେ ରିଜ୍‌ୱାନୁଲ୍ଲା, ଅଲ୍ଲୀ ରଜା ଏବଂ ନିକାବ ଶଫିକ୍ ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

୨୦୯ ରନର ଲକ୍ଷ୍ୟର ପିଛା କରିବାକୁ ଓହ୍ଲାଇଥିବା ପାକିସ୍ତାନର ଆରମ୍ଭ ଅତି ଖରାପ ହୋଇଥିଲା। ଭାରତୀୟ ବୋଲରଙ୍କ ଘାତକ ଆକ୍ରମଣ ଆଗରେ ପାକିସ୍ତାନ ମାତ୍ର ୬୧ ରନ୍ ମଧ୍ୟରେ ନିଜର ପ୍ରମୁଖ ୫ଟି ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଲାଗୁଥିଲା ଯେ ଭାରତ ଏହି ମ୍ୟାଚ୍‌କୁ ସହଜରେ ଜିତିନେବ, କିନ୍ତୁ ହମଜା ଜହୁର ଏବଂ ହସନୈନ ଅବାସ ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲେ। ଉଭୟ ଷଷ୍ଠ ୱିକେଟରେ ୧୦୭ ରନର ପାର୍ଟନରସିପ କରି ଦଳକୁ ବିଜୟ ଭେଟି ଦେଇପାରିଛନ୍ତି।

ହମଜା ଜହୁର ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ସେ ୧୦୮ ବଲରୁ ୧୦ଟି ଚୌକା ଓ ୩ଟି ଛକା ସହାୟତାରେ ଅପରାଜିତ ୧୦୦ ରନର ମ୍ୟାଚ୍-ୱିନିଂ ଇନିଂସ ଖେଳିଥିଲେ। ଶେଷ ମୁହୂର୍ତ୍ତରେ ଦଳକୁ ବିଜୟୀ କରାଇବା ସହ ସେ ନିଜର ଶତକ ମଧ୍ୟ ପୂରଣ କରିଥିଲେ। ପାକିସ୍ତାନ ୪୮.୧ ଓଭରରେ ୭ଟି ୱିକେଟ୍ ହରାଇ ୨୦୯ ରନ୍ ଲକ୍ଷ୍ୟକୁ ହାସଲ କରିନେଇଥିଲା। ଏହାସହ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରେ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି।

କାଳୀପୂଜା ଭସାଣି ପ୍ରସ୍ତୁତିର ସମୀକ୍ଷା କଲେ ମେୟର

କଟକ, ନ୍ୟୁଜ୍‌ବ୍ୟୁରୋ

କଟକର ପ୍ରସିଦ୍ଧ କାଳୀପୂଜା ଭସାଣି ଉତ୍ସବକୁ ଶୃଙ୍ଖଳିତ, ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ଲାଗି ପ୍ରଶାସନିକ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର କଟକ ମହାନଗର ନିଗମର ମେୟର ସୁବାସ ସିଂହ ଦେବୀଗଡ଼ାସ୍ଥିତ ପୁରୀଘାଟ ମୂର୍ତ୍ତି ବିସର୍ଜନ ସ୍ଥଳ ପରିଦର୍ଶନ କରି ବିଭିନ୍ନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଭସାଣି ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ସହିତ ସ୍ୱଚ୍ଛତା, ଆଲୋକୀକରଣ, ଜନସୁରକ୍ଷା ଓ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ସେ ଗୁରୁତ୍ୱ ଦେଇଛନ୍ତି। ପରିଦର୍ଶନ ସମୟରେ ମେୟର ଘାଟର ସ୍ଥିତି, ମୂର୍ତ୍ତି ବିସର୍ଜନ ପାଇଁ ନିର୍ଦ୍ଧାରିତ ସ୍ଥାନ, ପ୍ରବେଶ ଓ ପ୍ରସ୍ଥାନ ପଥ, ରାସ୍ତାଘାଟର ଅବସ୍ଥା ଏବଂ ଆଲୋକ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ବିଭିନ୍ନ ପୂଜା କମିଟିର ମେଢ଼ ଓ ଶୋଭାଯାତ୍ରା ସମୟରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାରୁ ଯାତାୟାତ ଓ ବିସର୍ଜନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଉପରେ ଆଲୋଚନା ହୋଇଥିଲା। ଘାଟରେ ଯେପରି ଭିଡ଼ ନିୟନ୍ତ୍ରଣରେ ରହିବ ଏବଂ ଶ୍ରଦ୍ଧାଳୁମାନେ ସୁବିଧାରେ ବିସର୍ଜନ କରିପାରିବେ, ସେଥିପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଭସାଣି ପୂର୍ବରୁ, ଉତ୍ସବ ଚାଲିଥିବା ସମୟରେ ଏବଂ ପରେ ଘାଟ ଓ ଏହାର ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା ବଜାୟ ରଖିବାକୁ ନିଗମ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯିବା ନେଇ ଆଲୋଚନା ହୋଇଥିଲା। ପର୍ଯ୍ୟାପ୍ତ ସଫେଇ କର୍ମଚାରୀ ନିୟୋଜନ, ଆବର୍ଜନା ସଂଗ୍ରହ ଓ ଅପସାରଣ ସହିତ ବିସର୍ଜନ ପରେ ଫୁଲ, ପୂଜା ସାମଗ୍ରୀ ଓ ସାଜସଜ୍ଜା ଅବଶିଷ୍ଟାଂଶକୁ ତୁରନ୍ତ ହଟାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କେବଳ ଉତ୍ସବର ସୁପରିଚାଳନା ନୁହେଁ, ପରିବେଶ ସୁରକ୍ଷାକୁ ମଧ୍ୟ ଏଥର ପ୍ରାଧାନ୍ୟ ଦିଆଯାଉଛି। ମୂର୍ତ୍ତି ବିସର୍ଜନ ପରେ ନଦୀଜଳ ପ୍ରଦୂଷଣ ରୋକିବା, ଅବଶିଷ୍ଟ ସାମଗ୍ରୀର ସଠିକ୍ ପରିଚାଳନା ଏବଂ ଘାଟର ପରିଚ୍ଛନ୍ନତା ବଜାୟ ରଖିବା ଉପରେ ମତବିନିମୟ ହୋଇଥିଲା। ଧାର୍ମିକ ପରମ୍ପରା ଓ ଜନଭାବନାକୁ ସମ୍ମାନ ଦେବା ସହ ପରିବେଶ ପ୍ରତି ଦାୟିତ୍ୱବାନ ହେବାକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ଏହି ସମୀକ୍ଷା ବୈଠକରେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ ଉପସ୍ଥିତ ରହି ଭସାଣି ଉତ୍ସବରେ ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବା ସମ୍ପର୍କରେ ମତ ରଖିଥିଲେ। ଏଥିରେ ନିଗମର ଅତିରିକ୍ତ କମିଶନର ସୋନା ଟୁଡ଼ୁ, ସ୍ୱାସ୍ଥ୍ୟ ସ୍ଥାୟୀ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, କର୍ପୋରେଟର ବନଲତା ପ୍ରଧାନ, ଦେବେନ୍ଦ୍ର କାହାଳି, ନୃସିଂହ ଚୌଧୁରୀ, ଦୀପାୟନ ପଟ୍ଟନାୟକ ଓ ଦେବେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ନିଗମର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। କଟକର କାଳୀପୂଜା ଓ ଭସାଣି ଉତ୍ସବ ସହରର ଦୀର୍ଘଦିନର ସାଂସ୍କୃତିକ ପରମ୍ପରା ଓ ଭାଇଚାରାର ପ୍ରତୀକ। ଏହି ପରମ୍ପରାର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ପରିବେଶ ଅନୁକୂଳ କରିବା ପାଇଁ ପୂଜା କମିଟି, ଶାନ୍ତି କମିଟି, ପ୍ରଶାସନ ଓ ସାଧାରଣ ଜନତାଙ୍କ ମିଳିତ ସହଯୋଗ ଅପରିହାର୍ଯ୍ୟ ବୋଲି ଏହି ପରିଦର୍ଶନରେ ଗୁରୁତ୍ୱାରୋପ କରାଯାଇଥିଲା।

ଟେଷ୍ଟ କ୍ରିକେଟରୁ ଅବସର ନେଲେ ମହମ୍ମଦ ଶାମି

କୋଲକାତା

ଭାରତୀୟ କ୍ରିକେଟ ଟିମ୍‌ର ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଶାମି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ଭିଡିଓ ମାଧ୍ୟମରେ ୧୩ ବର୍ଷର ଏକ ଚମତ୍କାର କ୍ୟାରିୟରର ଅନ୍ତ ଘଟାଇବାର ନିଷ୍ପତ୍ତି ଘୋଷଣା କରିଛନ୍ତି। ଶାମି କହିଛନ୍ତି ଯେ, ଦିନିକିଆ ଓ ଟି-୨୦ ଭଳି ସୀମିତ ଓଭର କ୍ରିକେଟ୍‌ରେ ସେ ଭାରତ ପାଇଁ ଖେଳିବା ଜାରି ରଖିବେ।

ସୋସିଆଲ ମିଡିଆ ହ୍ୟାଣ୍ଡେଲ ଜରିଆରେ ଭାବପ୍ରବଣ ବାର୍ତ୍ତା ଜରିଆରେ ମହମ୍ମଦ ଶାମି କହିଛନ୍ତି, 'ମୁଁ ଧଳା ଜର୍ସିରୁ ବିଦାୟ ନେଉଛି, କିନ୍ତୁ କେବେବି ଏହା ସହ ଜଡ଼ିତ ସ୍ମୃତିରୁ ନୁହେଁ। ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଭାରତର ଟେଷ୍ଟ ଜର୍ସି ପିନ୍ଧିଥିଲି, ସେତେବେଳେ ମୋର କେବଳ ଗୋଟିଏ ସ୍ୱପ୍ନ ଥିଲା, ନିଜ ଦେଶ ପାଇଁ କିଛି ହାସଲ କରିବା। ଏହା ପରଠାରୁ, ପ୍ରତ୍ୟେକ ୱିକେଟ୍, ପ୍ରତ୍ୟେକ ସଂଘର୍ଷ, ପ୍ରତ୍ୟେକ ଆଘାତ ଏବଂ ପ୍ରତ୍ୟେକ ପ୍ରତ୍ୟାବର୍ତ୍ତନ ମୋତେ କିଛି ନା କିଛି ମୂଲ୍ୟବାନ ଶିକ୍ଷା ଦେଇଛି। ଟେଷ୍ଟ କ୍ରିକେଟ୍ ମୋ ପାଇଁ କେବଳ ଏକ ଖେଳର ଫର୍ମାଟ ନୁହେଁ, ବରଂ ଏହା ମୋ ଜୀବନର ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଅଂଶ ହୋଇ ରହିଆସିଛି। ଆଜି, ଏକ ଭାରୀ ହୃଦୟ ଏବଂ ଅସଂଖ୍ୟ ସୁନ୍ଦର ସ୍ମୃତି ସହିତ, ମୁଁ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି।'

ସେ ଆହୁରି କହିଛନ୍ତ, 'ମୋର ସମସ୍ତ ସହ ଖେଳାଳି, କୋଚ୍, ପରିବାର ସଦସ୍ୟ ଏବଂ ସେହି କୋଟି କୋଟି ଭାରତୀୟଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି, ଯେଉଁମାନେ ଏହି ଯାତ୍ରାରେ ମୋତେ ସମର୍ଥନ



କରିଛନ୍ତି, ଯେଉଁମାନେ ଭଲ ସମୟ ହେଉ କିମ୍ବା କଠିନ ସମୟ, ସବୁବେଳେ ମୋ ଉପରେ ବିଶ୍ୱାସ ରଖିଛନ୍ତି।

ବିସିସିଆଇ ଏବଂ କ୍ରିକେଟ୍ ଆସୋସିଏସନ୍ ଅଫ୍ ବେଙ୍ଗଲ୍‌କୁ ମଧ୍ୟ ହୃଦୟରୁ କୃତଜ୍ଞତା ଜଣାଉଛି, ଯେଉଁମାନେ ମୋ ପ୍ରତିଭା ଉପରେ ଭରସା କରିଥିଲେ, ମୋତେ ଆଗକୁ ବଢ଼ିବା ପାଇଁ ସୁଯୋଗ ଦେଲେ ଏବଂ ମୋ କ୍ରିକେଟ୍ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆପଣମାନଙ୍କର ସମର୍ଥନ ଏବଂ ବିଶ୍ୱାସ ମୋ ପାଇଁ ସର୍ବଦା ସ୍ୱତନ୍ତ୍ର ହୋଇ ରହିବ। ଯଦିଓ ମୁଁ ମୈଦାନରେ ବୋଲିଂ କରିଥିବା ଶେଷ ଟେଷ୍ଟ ବଲ୍‌ଟି ପକାଇ ସାରିଛି, ତଥାପି ଭାରତ ପାଇଁ ଖେଳିଥିବାର ଗର୍ବ ମୋ ହୃଦୟରେ ସର୍ବଦା ଜୀବନ୍ତ ହୋଇ ରହିବ।'

୩୬ ବର୍ଷୀୟ ଶାମି ଏକ ଭିଡିଓ ପୋଷ୍ଟ କରି ତାଙ୍କର ଅବସର ଘୋଷଣା କରିଛନ୍ତି। ମହାରାଷ୍ଟ୍ର ବିପକ୍ଷରେ ପଶ୍ଚିମବଙ୍ଗ ପାଇଁ ଏକ ମ୍ୟାଚ୍ ଶେଷ କରିବାର ମାତ୍ର ୨୪ ଘଣ୍ଟା ପରେ, ସେ ରେଡ୍-ବଲ୍ କ୍ରିକେଟକୁ ଅଲବିଦା କହିଛନ୍ତି। ଯଦିଓ ସେ ଖେଳରୁ ସମ୍ପୂର୍ଣ୍ଣ ଅବସର ନେଉନାହାନ୍ତି, ଶାମି ସ୍ପଷ୍ଟ କରିଛନ୍ତି ଯେ, ସେ ୫୦ ଓଭର କ୍ରିକେଟ୍ ଏବଂ ଟି-୨୦ ମ୍ୟାଚ୍ ଖେଳିବା ଜାରି ରଖିବେ।

ଶାମି ଭାରତ ପାଇଁ ୬୪ଟି ଟେଷ୍ଟ ମ୍ୟାଚ୍ ଖେଳି ୨୨୯ଟି ୱିକେଟ୍ ନେଇଛନ୍ତି। ଲଗାତାର ଭାବେ ଟେଷ୍ଟ ଦଳରୁ ବାଦ ପଡୁଥିଲେ ଶାମି। ୨୦୨୫ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍ ପରଠାରୁ ସେ ଭାରତ ପାଇଁ ଖେଳି ନାହାନ୍ତି। ଆହତ କାରଣରୁ ମଧ୍ୟ ତାଙ୍କୁ ବହୁତ ଦିନ ଧରି ଖେଳରୁ ଦୂରେଇ ରଖାଯାଇଥିଲା। ସେ ବେଙ୍ଗଲ ସହିତ ଘରୋଇ କ୍ରିକେଟ କୁ ଫେରିବା ପରେ ତାଙ୍କ ବୋଲିଂରେ ପ୍ରଭାବିତ କରିଥିଲେ, କିନ୍ତୁ ସ୍ଥିର ପ୍ରଦର୍ଶନ ସତ୍ତ୍ୱେ, ସେ ଜାତୀୟ ଦଳରେ ନିଜର ସ୍ଥାନ ଫେରି ପାଇପାରି ନଥିଲେ। ସେ ଏହା ଉପରେ ନିଜର ନିରାଶା ପ୍ରକାଶ କରିଥିଲେ ଏବଂ ଜାତୀୟ ଚୟନ କମିଟିର ପୂର୍ବତନ ଅଧ୍ୟକ୍ଷ ଅଜିତ ଅଗରକରଙ୍କୁ ସମାଲୋଚନା କରିଥିଲେ।

ଯାଜପୁରରେ ଜାତୀୟ ଆଇନ୍ ସେବା ଦିବସ ଓ ସଚେତନତା ସଭା



ଯାଜପୁର, ନ୍ୟୁଜ୍‌ବ୍ୟୁରୋ

ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଯାଜପୁର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଆଇନ୍ ସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ନନ୍ଦ ଦିବସର ମହତ୍ତ୍ୱ ବୁଝାଇବା ସହ ଶିଶୁଙ୍କ ସର୍ବୋତ୍ତମ ସ୍ୱାର୍ଥର ସୁରକ୍ଷା ଓ ସେମାନଙ୍କ ପ୍ରଗତି ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାଧିକରଣ ସଚିବ ଲିପା ମହାନ୍ତି ଜିଲ୍ଲା ଓ ତାଲୁକ ସ୍ତରୀୟ ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟ ପରିସର ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳା, ଶିଶୁ, ଆର୍ଥିକ ଦୁର୍ବଳ ବ୍ୟକ୍ତି (ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍), ଦଙ୍ଗା ପୀଡ଼ିତ ଏବଂ ତଫସିଲଭୁକ୍ତ ଜାତି ଓ ଜନଜାତିର ଲୋକମାନଙ୍କୁ କିପରି ବିନା ମୂଲ୍ୟରେ ଆଇନ୍ ପରାମର୍ଶ ଓ ସମାନ ନ୍ୟାୟ ମିଳିପାରିବ, ସେ ବିଷୟରେ ସେ ବର୍ଣ୍ଣନା କରିଥିଲେ। ଏହି ସଭାରେ ଅତିଥି ଆଲୋଚକ ଭାବେ ସିଜେଏମ୍ ସର୍ବେଶ୍ୱର ଦାସ, ଜେଏମ୍ ଏଫ୍‌ସି (ଏଲ୍ ଆର୍ ଏଣ୍ଡ ଏଲଟିଭି) ଅଂଶୁମାନ ରଥ, ଜେଏମ୍ ଏଫ୍‌ସି ବୀଣାପାଣି ତାଣ୍ଡି ଏବଂ ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ଥିଲେ। ୧୯୮୭ ମସିହା ନଭେମ୍ବର ୯ ତାରିଖରେ ଗୃହୀତ ଆଇନ୍ ସେବା ପ୍ରାଧିକରଣ ଅଧିନିୟମ କିପରି ଜାତୀୟ ସ୍ତରରୁ ତାଲୁକ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟ କରୁଛି, ସେ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏଥିସହିତ ଲୋକ ଅଦାଲତ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର ଏବଂ ବିଚାରାଳୟ ପରିସରର ସମ୍ମୁଖ କାର୍ଯ୍ୟାଳୟ ଜରିଆରେ ଉଚିତ୍ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ଆଇନ୍ ସହାୟତା ଯୋଗାଇ ଦିଆଯାଉଥିବା ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସେଠୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ଶେଷରେ ଯୋଗଦେଇ ଥିବା ବିଚାରପତି, ଶିକ୍ଷକ-ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାରେ ମଧ୍ୟ ଭାଗନେଇଥିଲେ। ପ୍ରାଧିକରଣର କର୍ମଚାରୀ ଏବଂ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହକାରୀ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

GOVERNMENT OF ODISHA
E.mail- eerwsssbp@gmail.com
OFFICE OF THE SUPERINTENDING ENGINEER, R.W.S&S DIVISION, SAMBALPUR.
"e" PROCUREMENT NOTICE
25001/1496/2627
Bid Identification No. RWSS (SBP):- 10/2026-27

1. Name of the Work : 1) Painting with Weather coats of RCC ESR, Pump House & Boundary Wall of RPWS Scheme to vill- Jujumora, Kansar, Kayakud, Godloisingh, Basiapada, Lipinda, Meghpal, Nuaadhapada under Jujumora Block & 09 Others of fifferent Blocks under Sambalpur District.
2. Total Number of Work : 10 Nos. (Ten)
3. Estimated Cost : Rs. 5.55 Lakhs to Rs.12.32 Lakhs
4. Class of Contractor : "C & D "
5. Period of Completion : Two Months

Procurement Officer	Bid Identification No	Availability of tender online for bidding	
		From	To
Superintending Engineer RWSS Division Sambalpur	RWSS (SBP): 10/2026-27	10.11.2026	up to 5.00 PM of 19.11.2026

Further details can be seen from the e-procurement portal "www.tendersodisha.gov.in" Subsequent corrigendum if required shall be appeared in the website only.
Sd/- Superintending Engineer
R.W.S&S Division, Sambalpur
OIPR-25001/25015/1/26-27/0008

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
(ରାସ୍ତା ଓ ଗୃହ) ବିଭାଜନ ନଂ ୧, ଭୁବନେଶ୍ୱର
Email: eebbsr1@yahoo.co.in
34001/1134/2627
OFFICE OF THE SUPERINTENDING ENGINEER
BHUBANESWAR (R & B) DIVISION NO. 1, BHUBANESWAR
INVITATION FOR BIDS (IFB)
No-7648 Date 03.11.2026
Bid Identification No- C.C. (R&B)-01 e- Procurement Notice No. 18 of 2026-27

1	Name of the Work	E.I Work
2	Total No of Work	02 Nos Work
3	Estimated Cost	1) Rs.9,48,852.00(Excluding GST) 2) Rs.7,83,011.00(Excluding GST)
4	Class of Contractor	1) Manufacturer/Authorised dealer having MOU with M.V/H.T Electrical Contractor or MV/ HT Electrical Contractor having Authorisation (Make:- Thyssenkrupp) 2) MV or Above Electrical Contractor
5	Period of Completion`	1) 12(Twelve) Calender Months 2) 02 (Two) Calender Months
6	Type of Tender	Single Cover System (Online)
7	Date & time of availability of bid document in the portal	From 17.00 Hours of 10.11.2026 to 17.00 Hours of 20.11.2026
8	Last Date & Time for Receipt of bids in the portal	20.11.2026 up to 17.00 hrs
9	Name & Address of the Officer inviting Bid	Superintending Engineer, Bhubaneswar (R&B) Division No.I, Bhubaneswar

Further details can be seen from the e-procurment portal https://tendersorissa.gov.in
N.B: Subsequent Corrigendum/addendum if required shall be available in the website as indicated above.
Sd/- Superintending Engineer
Bhubaneswar (R&B) Division No.1, BBSR
OIPR-34001/34189/1/26-27/0009

RAURKELA MUNICIPAL CORPORATION
13001/2415/2627
Uditnagar, Raurkela, Pin-769012
Mail Id: Raurkelamunicipality@gmail.com Telephone: (0661) 2500388
Letter No. 17279 / Dated 05.11.2026 /
PUBLIC NOTICE FOR ALLOTMENT OF SHOPS AT SAANJH BAZAAR, SATTALA

Raurkela Municipal Corporation hereby invites closed bid application for allotment of 3 nos. of Shops at Saanjh Bazaar, Sattala, Raurkela on Auction basis. The intending bidders are requested to submit their closed bid offer in prescribed tender paper in closed envelope addressed to **Commissioner, Raurkela Municipal Corporation, Uditnagar, Raurkela.** The details of the Shops are mentioned below.

Saanjh Bazaar, Sattala, Raurkela					
Sl. No.	Shop no.	Area	Base Price	EMD	Monthly Rent
1	Shop No. 4	80 Sq. Ft.	Rs. 1,60,000/-	Rs. 16,000/-	Rs. 7.50 per Sq. Ft.
2	Shop No. 8	80 Sq. Ft.	Rs. 1,60,000/-	Rs. 16,000/-	Rs. 7.50 per Sq. Ft.
3	Shop No. 9	80 Sq. Ft.	Rs. 1,60,000/-	Rs. 16,000/-	Rs. 7.50 per Sq. Ft.

TERMS & CONDITIONS:-
1. The shops shall be allotted exclusively for operating **food stalls**. The successful bidders shall use the allotted premises only for the permitted purpose.
2. Interested bidders shall send their own quoted value (over and above the base price) in the attached prescribed format in sealed envelope addressed to Municipal Commissioner, Raurkela Municipal Corporation, Uditnagar, Raurkela, 769012 through speed post/ registered post/ by hand at RMC office.
   a. Completely filled up Tender Form
   b. Receipt/ Demand Draft for Rs. 708/- (including GST) for Tender form.
   c. Applicant must attach his/her Photo ID (Aadhar card/ Voter Card) and two passport size photo.
   d. Demand Draft against EMD amount.
3. One person can apply for shop with one application form. If he/she wants to apply for another shop, a separate form shall be submitted by paying the prescribe form fee.
4. The applicants are requested to clearly mention the **"Tender for Shop No. at Saanjh Bazaar, SATTALA"** on the envelop otherwise the application shall be rejected. Application not received in specific format shall be rejected.
5. All the applicants received in the closed envelope shall be opened on 18-11-2026 at 11:30AM in front of the applicants/ their authorized representative who wish to attend in Raurkela Municipal Corporation office. The shop shall be allotted to the highest bidder (H1 Bidder). The successful bidder must pay the full amount within a period of 7 days in the form of Demand Draft (DD) / Banker's Cheque issued from any Nationalized / Scheduled Commercial Bank. In case of Failure on the part of highest bidder, allotment will be made in favour of the 2nd highest bidder at the highest bid price (H1) value. The security deposit of the H1 bidder/ original first bidder will be forfeited.
6. The EMD amount of the unsuccessful applicants shall be refunded after the completion of the allotment process.
7. The allottee shall bear the cost of electricity connection, PH water pipe connection and monthly charges of the Shop, sanitation user fees and he/she shall not alter the structure or carry out any renovation of the allotted shops without prior permission from concerned authority.
8. The monthly fee will be fixed based on the quoted price and with increment of 5% on per Sq. Ft. price in every Year.
9. Shop keepers must obtain a valid trade license from appropriate authority before operation the shop.
10. The rent will be collected by RMC officials on monthly basis.
11. The decision of Raurkela Municipal Corporation authority in the said allotment process is final. Raurkela Municipal Corporation authority may cancel any application or entire allotment process at any point of time without assigning any reason thereof.
12. The application forms must reach in RMC office on before 17.11-2026 at 5.30PM and will be opened at 18-11-2026 at 11.30 AM.
13. All details of auction will be available in web site **rmc.myrourkela.in** or visit room no.18, NULM section of RMC, Raurkela.

Sd/- Commissioner
Raurkela Municipal Corporation
OIPR-13001/13131/1/26-27/0065



ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର ଯୋଜନାରେ ତ୍ୱରାନ୍ୱିତ ହେଉଛି କାର୍ଯ୍ୟ

୮୯ଟି ପ୍ରକଳ୍ପ ମାଧ୍ୟମରେ ଜଳ ସଂରକ୍ଷଣ ଓ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଜଳ ସଂରକ୍ଷଣ ଓ ଜଳ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର୍‌ଯୋଜନାକୁ ଆଇଏସଏସ୍ ୨.୦ ଅଧୀନରେ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ୪ଟି ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଅଂଚଳରେ ମୋଟ ୮୯ଟି ପ୍ରକଳ୍ପ ହାତକୁ ନିଆଯାଇଅଛି।

ଏହି ଯୋଜନା ଅଧୀନରେ ଇତିମଧ୍ୟରେ ୧୦ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଏହାଦ୍ୱାରା ପ୍ରାୟ ୧.୧୦ କୋଟି ଘନମିଟର ଜଳ ସଂରକ୍ଷଣ କ୍ଷମତା ସୃଷ୍ଟି ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୧୨୨ରୁ ଅଧିକ ଗ୍ରାମର ପ୍ରାୟ ୧.୮୨ ଲକ୍ଷ ଲୋକ ଉପକୃତ ହେବେ। କଳାହାଣ୍ଡିର ଜୁଲ୍ ?କୋ, ବଲାଙ୍ଗୀରର ଛତାମଖନା, ଗଞ୍ଜାମର ଜକମାରପଲ୍ଲୀ, ଢୋଲପିଟା ଓ ଧନେଇ, ବରଗଡ଼ର ମହୁଲପାଲି, ଯାଜପୁରର ସପ୍ତମାତୃକା ଏବଂ ସମ୍ବଲପୁରର ଗୋଚରା, କିରାସାସନ ଓ ବୁଢ଼ାରଜାଠାରେ ଏହି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହୋଇଛି।

ବର୍ତ୍ତମାନ ୧୩ଟି ଜିଲ୍ଲାରେ ୨୨ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ସୁନ୍ଦରଗଡ଼ରେ ୫ଟି ଓ ଖୋର୍ଦ୍ଧାରେ ୩ଟି ପ୍ରକଳ୍ପ ନିର୍ମାଣାଧୀନ ଥିବାବେଳେ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ କାର୍ଯ୍ୟ ଅଗ୍ରଗତି କରୁଛି। ଏହାବ୍ୟତୀତ ଆଉ ୩୫ଟି ପ୍ରକଳ୍ପ ପାଇପ୍‌ଲାଇନ୍‌ରେ ରହିଛି। ସେଥିମଧ୍ୟରୁ ୧୨ଟି ପ୍ରକଳ୍ପର କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହି ଜଳ ସଂରକ୍ଷଣ ପ୍ରକଳ୍ପଗୁଡ଼ିକ ଦ୍ୱାରା ବର୍ଷା ଋତୁରେ ନଦୀରେ ପ୍ରବାହିତ ଜଳକୁ ସଂରକ୍ଷଣ କରି ଅଣମୌସୁମୀ ସମୟରେ ଉପଯୋଗ କରାଯାଇପାରିବ। ଏହାଦ୍ୱାରା କୃଷି ପାଇଁ ଜଳସେଚନ, ଭୂତଳ ଜଳସ୍ତର ବୃଦ୍ଧି, ପାନୀୟ ଜଳ ଉପଲବ୍ଧତା, ମତ୍ସ୍ୟଚାଷ ଓ ଗ୍ରାମୀଣ ଜୀବିକା ସୁଦୃଢ଼ ହେବ। ଜଳବାୟୁ ପରିବର୍ତ୍ତନ ଓ ଅନିୟମିତ ବର୍ଷା। ଜନିତ ଜଳ ସଙ୍କଟର ମୁକାବିଲାରେ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

ଆଇଏସଏସ ୨.୦ ମାଧ୍ୟମରେ ରାଜ୍ୟରେ ଜଳ ସଂରକ୍ଷଣ ଭିତିଭୂମିର ସମ୍ପ୍ରସାରଣ ସହ କୃଷି, ଗ୍ରାମୀଣ ଅର୍ଥନୀତି ଓ ଜଳ ସୁରକ୍ଷାକୁ ଦୀର୍ଘମିଆଦୀ ଭିତିରେ ସୁଦୃଢ଼ କରିବା ଦିଗରେ ସରକାରଙ୍କ ପ୍ରୟାସ ଜାରି ରହିଛି।

ତିନି ମହଲା କୋଠାରେ ଭୟଙ୍କର ଅଗ୍ନିକାଣ୍ଡ, ନାବାଳକଙ୍କ ମୃତ୍ୟୁ ବୃଦ୍ଧ ଗୁରୁତର

କଟକ, ନ୍ୟୁଜ ବ୍ୟୁରୋ

କଟକ ସହରର ହାତୀପୋଖରୀ ଅଞ୍ଚଳରେ ଏକ ତିନି ମହଲା କୋଠାରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଏକ ଦୁଃଖଦ ଘଟଣାର ରୂପ ନେଇଛି। ନିଆଁରେ ଗୁରୁତର ଭାବେ ଆହତ ହୋଇଥିବା ଜଣେ ନାବାଳକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ବୟସ୍କ ବ୍ୟକ୍ତି ମଧ୍ୟ ଗୁରୁତର ଭାବେ ଆହତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଅଘଟଣ ପରେ ହାତୀପୋଖରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ଭୁବନେଶ୍ୱର : ଦୀପାବଳି ପର୍ବ ପାଳନ ଅବସରରେ କଟକଣାକୁ ଫୁ କରି ରାଜଧାନୀରେ ଦୀର୍ଘ ସମୟ ଧରି ପ୍ରବଳ ବାଣଫୁଟା ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଗାଡି ଚଳାଚଳରେ ଘୋର ଅସୁବିଧା ସୃଷ୍ଟି ହୋଇଥିଲା। (ଫଟୋ : ସମ୍ବାଦ କଳିକା)

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୧୬ରେ ଓଡ଼ିଶା ...

ଅଧିବେଶନ ରହିବ। ଉଦଘାଟନୀ ଅଧିବେଶନରେ ଓଡ଼ିଶାର ରାଜ୍ୟପାଳ ବ୍ରଜମୋହନ ରାମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ।

ଏହି ଗସ୍ତ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୋମବାର ଓଡ଼ିଶା ବିଧାନସଭା ସମ୍ମିଳନୀ କକ୍ଷରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଓଡ଼ିଶା ବିଧାନସଭାରେ ମୋଟ ୩୫ଟି ସଂସଦୀୟ କମିଟି ରହିଛି । ସଂସଦୀୟ କମିଟି ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ କେରଳ ଓ ଓଡ଼ିଶା ଉଲ୍ଲେଖନୀୟ ଭାବେ କାର୍ଯ୍ୟ କରୁଛନ୍ତି। ଏହି ବ୍ୟବସ୍ଥାକୁ ଆହୁରି ସକ୍ରିୟ ଓ ଫଳପ୍ରଦ କରିବା ସହ ବିଧାୟକମାନଙ୍କ ଦକ୍ଷତା ବିକାଶ କରିବା ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।

ବିଭିନ୍ନ ବିଭାଗର କାର୍ଯ୍ୟକାରିତା, ସରକାରୀ ଯୋଜନା ଓ ନିଷ୍ପତ୍ତିର ରୂପାୟନ ଏବଂ କାର୍ଯ୍ୟନିର୍ବାହୀ ବିଭାଗଗୁଡ଼ିକର କାର୍ଯ୍ୟଧାରା ଉପରେ ବିଧାୟକମାନେ କିପରି ପ୍ରଭାବଶାଳୀ ଭାବେ ନଜର ରଖିପାରିବେ, ସେ ସମ୍ପର୍କରେ ଆବଶ୍ୟକ ତାଲିମ ପ୍ରଦାନ କରାଯିବ ।

ବିଶେଷକରି ଆଗାମୀ ବଜେଟ୍ ଅଧିବେଶନକୁ ଦୃଷ୍ଟିରେ ରଖି ବଜେଟ୍ ଆଲୋଚନା, ବିଭିନ୍ନ ବିଭାଗକୁ ଆବଣ୍ଟିତ ଅର୍ଥର ପରିମାଣ, ବ୍ୟୟ ଓ ଅନୁଦାନର ଅନୁପାତ, ବଜେଟ୍ ଆକଳନ ଏବଂ କାର୍ଯ୍ୟନିର୍ବାହୀ ବିଭାଗର କାର୍ଯ୍ୟର ସମୀକ୍ଷା ଆଦି ବିଷୟରେ ବିଧାୟକମାନଙ୍କୁ ତାଲିମ ଦିଆଯିବ । ଏଥିସହ ବଜେଟ୍ ଉପସ୍ଥାପନାର ବିଭିନ୍ନ ଦିଗ ଏବଂ ବିଧାନସଭାରେ କିପରି ଅଧିକ ଫଳପ୍ରଦ, ତଥ୍ୟଭିତ୍ତିକ ଓ ଗଠନମୂଳକ ଆଲୋଚନା କରାଯାଇପାରିବ, ସେ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ।

ଉପରାଷ୍ଟ୍ରପତିଙ୍କ ଏହି ଗସ୍ତ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଫଳପ୍ରଦ ହେବ ବୋଲି ଆଶା ପ୍ରକାଶ କରି ମନ୍ତ୍ରୀ କହିଛନ୍ତି ଯେ, ଏହା ଦ୍ୱାରା ବିଧାୟକମାନଙ୍କ ମଧ୍ୟରେ ଅଭିଜ୍ଞତା ଓ ଭାବର ଆଦାନପ୍ରଦାନ ହେବା ସହ ବିଧାନସଭାର କାର୍ଯ୍ୟଧାରା ଅଧିକ ସୁଦୃଢ଼ ଓ ଗୁଣାତ୍ମକ ହୋଇପାରିବ ।

ମହିଳା ଏସିପିଙ୍କୁ ...

ହୋଇଥିଲା। ଖବର ପାଇ ୩ ନମ୍ବର ଜୋନର ମହିଳା ଏସିପି ଅନନ୍ୟା ଅସ୍ତି ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଯୁବକମାନଙ୍କୁ ବେଆଇନ କାର୍ଯ୍ୟରୁ ନିବୃତ୍ତ ରହିବାକୁ ତାଗିଦ୍ କରିଥିଲେ।ତେବେ ପୁଲିସର ନିର୍ଦ୍ଦେଶକୁ ମାନିବା ପରିବର୍ତ୍ତେ କିଛି ଯୁବକ ଉତ୍ତ୍ୟକ୍ତ ହୋଇ ପୁଲିସ କର୍ମଚାରୀଙ୍କ ସହ ଯୁକ୍ତିତର୍କ, ଧସ୍ତାଧସ୍ତି ଓ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏପରିକି ମହିଳା ଏସିପିଙ୍କୁ ମଧ୍ୟ ଦୁର୍ବ୍ୟବହାର କରାଯାଇଥିଲା। ଘଟଣାକୁ ନେଇ କିଛି ସମୟ ପାଇଁ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲେ ମଧ୍ୟ ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ଘଟଣା ପରେ ଲାଲବାଗ ଥାନାରେ ଅଭିଯୋଗ ହେବା ସହ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍ ଓ ଘଟଣାସ୍ଥଳରେ ଉପଲବ୍ଧ ଭିଡିଓ ଆଧାରରେ ପୁଲିସ ୯ରୁ ୧୦ ଜଣଙ୍କୁ ଚିହ୍ନଟ କରିଥିବା ଜଣାପଡ଼ିଛି। ଏହାସହ କିଛି ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା ମଧ୍ୟ କରାଯାଇଥିଲା। ତଦନ୍ତ ପରେ ୪ ଜଣଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ, ବେଆଇନ ସମାବେଶ, ମାରପିଟ୍, ଗାଳିଗୁଲଜ ଓ ଧମକ ଦେବା ଭଳି ୧୩ଟି ଗୁରୁତର ଦଫା ଲାଗିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ, ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଚଳାଇଛି। ଏ ସମ୍ପର୍କରେ କଟକ ଡିସିପି ଋଷିକେଶ ଡି. ଖିଲାରୀ କହିଛନ୍ତି ଯେ, ପୂଜାପାର୍ବଣ ସମୟରେ ଆଇନଶୃଙ୍ଖଳା ଓ ଜନସାଧାରଣଙ୍କ ସୁରକ୍ଷା ଦାୟିତ୍ୱ ତୁଲାଇବା ପାଇଁ ବହୁ ପୁଲିସ କର୍ମଚାରୀ କଟକରେ ନିୟୋଜିତ ହୋଇଥାନ୍ତି। ସେମାନେ ଲୋକଙ୍କ ସୁରକ୍ଷା ପାଇଁ ଦିନରାତି କାର୍ଯ୍ୟ କରୁଥିବାବେଳେ ଜଣେ ମହିଳା ଏସିପିଙ୍କ ସହ ଏଭଳି ବ୍ୟବହାର କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ନିର୍ଦ୍ଧାରିତ ସମୟ ପରେ ବାଣ ଫୁଟାଇବା ଏବଂ ସାଧାରଣ ଲୋକଙ୍କୁ ହଇରାଣ କରାଯାଉଥିବା ଖବର ପାଇ ଏସିପି ଫୋର୍ସ ସହ ଘଟଣାସ୍ଥଳକୁ ଯାଇଥିଲେ। ନିୟମ ଉଲ୍ଲଂଘନ ନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କିଛି ଯୁବକ ଏହାକୁ ଅବମାନନା କରି ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଘଟଣା ସମ୍ପର୍କରେ ପୁଲିସ ପାଖରେ ଭିଡିଓ ପ୍ରମାଣ ରହିଛି। ଏହାସହ ବିଭିନ୍ନ ସିସିଟିଭି ଫୁଟେଜ୍ ମଧ୍ୟ ସଂଗ୍ରହ କରାଯାଇଛି। ସମସ୍ତ ପ୍ରମାଣକୁ ଆଧାର କରି ତଦନ୍ତ ଚାଲିଛି ଏବଂ ଆଇନ ଅନୁଯାୟୀ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି ଡିସିପି କହିଛନ୍ତି। ପାର୍ବଣ ସମୟରେ ଆଇନଶୃଙ୍ଖଳା ରକ୍ଷା ଓ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ନିୟୋଜିତ ପୁଲିସ କର୍ମଚାରୀଙ୍କ ସହ ଏଭଳି ଆଚରଣ ଏବେ ସହରରେ ଚର୍ଚ୍ଚାର ବିଷୟ ହୋଇଛି।

ଛାତ୍ରଛାତ୍ରୀଙ୍କ ସଶକ୍ତିକରଣ ...

ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ପୂରଣ କରୁଥିବା ଆଶାୟୀ ପ୍ରାର୍ଥୀମାନେ ବିନା କୌଣସି ପ୍ରୟାସ ସୀମାରେ ଯେତେ ଥର ଚାହିଁବେ ପରୀକ୍ଷାରେ ଅବତୀର୍ଣ୍ଣ ହୋଇପାରିବେ। ଏହା ମେଧାବୀ ପ୍ରାର୍ଥୀମାନଙ୍କୁ ଚାପମୁକ୍ତ ପରିବେଶରେ ନିଜ ଦକ୍ଷତା ପ୍ରଦର୍ଶନ କରିବା ସହ ଅଧିକ ନ୍ୟାୟସଙ୍ଗତ ଓ ସମାନ ସୁଯୋଗ ସୁନିଶ୍ଚିତ କରିବ।

ସେହିପରି ରାଜ୍ୟ କ୍ୟାବିନେଟ୍ ସୋମବାର ଖରିଫ ବିପଣନ ଋତୁ ୨୦୨୬-୨୭ ପାଇଁ ବ୍ୟାପକ ଖାଦ୍ୟ ଓ ଧାନ ସଂଗ୍ରହ ନୀତିକୁ ଅନୁମୋଦନ କରିଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ, ଖରିଫ ଋତୁରେ ୫୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ (ପ୍ରାୟ ୭୮ ଲକ୍ଷ ମେଟ୍ରିକ ଟନ୍ ଧାନ) ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଓ ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଇନପୁଟ ସହାୟତା ମିଶାଇ ଚାଷୀମାନଙ୍କୁ କ୍ୱିଣ୍ଟାଲ ପିଛା ମୋଟ ୩୧୦୦ ଟଙ୍କା ପ୍ରଦାନ କରାଯିବ।

ଧାନ ବିକ୍ରିର ୨୪ ରୁ ୪୮ ଘଣ୍ଟ ମଧ୍ୟରେ ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ପ୍ରଦାନ ବ୍ୟବସ୍ଥା ହୋଇଛି । ଉପଗ୍ରହ ଚିତ୍ର ଜରିଆରେ ୧୦୦% ଫିଲ୍ଡ ଭେରିଫିକେସନ୍, ଡିଜିଟାଲ୍ ସମ୍ମତି ଆଧାରରେ ଯୋଗ୍ୟ ଭାଗଚାଷୀଙ୍କ ପଞ୍ଜିକରଣ ଓ ୫ହଜାର ମେଟ୍ରିକ ଟନ୍‌ରୁ ଅଧିକ କ୍ଷମତା ଥିବା ମଣ୍ଡିରେ ଏଆଇ ଭିତ୍ତିକ ଶସ୍ୟ ବିଶ୍ଳେଷକ ଯନ୍ତ୍ର ଓ ସିସିଟିଭି ଲଗାଇ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ୱଚ୍ଛ କରାଯିବ।

ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟିଙ୍କୁ ନିରବଚ୍ଛିନ୍ନ ସେବା ନିଶ୍ଚିତ କରିବା ପାଇଁ ବେସରକାରୀ ଡିଲରମାନଙ୍କ କାର୍ଯ୍ୟକାଳ ସମୟସୀମାକୁ ରାଜ୍ୟ କ୍ୟାବିନେଟ୍ ପୁଣିଥରେ ୨୦୨୭ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

ଗୋ-ପାଳକଙ୍କ ସୁରକ୍ଷା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ 'ଓଡ଼ିଶା ଗୋ-ପ୍ରଜନନ (ନିୟନ୍ତ୍ରଣ) ବିଧେୟକ, ୨୦୨୬' ଚିଠାକୁ କ୍ୟାବିନେଟ୍ ଗ୍ରହଣ କରିଛନ୍ତି, ଯାହା ଆଗାମୀ ଦିନରେ ବିଧାନସଭାରେ ଉପସ୍ଥାପିତ କରାଯିବ।

ଗ୍ରାମାଞ୍ଚଳ ପ୍ରଶାସନର କର୍ମଚାରୀଙ୍କ ମନୋବଳ ବଢ଼ାଇବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅନ୍ତର୍ଗତ ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ୟାଡର ସଂଶୋଧନ ନିୟମାବଳୀ, ୨୦୨୬କୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ପୂର୍ବରୁ ପିଇଓରୁ ଜିପିଡିଓ ପଦୋନ୍ନତି ସୁଯୋଗ ମାତ୍ର ୨.୫ ପ୍ରତିଶତ ଥିବାବେଳେ ଏବେ ପେ-ଲେଭଲ-୭ରେ ୨୦୩୦ ଓ ପେ-ଲେଭଲ୍-୯ରେ ୧୨୬୪ଟି ପଦବୀ ସହ ମୋଟ ୩୨୯୪ଟି ପଦବୀରେ ପଦୋନ୍ନତି ସୁଯୋଗ ସୃଷ୍ଟି ହୋଇଛି ଓ ପିଇଓ ପଦବୀର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକକୁ ବୃଦ୍ଧି କରାଯାଇଛି।

ରାଜ୍ୟର ଭିତିଭୂମି ଓ ଶକ୍ତି ସୁରକ୍ଷା କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲାର ରାଣୀବାହାଲଠାରେ ଓଏଚପିସି ମାଧ୍ୟମରେ ନିର୍ମିତ ହେବାକୁ ଥିବା ୬୦୦ ମେଗାୱାଟ ବିଶିଷ୍ଟ 'ଉପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ'ର ଆର୍ଥିକ ଢାଞ୍ଚାକୁ ଅନୁମୋଦନ ମିଳିଛି। ମୋଟ ୪୭୦୮.୬୪ କୋଟି ଟଙ୍କାର ଏହି ମେଗା ପ୍ରକଳ୍ପ ପାଇଁ ମେସର୍ସ ମେଘା ଇଞ୍ଜିନିୟରିଂ ଆଣ୍ଡ୍ ଇନଫ୍ରାଷ୍ଟ୍ରକ୍ଚର୍ସ ଲିମିଟେଡକୁ ୩୩୭୨.୮୮ କୋଟି ଟଙ୍କା (ଜିଏସଟି ବ୍ୟତୀତ) ମୂଲ୍ୟରେ ଇପିସି କଣ୍ଟ୍ରାକ୍ଟର ଭାବେ ଦାୟିତ୍ୱ ଦିଆଯାଇଛି, ଯାହା ୨୦୩୦-୩୧ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ଗ୍ରୀଡ୍ ସ୍ଥିରତା ଓ ଶକ୍ତି ସଂରକ୍ଷଣରେ ବଡ଼ ଭୂମିକା ନେବ।

ଜଳସମ୍ପଦ କ୍ଷେତ୍ରରେ ବଡ଼ ନିଷ୍ପତ୍ତି ନେଇ ନୂଆପଡ଼ା ଜିଲ୍ଲାର ପାର୍ବତୀ ଗିରି ମେଗା ଲିଫ୍ଟ ଯୋଜନା (କ୍ଲଷ୍ଟର-୨୮) ଅନ୍ତର୍ଗତ ୭ଟି ପ୍ରକଳ୍ପ ପାଇଁ ୨୮୯.୬୮ କୋଟି ଟଙ୍କାର ଟେଣ୍ଡର ମଞ୍ଜୁର ହୋଇଛି, ଯାହାକି ୩ଟି ବ୍ଲକର ୫୯ଟି ଗ୍ରାମର ୮୮୦୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇବ। ସେହିପରି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକର ପଥର୍ଲାଠାରେ ତେଲ୍ ନଦୀର ଉପନଦୀ ଉପରେ ଅନ୍ତଃନଦୀ ଜଳାଶୟ ନିର୍ମାଣ ପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ଟେଣ୍ଡର ଅନୁମୋଦନ ମିଳିଛି।

ନଗର ଉନ୍ନୟନ ବିଭାଗ ଅଧୀନରେ ୧୯ ଜଣ ସହକାରୀ ସହର ଯୋଜନା ଅଧିକାରୀଙ୍କ ନିଯୁକ୍ତି ନିମନ୍ତେ ବୟସ ସୀମା ୨୧-୪୨ ବର୍ଷ ଧାର୍ଯ୍ୟ ସହ ନିୟମାବଳୀ ସଂଶୋଧନ ହୋଇଛି।

ଆଇନ ବିଭାଗ ଅଧୀନରେ ପ୍ରଶିକ୍ଷଣରତ ବିଚାର ବିଭାଗୀୟ ଅଧିକାରୀଙ୍କ ପାଇଁ ଏକ ବର୍ଷ ପ୍ରତିଷ୍ଠାନଗତ ତାଲିମ ପରେ ଆଉ ଏକ ବର୍ଷ ଆଇନ ସହାୟକ କାର୍ଯ୍ୟ ଲାଗି ୨୦୦୭ ନିୟମାବଳୀ ସଂଶୋଧନକୁ ମଧ୍ୟ କ୍ୟାବିନେଟ୍ ଗ୍ରହଣ କରିଛନ୍ତି।

ଦିଲ୍ଲୀ ଅକ୍ଷରଧାମରେ ହଜାର ହଜାର ଦୀପ ପ୍ରଜ୍ୱଳନ ସହ 'ଦୀପୋତ୍ସବ' ପାଳିତ



ନୂଆଦିଲ୍ଲୀ :

ରବିବାର ଦିନ ଦିଲ୍ଲୀସ୍ଥିତ ଅକ୍ଷରଧାମ ମନ୍ଦିରରେ ଦୀପାବଳି ପର୍ବ ଅତ୍ୟନ୍ତ ଭକ୍ତି, ପ୍ରେମ, ପବିତ୍ରତା ଏବଂ ଭବ୍ୟତାର ସହ ପାଳିତ ହୋଇଯାଇଛି। ଏହି ଉତ୍ସବର ଶୁଭାରମ୍ଭ ଶନିବାର ସନ୍ଧ୍ୟାରେ ହୋଇଥିଲା, ଯେଉଁଠାରେ ସନ୍ଧ୍ୟା ୫:୩୦ ରୁ ୭:୦୦ ମଧ୍ୟରେ ଶ୍ରୀହନୁମାନଜୀଙ୍କ ପୂଜନ ଅନୁଷ୍ଠିତ ହୋଇଥିଲା। ବୈଦିକ ପରମ୍ପରା ଅନୁସାରେ ଭକ୍ତମାନେ ନିଜ ପରିବାର ସହ ଏକତ୍ରିତ ହୋଇ ଶକ୍ତି, ସାହସ ଏବଂ ଜୀବନର ନକାରାତ୍ମକତା ତଥା ବିପଦରୁ ରକ୍ଷା ପାଇବା ପାଇଁ ପ୍ରାର୍ଥନା କରିଥିଲେ। ପବିତ୍ର ମନ୍ତ୍ରୋଚ୍ଚାରଣରେ ପରିବେଶ ଗୁଞ୍ଜରିତ ହୋଇଉଠିଥିଲା, ଯାହା ସମସ୍ତଙ୍କ ମନରେ ଗଭୀର ଭକ୍ତିଭାବ ଏବଂ ଆନ୍ତରିକ ଶାନ୍ତି ସଞ୍ଚାର କରିଥିଲା। ରବିବାର ସକାଳେ ମନ୍ଦିରରେ ସକାଳ ୧୦:୦୦ରୁ ଦିନ ୧୨:୦୦ ପର୍ଯ୍ୟନ୍ତ 'ଲକ୍ଷ୍ମୀ-ଶାରଦା ପୂଜନ' ଏବଂ 'ବହି ପୂଜନ' ଅନୁଷ୍ଠିତ ହୋଇଥିଲା। ଭକ୍ତ, ବ୍ୟବସାୟୀ ଏବଂ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିମାନେ ନିଜର ହିସାବ ଖାତା ଓ ବହିଗୁଡ଼ିକୁ ଭଗବାନଙ୍କ ଚରଣରେ ଅର୍ପଣ କରି ପୂଜା କରିଥିଲେ। ଏହି ଉତ୍ସବ ଆମକୁମନେ ପକାଇ ଦିଏ ଯେ, ପ୍ରକୃତ ସମୃଦ୍ଧି ସଦାଚାର, ସ୍ୱଚ୍ଛତା ଏବଂ ନିଜର ଦୈନନ୍ଦିନ କାର୍ଯ୍ୟକୁ ଏକ ଉନ୍ନତ ଲକ୍ଷ୍ୟ ପାଇଁ ଉତ୍ସର୍ଗ କରିବା ମାଧ୍ୟମରେ ଆରମ୍ଭ ହୋଇଥାଏ। ଏହି ଅବସରରେ ମନ୍ଦିରର ମୁଖ୍ୟ ସ୍ୱାମୀ, ସାଧୁ ମୁନିବତ୍ସଳଦାସ ଉପସ୍ଥିତ ଭକ୍ତମାନଙ୍କୁ ଉଦ୍‌ବୋଧନ ଦେବା ସହ ଭଗବାନ ସ୍ୱାମୀନାରାୟଣଙ୍କ ମୂଳ ଶିକ୍ଷା ଏବଂ ମହନ୍ତ ସ୍ୱାମୀ ମହାରାଜଙ୍କ ପ୍ରେରଣାଦାୟକ ମାର୍ଗଦର୍ଶନ ଉପରେ ଆଧାତ୍ମିକ ଆଲୋକପାତ କରିଥିଲେ। ସେ କହିଲେ ଯେ, ମଙ୍ଗଳବାର ଅକ୍ଷରଧାମ ମନ୍ଦିରରେ ଗୋବର୍ଦ୍ଧନ ପୂଜା ପାଳନ ସହିତ ଭଗବାନଙ୍କ ସମ୍ମୁଖରେ ଏକ ବିଶାଳ 'ଅନ୍ନକୂଟ' ଭୋଗ ଅର୍ପଣ କରାଯିବ।

ଏଟିଏମ୍‌ରେ ସହାୟତା ନାଁରେ ଲୁଟୁଥିଲେ : ମଙ୍ଗଳାବାଗ ପୋଲିସ ହାତରେ ଦୁଇ ଅଭିଯୁକ୍ତ



କଟକ, ନ୍ୟୁଜ ବ୍ୟୁରୋ

ଲୋକଙ୍କ କଷ୍ଟ ଅର୍ଜିତ ଟଙ୍କା ଲୁଟି ସେଥିରେ ଚାଲିଥିଲା ବିଳାସପୂର୍ଣ୍ଣ ଜୀବନ। ସ୍ତ୍ରୀ ଓ ପରିବାରକୁ ଖୁସି କରିବା ପାଇଁ କିଣୁଥିଲେ ଦାମୀ ବ୍ରାଣ୍ଡର ପୋଷାକ, ଜୋତା ଓ ଘଣ୍ଟା। ଏଟିଏମ୍ କାଉଣ୍ଟରରେ ସାଧାରଣ ଲୋକଙ୍କୁ ସହାୟତା କରିବାର ବାହାନାରେ ଟଙ୍କା ଲୁଟୁଥିବା ଏକ ଗ୍ୟାଙ୍ଗର ପର୍ଦ୍ଦାଫାସ ପରେ ସାମ୍ନାକୁ ଆସିଛି ଅଭିଯୁକ୍ତଙ୍କ ଏହି ଚକିତକର ଜୀବନଶୈଳୀ। ଏହି ଘଟଣାରେ କଟକ ମଙ୍ଗଳାବାଗ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ବହୁ ନକଲି ଏଟିଏମ୍ କାର୍ଡ ଓ ଦାମୀ ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖୋର୍ଦ୍ଧା ଜିଲ୍ଲାର ମନୋଜ ପାଇକ ଓ ଯାଜପୁର ଜିଲ୍ଲାର ସମ୍ଭବ ଆଚାର୍ଯ୍ୟ। ପୋଲିସ ସୂଚନା ଅନୁସାରେ, ଉଭୟ ଜେଲ୍‌ରେ ଥିବା ସମୟରେ ପରସ୍ପର ସହ ପରିଚିତ ହୋଇଥିଲେ। ପରେ ଜେଲ୍‌ରୁ ବାହାରି ଏକାଠି ଏଟିଏମ୍ ଲୁଟ୍ ଗ୍ୟାଙ୍ଗ୍ ଗଠନ କରି ଅପରାଧ ଘଟାଇବା ଆରମ୍ଭ କରିଥିଲେ।ଏହି ଗ୍ୟାଙ୍ଗର କାର୍ଯ୍ୟଶୈଳୀ ମଧ୍ୟ ଥିଲା ଭିନ୍ନ। ଏଟିଏମ୍ କାଉଣ୍ଟରକୁ ଟଙ୍କା ଉଠାଇବାକୁ ଆସୁଥିବା ଲୋକଙ୍କୁ ସହାୟତା କରିବାର ଆଳ ଦେଖାଇ ସେମାନଙ୍କ ବିଶ୍ୱାସ ଜିତୁଥିଲେ। ଏହି ସୁଯୋଗରେ ଏଟିଏମ୍ କାର୍ଡ ବଦଳାଇବା ଓ ଅନ୍ୟ କୌଶଳରେ ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହୋଇଛି। ଯାଜପୁର, କଟକ ଓ ଭୁବନେଶ୍ୱରର ବିଭିନ୍ନ ଏଟିଏମ୍ କାଉଣ୍ଟରରେ ଏଭଳି ଉପାୟରେ ଅନେକ ଲୋକଙ୍କୁ ଟାର୍ଗେଟ୍ କରି ଲକ୍ଷାଧିକ ଟଙ୍କା ଲୁଟିଥିଲେ। ପୋଲିସକୁ ମଧ୍ୟ ଏହି ଗ୍ୟାଙ୍ଗ୍ ଟାର୍ଗେଟ୍ କରିଥିବା ଜଣାପଡ଼ିଛି। ତଦନ୍ତରୁ ଅଭିଯୁକ୍ତଙ୍କ ଅପରାଧିକ ପୃଷ୍ଠଭୂମି ସମ୍ପର୍କରେ ମଧ୍ୟ ତଥ୍ୟ ସାମ୍ନାକୁ ଆସିଛି। ସମ୍ଭବ ଆଚାର୍ଯ୍ୟଙ୍କ ନାମରେ ୫୨ଟି ମାମଲା ଥିବାବେଳେ ମନୋଜ ପାଇକଙ୍କ ନାମରେ ୩ଟି ମାମଲା ରହିଛି। ଉଭୟଙ୍କ ପୂର୍ବ ଅପରାଧିକ ରେକର୍ଡ ଓ ଅନ୍ୟ ଘଟଣାରେ ସେମାନଙ୍କ ସମ୍ପୃକ୍ତି ନେଇ ପୋଲିସ ଅଧିକ ଖୋଳତାଡ଼ ଜାରି ରଖିଛି। ଗିରଫ ଅଭିଯୁକ୍ତଙ୍କଠାରୁ ୧୮ରୁ ଅଧିକ ନକଲି ଏଟିଏମ୍ କାର୍ଡ, ଦୁଇଟି ମୋବାଇଲ୍ ଫୋନ୍ ସହ ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ହାତଘଣ୍ଟା, ଜୋତା ଓ ପୋଷାକ ଜବତ ହୋଇଛି। ଲୁଟ୍ ଟଙ୍କାରେ ନିଜର ବିଳାସପୂର୍ଣ୍ଣ ଜୀବନଶୈଳୀ ବଜାୟ ରଖିବା ସହ ସ୍ତ୍ରୀ ଓ ପରିବାରର ସଉକ ପୂରଣ କରିବା ପାଇଁ ଏହି ସାମଗ୍ରୀ କିଣୁଥିବା ଅଭିଯୋଗ ହୋଇଛି। ଘଟଣା ପରେ କଟକ ପୋଲିସ ପକ୍ଷରୁ ସାଧାରଣ ଲୋକଙ୍କୁ ଏଟିଏମ୍ ବ୍ୟବହାର ସମୟରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। କାହାରିକୁ ନିଜ ଏଟିଏମ୍ କାର୍ଡ କିମ୍ବା ପିନ୍ ନମ୍ବର ନଦେବା ସହ ଅଜଣା ବ୍ୟକ୍ତିଙ୍କ ସହାୟତା ନେବାବେଳେ ସାବଧାନ ରହିବାକୁ କଟକ ଡିସିପି ଋଷିକେଶ ଖିଲାରୀ ନିବେଦନ କରିଛନ୍ତି। ଏଟିଏମ୍ କାଉଣ୍ଟରରେ କୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ ନଜରକୁ ଆସିଲେ ସୁରକ୍ଷା କର୍ମଚାରୀ କିମ୍ବା ନିକଟସ୍ଥ ପୋଲିସର ସହାୟତା ନେବାକୁ ସେ ପରାମର୍ଶ ଦେଇଛନ୍ତି।

ପରୋପକାରୀ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଦେହାନ୍ତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



ବିଶିଷ୍ଟ ସମାଜସେବୀ ଶ୍ୟାମସୁନ୍ଦର ମହାପାତ୍ରଙ୍କର ଗତ ୩ ତାରିଖ ଦିନ ନିଜ ପୈତୃକ ଗ୍ରାମ ମର୍ଦ୍ଦରାଜପୁର ବାସଭବନରେ ୯୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଶ୍ୟାମସୁନ୍ଦର ଜଣେ ପରୋପକାରୀ, ମିଷ୍ଟ ଭାଷୀ ତଥା ମିତ୍ରପୁର ଶାସନ ନିବାସୀ ମର୍ଦ୍ଦରାଜ ପୁର ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଭାବରେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ଡାକ୍ତର ମୁକୁନ୍ଦ ମହାପାତ୍ର, କନିଷ୍ଠ ପୁତ୍ର ମାଧବ ମହାପାତ୍ର, ଜ୍ୟୋଷ୍ଠ କନ୍ୟା ମିନତୀ, ଜ୍ୟେଷ୍ଠ ଜ୍ୱାଇଁ ପ୍ରଣବ ପଣ୍ଡା ତଥା ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ବିୟୋଗରେ ମର୍ଦ୍ଦରାଜପୁର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

ଫ୍ରେଣ୍ଡସ୍ ଇଲେଭେନ୍ ପକ୍ଷରୁ ଚେତନା ଅନୁଷ୍ଠାନରେ ଦୀପାବଳି ଉତ୍ସବ ପାଳିତ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଫ୍ରେଣ୍ଡସ୍ ଇଲେଭେନ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ଚେତନା ମାନସିକ ଅନଗ୍ରସର ବିଦ୍ୟାଳୟ ପରିସରରେ ଦୀପାବଳି ଉତ୍ସବ-୨୦୨୬ ଆନନ୍ଦ, ଉତ୍ସାହ ଓ ଆତ୍ମୀୟତାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଚେତନା ଅନୁଷ୍ଠାନର ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଏଥିସହ ଜଳଖିଆ, ମିଷ୍ଟାନ୍ନ ଓ ଦୀପ ବଣ୍ଟନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆଲୋକର ପର୍ବକୁ ସମସ୍ତେ ମିଳିମିଶି ଉପଭୋଗ କରିଥିଲେ। ସମସ୍ତଙ୍କ ପାଇଁ ରାତ୍ରି ଭୋଜନର ଆୟୋଜନ କରାଯାଇଥିବା ବେଳେ ପରିବେଶ ଅନୁକୂଳ ବାଣ ଫୁଟାଇ ଦୀପାବଳି ଉତ୍ସବକୁ ଆହୁରି ଆନନ୍ଦମୟ କରାଯାଇଥିଲା। ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜରେ ସମାବେଶୀ ଭାବନା, ଭାଇଚାରା, ମାନବିକତା ଓ ସେବା ମନୋଭାବର ବାର୍ତ୍ତା ପ୍ରସାର କରିବା। ଏହି ଅବସରରେ ଚେତନା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିନୟ ଭୂଷଣ ମହାପାତ୍ର ଏବଂ ଉପାଧ୍ୟକ୍ଷ ଲଲାଟେନ୍ଦୁ କରଙ୍କୁ ଫ୍ରେଣ୍ଡସ୍ ଇଲେଭେନ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଉପଢୌକନ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ବିଶ୍ୱାଳ, ଝରି ସାହୁ, ସଂଗ୍ରାମ ସ୍ୱାଇଁ, ସାଗର ପଟ୍ଟନାୟକ, ଅଶ୍ୱିନୀ ବେହେରା, ମନୋରମା ବେହେରା ଓ ତୁଷାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଟ୍ରଷ୍ଟର ସମ୍ପାଦକ କାହ୍ନୁ ଚରଣ ବିଶ୍ୱାଳ, କାର୍ଯ୍ୟକାରୀ ସମ୍ପାଦକ ଅନୁପ କୁମାର ନାଏକ ଏବଂ ପରିଚାଳକ ଗଜାନନ ବିଶ୍ୱାଳ ତଥା ଚେତନା ଅନୁଷ୍ଠାନର ଆୟୁଷ୍ମାନ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଶେଷରେ ଟ୍ରଷ୍ଟ ପକ୍ଷରୁ ସମସ୍ତ ଅତିଥି, ସହଯୋଗୀ, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସେମାନଙ୍କର ସହଯୋଗ ଓ ଉପସ୍ଥିତି ପାଇଁ ଆନ୍ତରିକ କୃତଜ୍ଞତା ଜଣାଯାଇଥିଲା।

କଟକରେ କଟକଣାକୁ ଫୁଁ' ! ରାତି ୧୨ଟା ଯାଏଁ ଫୁଟିଲା ବାଣ

କଟକ, ନ୍ୟୁଜ ବ୍ୟୁରୋ

ଦୀପାବଳିର ଆଲୋକ ଓ ଉତ୍ସବ ମଧ୍ୟରେ କଟକ ସହରରେ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ବାଣ ଫୁଟାଯାଇଥିବା ଅଭିଯୋଗ ସହରବାସୀଙ୍କ ଚିନ୍ତା ବଢ଼ାଇଛି। ପ୍ରଶାସନ ପକ୍ଷରୁ ବାଣ ଫୁଟାଇବା ପାଇଁ ସମୟସୀମା ଧାର୍ଯ୍ୟ ହୋଇଥିଲେ ମଧ୍ୟ ଅନେକ ଲୋକ ଏହାକୁ ମାନିନଥିବା ଦେଖିବାକୁ ମିଳିଛି। ରାତି ୯ଟାରେ ବାଣ ଫୁଟାଇବାର ଅନୁମତି ଶେଷ ହୋଇଥିଲେ ମଧ୍ୟ ରାତି ପ୍ରାୟ ୧୨ଟା ପର୍ଯ୍ୟନ୍ତ ସହରର ବିଭିନ୍ନ ଅଞ୍ଚଳରେ ବାଣ ଫୁଟିବାର ଶବ୍ଦ ଶୁଣିବାକୁ ମିଳିଥିବା ଅଭିଯୋଗ ହୋଇଛି। ନିୟମ ଅନୁଯାୟୀ, ଦୀପାବଳି ଦିନ ସନ୍ଧ୍ୟା ୭ଟାରୁ ରାତି ୯ଟା ମଧ୍ୟରେ କେବଳ ସବୁଜ ବାଣ ଫୁଟାଇବାକୁ ଅନୁମତି ରହିଥିଲା। ଅର୍ଥାତ୍ ମାତ୍ର ଦୁଇ ଘଣ୍ଟା ପାଇଁ ବାଣ ଫୁଟାଇବାର ଅନୁମତି ଦିଆଯାଇଥିଲା। କିନ୍ତୁ ଏହି କଟକଣାକୁ ଅଣଦେଖା କରି ଅନେକ ସ୍ଥାନରେ ନିର୍ଦ୍ଧାରିତ ସମୟ ପରେ ମଧ୍ୟ ବାଣ ଫୁଟାଯାଇଥିଲା। ଫଳରେ ବାଣରୁ ନିର୍ଗତ ଧୂଆଁ ଓ ସୂକ୍ଷ୍ମ ଧୂଳିକଣା ପରିବେଶକୁ ପ୍ରଭାବିତ କରିବା ସହ ବାୟୁ ପ୍ରଦୂଷଣ ନେଇ ଚିନ୍ତା ବଢ଼ାଇଛି। ରାତିସାରା ବାଣ ଫୁଟିବା ଯୋଗୁଁ ସହରର ବାୟୁମଣ୍ଡଳରେ ଧୂଆଁର ଆସ୍ତରଣ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ କଟକ କମିଶନରେଟ୍ ପୋଲିସର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଦୀପାବଳି ପୂର୍ବରୁ ନିୟମ ପାଳନ ନେଇ ସଚେତନତା ଓ ନଜରଦାରୀର ପ୍ରତିଶ୍ରୁତି ଦିଆଯାଇଥିଲା। ଏପରିକି ସୁରକ୍ଷା ବ୍ୟବସ୍ଥା ପାଇଁ ପୋଲିସ ଫୋର୍ସ ଓ ପିସିଆର୍ ଗାଡ଼ି ନିୟୋଜନର ବ୍ୟବସ୍ଥା ହୋଇଥିଲା। ତଥାପି ନିର୍ଦ୍ଧାରିତ ସମୟ ପରେ ସହରର ବିଭିନ୍ନ ଅଞ୍ଚଳରେ ବାଣ ଫୁଟାଇବା କିପରି ଜାରି ରହିଲା, ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ରାତି ୯ଟା ପରେ ବାଣ ଫୁଟାଉଥିବା ଲୋକଙ୍କୁ ଅଟକାଇବା ପାଇଁ ପୋଲିସ ପକ୍ଷରୁ କେଉଁ ପଦକ୍ଷେପ ନିଆଯାଇଥିଲା? ସହରର ପ୍ରତ୍ୟେକ ଥାନା ଅଞ୍ଚଳରେ ନିୟମ ଉଲ୍ଲଂଘନ ରୋକିବା ପାଇଁ କେତେ ମାତ୍ରାରେ ପାଟ୍ରୋଲିଂ ହୋଇଥିଲା? ନିୟମ ଭାଙ୍ଗିଥିବା ଲୋକଙ୍କ ବିରୋଧରେ କେତୋଟି ମାମଲା ରୁଜୁ ହୋଇଛି? କେତେ ଜଣଙ୍କୁ ଜରିମାନା କରାଯାଇଛି? ଏହାର ସଠିକ୍ ତଥ୍ୟ କମିଶନରେଟ୍ ପୋଲିସ ସାର୍ବଜନୀନ କରିବ କି? ପ୍ରତିବର୍ଷ ଦୀପାବଳି ପୂର୍ବରୁ ପ୍ରଦୂଷଣ ରୋକିବା ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ କଟକଣା ଜାରି ହେଉଛି। କିନ୍ତୁ ନିୟମ କେବଳ କାଗଜପତ୍ର ଓ ଘୋଷଣାରେ ସୀମିତ ରହିଗଲେ ଏହାର ଉଦ୍ଦେଶ୍ୟ କ'ଣ? ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଏଭଳି ଘଟଣାକୁ କିଏ ରୋକିବ? ଉତ୍ସବ ପାଳନର ଆନନ୍ଦ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ଓ ପରିବେଶର ମୂଲ୍ୟରେ ହେବା ଉଚିତ କି? ଏବେ କଟକବାସୀଙ୍କ ମନରେ ଏଭଳି ଅନେକ ପ୍ରଶ୍ନ ଉଠିଥିବା ବେଳେ କମିଶନରେଟ୍ ପୋଲିସର ପ୍ରତିକ୍ରିୟା ଓ ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା କରାଯାଉଛି।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 36-KUR-TRD-OT-2026-27

କାର୍ଯ୍ୟର ନାମ : ନିର୍ଦ୍ଧାରିତ ଜୀବନକାଳ (Codal Life) ପୂରଣ କରିଥିବା ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳରେ ଟ୍ରାକ୍ସନ ସବ୍-ଷ୍ଟେସନ(TSSs)ଗୁଡ଼ିକରେ (ମେରାମଣ୍ଡଳୀ / TSS ଏବଂ ଯୋରନ୍ଦା ରୋଡ଼ / TSSକୁ ଛାଡ଼ିକରି ଜଗନ୍ନାଥପୁର / TSS, ରମ୍ଭା / TSS, ସୋଲରୀ / TSS, କାଇପଦର ରୋଡ଼ / TSS, କେନ୍ଦ୍ରାପଡ଼ା ରୋଡ଼ / TSS, ଯଖପୁରା / TSS ଏବଂ ଭଦ୍ରକ / TSS ଠାରେ) (ବରୁଭା / TSS ବ୍ୟତୀତ)ଗୁଡ଼ିକରେ ଆର୍ଥିଙ୍ଗ ଗ୍ରୀଡ (Earthing Grid)ଗୁଡ଼ିକର ପୁନଃସ୍ଥାପନ।

ବିଜ୍ଞାପିତ ମୂଲ୍ୟ : ₹ 1,88,03,370.00, **EMD:** ₹ 3,76,100/-, ଶେଷ ହେବା ଅବଧି : 365 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.11.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.11.2026ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-546/R/26-27


ଉତ୍କଳ ଦୀପିକା

ଭୁବନେଶ୍ୱର, ୧୦ ନଭେମ୍ବର, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ସହିଦନଗର




ଭି.ଏସ୍ଏସ୍ ନଗର



ପୁରୁଣା ଷ୍ଟେସନ ବଜାର



ଭୌମ୍ୟନଗର ଉନ୍ନୟନ ପରିଷଦ



ରେଲୱେ କଲୋନୀ



କଟକ ରୋଡ୍ ଲକ୍ଷ୍ମୀସାଗର ଛକ



ଝାରପଡା ବଙ୍ଗାଳୀ ସାହି

ଭୁବନେଶ୍ୱର : ରାଜଧାନୀର ବିଭିନ୍ନ ସ୍ଥାନରେ ନିର୍ମିତ ମଣ୍ଡପରେ ପୂଜା ପାଉଛନ୍ତି ମା' ମହାକାଳୀ। (ଫଟୋ : ସମ୍ବାଦ କଳିକା)

ଦୀପାବଳିରେ ଲୋକଙ୍କ ଦୁଃଖ ଶୁଣିଲେ ମୁଖ୍ୟମନ୍ତ୍ରୀ

ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

କେନ୍ଦୁଝର,୦୯/୧୧
ନ୍ୟୁଜ ବ୍ୟୁରୋ

ଦୀପାବଳିରେ ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିଜ ଜନ୍ମମାଟି କେନ୍ଦୁଝର ଗସ୍ତ ସମୟରେ ଜନଶୁଣାଣି କରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିଛନ୍ତି । ସର୍କିଟ ହାଉସରେ



ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେମାନଙ୍କର ଗୁହାରି ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ଲୋକଙ୍କ ସମସ୍ୟାକୁ ବୁଝିବା ସହିତ ଶୀଘ୍ର ସମାଧାନର ପ୍ରତିଶ୍ରୁତି ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଲୋକମାନଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ସହ ସେଗୁଡ଼ିକର ତୁରନ୍ତ ଏବଂ ସମୟୋଚିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜଳସେଚନ ପରି ବିଭିନ୍ନ କ୍ଷେତ୍ରରେ ଅନେକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ ମଧ୍ୟ କରିଛନ୍ତି।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୯/୧୧/୨୦୨୬
୩,୯୧୯୦୪/-ଟଙ୍କା
ସୁନା:- ୦୬ ଗ୍ରାମ୍ ୪୪୦ମିଲିଗ୍ରାମ
ରୂପା:- ୩୬ ଗ୍ରାମ୍ ୭୮୦ମିଲିଗ୍ରାମ



ଭୁବନେଶ୍ୱର : ଜୟଦେବ ଭବନ ପରିସରରେ ମୋକ୍ଷ ଅନୁଷ୍ଠାନ ପକ୍ଷରୁ ଦ୍ୱାଦଶତମ ଓଡ଼ିଶୀ ନୃତ୍ୟୋତ୍ସବ 'ଅଭିଳାଷ'। ଏହି ନୃତ୍ୟୋତ୍ସବରେ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି। (ଫଟୋ : ସମ୍ବାଦ କଳିକା)

କାର୍ତ୍ତିକ ଦ୍ୱିତୀୟ ସୋମବାରରେ ଚଳଚଞ୍ଚଳ ଧବଳେଶ୍ୱର ପୀଠ

ବଡ଼ସିଂହାର ବେଶରେ ଦର୍ଶନ ଦେଲେ ବାବା

ଆଠଗଡ଼, ୦୯/୧୧
ନ୍ୟୁଜ ବ୍ୟୁରୋ

କାର୍ତ୍ତିକ ମାସର ଦ୍ୱିତୀୟ ସୋମବାରରେ ଚଳଚଞ୍ଚଳ ହୋଇଉଠିଛି ଆଠଗଡ଼ର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ମନ୍ଦିର। ଭୋରରୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ସୋମବାର ବଡ଼ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମହାଦେବ। ଏହି ପବିତ୍ର



ଅବସରରେ ଅନେକ ଶ୍ରଦ୍ଧାଳୁ ଓ ବ୍ରତଧାରୀ ଧବଳେଶ୍ୱର ପୀଠରେ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ସୂଚନା ଅନୁଯାୟୀ, ପୂଜକ ସମିତି ପକ୍ଷରୁ ଭୋର ୪ଟାରୁ ମନ୍ଦିରର ପହଡ଼ ଖୋଲାଯାଇଥିଲା। ଏହାପରେ ବାବାଙ୍କୁ ୧୦୮ ସୁବାସିତ ଜଳରେ ସ୍ନାନ କରାଯାଇଥିଲା । ପରେ ମଙ୍ଗଳ ଆଳତି, ମଇଲମ୍, ବାଲଭୋଗ ସମେତ ସମସ୍ତ ନୀତିକାନ୍ତି ଯଥାବିଧି ସମ୍ପନ୍ନ ହୋଇଥିଲା। କାର୍ତ୍ତିକ ମାସର ଏହି ପବିତ୍ର ସୋମବାରରେ ବାବା ଧବଳେଶ୍ୱରଙ୍କ ଦର୍ଶନ ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି । ବାବାଙ୍କ ମନୋରମ ବଡ଼ସିଂହାର ବେଶ ଦର୍ଶନ କରି ଭକ୍ତି ଓ ଆଧ୍ୟାତ୍ମିକ ଭାବନାରେ ଭାବବିହ୍ୱଳ ହୋଇପଡ଼ୁଛନ୍ତି ଭକ୍ତମାନେ। ଅନ୍ୟପକ୍ଷରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ମନ୍ଦିରର ନୀତିକାନ୍ତି ସୁଚାରୁରୂପେ ସମ୍ପାଦନ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି । କାର୍ତ୍ତିକ ସୋମବାରରେ ବାବା ଧବଳେଶ୍ୱରଙ୍କ ଦର୍ଶନ କରି ଧନ୍ୟ ହେଉଛନ୍ତି ଶ୍ରଦ୍ଧାଳୁ ।

ଶ୍ରୀମନ୍ଦିର ବାହାରେ ଖୁଲମଖୁଲା ମହାପ୍ରସାଦ ବିକ୍ରି : ଭକ୍ତଙ୍କ ଅସନ୍ତୋଷ, ପ୍ରଶାସନ ଚୁପ୍



ପୁରୀ, ୦୯/୧୧ ନ୍ୟୁଜ ବ୍ୟୁରୋ

ମହାପ୍ରଭୁଙ୍କ ମହାପ୍ରସାଦ ବିକ୍ରିକୁ ନେଇ ଉଠିଲା ବଡ଼ ପ୍ରଶ୍ନ । ବଡ଼ଦେଉଳ ଭିତରେ ରହିଛି ଆନନ୍ଦ ବଜାର, ହେଲେ ଏବେ ମନ୍ଦିର ବାହାରେ ମଧ୍ୟ ଚାଲିଛି ଅବଢ଼ା ବେପାର। ଶ୍ରୀମନ୍ଦିରର ଉତ୍ତର ଦ୍ୱାର ନିକଟରେ ଖଳିପତ୍ରରେ ମହାପ୍ରସାଦ ବିକ୍ରି କରୁଛନ୍ତି କିଛି ବ୍ୟକ୍ତି । ଏହି ଦୃଶ୍ୟ ସାମ୍ନାକୁ ଆସିବା ପରେ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଆସ୍ଥା ଓ ବିଶ୍ୱାସ ସହ ଜଡ଼ିତ ମହାପ୍ରଭୁଙ୍କ ମହାପ୍ରସାଦ। ଏହାକୁ ଭକ୍ତମାନେ ଅମୃତ ସମାନ ମନେ କରନ୍ତି । ଶ୍ରୀମନ୍ଦିର ଭିତରେ ଆନନ୍ଦ ବଜାରରେ ସୁଆର ମହାସୁଆର ନିଯୋଗର ବ୍ୟବସ୍ଥା ଅନୁଯାୟୀ ମହାପ୍ରସାଦ ଉପଲବ୍ଧ ହୋଇଥାଏ । କିନ୍ତୁ ମନ୍ଦିର ବାହାରେ ଏଭଳି ଖୋଲାଖୋଲି ବିକ୍ରିକୁ ନେଇ ଏବେ ସୃଷ୍ଟି ହୋଇଛି ବିବାଦ । ପ୍ରଶ୍ନ ଉଠୁଛି, ମନ୍ଦିର ବାହାରେ ମହାପ୍ରସାଦ ବିକ୍ରି ପାଇଁ ଅନୁମତି ଦେଲା କିଏ? ଶ୍ରୀମନ୍ଦିର ପ୍ରଶାସନ କିମ୍ବା ସୁଆର ମହାସୁଆର ନିଯୋଗ ପକ୍ଷରୁ ବାହାରେ ଏଭଳି ବିକ୍ରି ପାଇଁ କୌଣସି ବ୍ୟବସ୍ଥା ନଥିବା କୁହାଯାଉଥିବା ବେଳେ କେଉଁ ଆଧାରରେ ଏହି ବ୍ୟବସାୟ ଚାଲିଛି, ତାହା ସ୍ପଷ୍ଟ ହୋଇନାହିଁ । ଅନ୍ୟପକ୍ଷରେ, କିଛି ଭକ୍ତ ଅଧିକ ଦାମ୍ ଦେଇ ମହାପ୍ରସାଦ କିଣୁଥିବା ସହ ଠକାମୀର ଶିକାର ହେଉଥିବା ଅଭିଯୋଗ କରିଛନ୍ତି । ଏହାକୁ ନେଇ ଜଗନ୍ନାଥପ୍ରେମୀମାନେ ଶ୍ରୀମନ୍ଦିର ପ୍ରଶାସନର ନିରବତା ଉପରେ ପ୍ରଶ୍ନ ଉଠାଇଛନ୍ତି। ତେଣୁ ଏହି ଘଟଣାର ତୁରନ୍ତ ଯାଞ୍ଚ କରିବା ସହ ଉତ୍ତର ଦ୍ୱାର ସମେତ ସମସ୍ତ ଦ୍ୱାର ନିକଟରେ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ହୋଇଛି। ଆନନ୍ଦ ବଜାର ବ୍ୟତୀତ ଅନ୍ୟ ସ୍ଥାନରେ ଯଦି ବେଆଇନ ଭାବେ ମହାପ୍ରସାଦ ବିକ୍ରି ହେଉଛି, ତେବେ ତାହା ବନ୍ଦ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ କଡ଼ା ପଦକ୍ଷେପ ନେଉ ବୋଲି ଦାବି କରିଛନ୍ତି ଜଗନ୍ନାଥପ୍ରେମୀ।

ରେଳ ଧାରଣାରୁ ଆଇଟିଆଇ ଛାତ୍ରଙ୍କ ମୃତଦେହ ଉଦ୍ଧାର

କଟକ, ୦୯/୧୧ ନ୍ୟୁଜ ବ୍ୟୁରୋ

କଟକ ସହରର ଖାନନଗର ଅଞ୍ଚଳରେ ରେଳ ଧାରଣା ଉପରୁ ଜଣେ ଆଇଟିଆଇ ଛାତ୍ରଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୋମବାର ସକାଳେ ରେଳ ଧାରଣା ଉପରେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ମୃତକ ଜଣକ ଯାଜପୁର ଜିଲ୍ଲା ବଡ଼ଚଣା ତହସିଲ ଅନ୍ତର୍ଗତ ଗଜେନ୍ଦ୍ରପୁର ଗ୍ରାମର ଦେବେନ୍ଦ୍ର ଜେନା ବୋଲି ଜଣାପଡ଼ିଛି। ସେ ଆଇଟିଆଇର ପ୍ରଥମ ବର୍ଷର ଛାତ୍ର ଥିଲେ। ସୂଚନା ପାଇ ମଧୁପାଟଣା ଥାନା ପୁଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ନିକଟରୁ ମିଳିଥିବା ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଆଧାରରେ ପୁଲିସ ମୃତକଙ୍କ ପରିଚୟ ଜାଣିବାକୁ ସକ୍ଷମ ହୋଇଥିଲା। ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପରିବାର ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି।ପରିବାର ଲୋକଙ୍କ କହିବା ଅନୁଯାୟୀ, ଦେବେନ୍ଦ୍ର ସୋମବାର ସକାଳେ କଟକରେ କିଛି କାମ ଥିବା କହି ଘରୁ ବାହାରିଥିଲେ। ହେଲେ ପରେ ଖାନନଗର ରେଳ ଧାରଣା ଉପରୁ ତାଙ୍କ ମୃତଦେହ ମିଳିଛି।

ଗଳ୍ପ ପତ୍ରିକା 'କଥା କଳିକା'ର ନଭେମ୍ବର ସଂଖ୍ୟା-୨୦୨୬

ଏବେ ବଜାରରେ ଉପଲବ୍ଧ ...



ଏଥର ସଂଖ୍ୟାରେ...

ସ୍ମରଣୀୟ କଥା : ଅକ୍ଷୟ କୁମାର ମିଶ୍ର
ସମକାଳର କଥା : ରବି ରାଉତ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶୈଳେନ୍ଦ୍ର କୁମାର ଜେନା, ବିଜୟଲକ୍ଷ୍ମୀ ପଟ୍ଟନାୟକ, ରୀନାରାଣୀ ରାଉତ ରାୟ, ପୀତାମ୍ବର ମହାପାତ୍ର, ଅଶୋକ ବିଶ୍ୱାଳ, ଅମ୍ବିକା ସ୍ୱାଇଁ, ମନୋଜ ଜେନା, ଅରବିନ୍ଦ ଦାସ, ଭାନୁମତୀ ସାହୁ ଓ ମୃଣାଳ।
ଅନ୍ୟଭାଷାର କଥା : ଲିଙ୍ଗରାଜ ମହାନ୍ତି
କଥାକାରଙ୍କ ସହ ଭେଟ ଘାଟ: ଗାଳ୍ପିକ ଅରବିନ୍ଦ ରାୟ
ନୂଆ ଗପ ବହି ସମୀକ୍ଷା: ମହାଶ୍ୱେତା ସାହୁଙ୍କ ଈଶ୍ୱର ମରିଗଲାପରେ
ଯୁବମାନସର କଥା : ରଜତରଶ୍ମୀ ସ୍ୱାଇଁ, ଜ୍ୟୋତ୍ସ୍ନା ସାମନ୍ତ ରାୟ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

ପୁଣି ମାଲକାନଗିରିରେ ଦାଦନ ଦୁଃଖ : ମୃତଦେହ ଫେରେଇ ଆଣିବାକୁ ଅନୁରୋଧ

ମାଲକାନଗିରି,୦୯ /୧୧
ନ୍ୟୁଜ ବ୍ୟୁରୋ

ପୁଣି ଦାଦନ ଦୁଃଖ । ଚାଲିଗଲା ପରିବାରର ରୋଜଗାରିଆ ପୁଅ । ମୃତଦେହ ଫେରାଇ ଆଣିବାକୁ ପରିବାରର ପକ୍ଷରୁ ଆକୁଳ ନିବେଦନ କରାଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ପୌର ପରିଷଦର ୩ ନମ୍ବର ୱାର୍ଡରେ । ମୃତକ ହେଲେ ଲିଙ୍ଗରାଜ ସେଠୀ । ସୂଚନା ଅନୁସାରେ, ପରିବାରର ବୋଝ ମୁଣ୍ଡରେ ନେଇ ଟଙ୍କା ରୋଜଗାର କରିବା ଲାଗି ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ ଶ୍ରମିକ ଲିଙ୍ଗରାଜ । ହେଲେ କାର୍ଯ୍ୟ କ୍ଷେତ୍ରକୁ ଯିବା ସମୟରେ ଆସିଲା କାଳ । ସବୁଦିନ ପାଇଁ ଆଖି ବୁଜିଲେ ଦାଦନ ଶ୍ରମିକ । ତେବେ ଡ୍ୟୁଟିକୁ ଯିବା ସମୟରେ କମ୍ପାନୀ ଗାଡ଼ି ଦୁର୍ଘଟଣା ଗ୍ରସ୍ତ ହେବାରୁ ଲିଙ୍ଗରାଜଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ଚାରି ଜଣ ଗୁରୁତର ଆହତ ହୋଇଛନ୍ତି । ଏହି ଖବର ପାଇବା ପରେ ଲିଙ୍ଗରାଜଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି । ଗରିବ ପରିବାର ହୋଇଥିବାରୁ ମୃତ ଶରୀର କେମିତି ଫେରିବ ଘରେ ଓ ପରିବାରକୁ କିପରି ସହାୟତା ମିଳିବ ସେନେଇ ସମସ୍ତେ ଚିନ୍ତାରେ ଥିବା ବେଳେ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ମୃତଦେହ ଫେରାଇ ଆଣିବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି ।

କେନାଲରୁ ବାଳକର ମୃତଦେହ ଉଦ୍ଧାର

କଟକ, ୦୯/୧୧
ନ୍ୟୁଜ ବ୍ୟୁରେ

ଘରୁ ରାତିରେ ନିଖୋଜ ହୋଇଯାଇଥିବା ଜଣେ ୧୨ ବର୍ଷୀୟ ବାଳକର ମୃତଦେହ କେନାଲରୁ ଉଦ୍ଧାର ହେବା ପରେ ଚୌଦ୍ୱାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋମବାର ସକାଳେ ଦେଉଳଟୁଆ ମୁଣ୍ଡାସାହି ନିକଟସ୍ଥ ହାଇଲେଭଲ୍ କେନାଲରୁ ବାଳକର ମୃତଦେହ ମିଳିଛି। ମୃତକ ହେଲେ କୁନା ହେମ୍ବ୍ରମ। ସେ କାହ୍ନୁ ହେମ୍ବ୍ରମଙ୍କ ପୁଅ ବୋଲି ଜଣାପଡ଼ିଛି।



ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ଓଡ଼ିଶାରେ ରହିବେ ଓରାଙ୍ଗଉଟାନ୍ : ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, ୯/୧୧
ନ୍ୟୁଜ ବ୍ୟୁରୋ

ଓଡ଼ିଶାରେ ଥିବା ଓରାଙ୍ଗଉଟାନ୍‌ଙ୍କୁ ନେଇ ବଡ଼ ବୟାନ ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ। ମନ୍ତ୍ରୀ କହିଛନ୍ତି, ଓରାଙ୍ଗଉଟାନ୍‌ମାନେ ସୁସ୍ଥ ଅଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି । ସେମାନେ ଓଡ଼ିଶାରେ ହିଁ ରହନ୍ତୁ ବୋଲି ରାଜ୍ୟ ସରକାର ଚାହୁଁଛନ୍ତି କହିଲେ ମନ୍ତ୍ରୀ । ଏନେଇ ଜଙ୍ଗଲ ମନ୍ତ୍ରୀ କହିଛନ୍ତି ଯେ, ଏଯାଏଁ ଅନ୍ତର୍ଜାତୀୟ ସ୍ତରରେ କୌଣସି ଦେଶ ଓରାଙ୍ଗଉଟାନ୍‌ଙ୍କ ଉପରେ ନିଜର ଦାବି ଜଣାଇନାହାନ୍ତି। ଇଣ୍ଡୋନେସିଆରୁ ଆସିବାକୁ ଥିବା ବିଶେଷଜ୍ଞ ଦଳ ସେମାନଙ୍କ ସ୍ଥିତି ଅନୁଧ୍ୟାନ କରିବା ସହ ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଦିଗ ଯାଞ୍ଚ କରିବେ । ତେବେ ଏହି ପ୍ରକ୍ରିୟାରେ ଭାରତ ସରକାର ବିଶେଷଜ୍ଞ ଦଳଠାରୁ ଆବଶ୍ୟକ ପ୍ରମାଣ ମାଗିବେ । ସମସ୍ତ ଆଇନଗତ ଓ ଅନ୍ତର୍ଜାତୀୟ ନିୟମକୁ ଆଧାର କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ । ଓରାଙ୍ଗଉଟାନ୍‌ଙ୍କ ଭବିଷ୍ୟତକୁ ନେଇ



ଏବେ ଉତ୍ସୁକତା ବଢ଼ିଥିବା ବେଳେ ସେମାନଙ୍କୁ ଓଡ଼ିଶାରେ ରଖିବାକୁ ରାଜ୍ୟ ସରକାରଙ୍କ ଇଚ୍ଛା ବୋଲି ମନ୍ତ୍ରୀଙ୍କ ବୟାନରୁ ସ୍ପଷ୍ଟ ହୋଇଛି । ଏପଟେ କିଛି ଦିନ ପୂର୍ବରୁ ନନ୍ଦନକାନନରେ ଥିବା ୫ଟି ଓରାଙ୍ଗଉଟାନ୍‌ଙ୍କୁ ଇଣ୍ଡୋନେସିଆ ଫେରାଇ ନେବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ଇଣ୍ଡୋନେସିଆର ଜଙ୍ଗଲ ମନ୍ତ୍ରଣାଳୟର ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ଏକ ଟିମ୍ ନଭେମ୍ବର ୨୦୨୬ରେ ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି ।

ଭାରତରେ ଉଦ୍ଧାର ହୋଇଥିବା ଏକ ସୁମାତ୍ରାନ୍ ପ୍ରଜାତିର ଛୁଆ ଓରାଙ୍ଗଉଟାନ୍‌ଙ୍କୁ ଅକ୍ଟୋବର ୧୯ରେ ଇଣ୍ଡୋନେସିଆ ଫେରାଇ ନିଆଯାଇଛି। ୨୦୨୪ ନଭେମ୍ବରରେ ଭାରତରେ ଉଦ୍ଧାର ହୋଇଥିବା ଏହି ଓରାଙ୍ଗଉଟାନ୍‌କୁ ଗୁଜରାଟରୁ ଇଣ୍ଡୋନେସିଆ ପଠାଯାଇଛି । ଉଭୟ ଦେଶର ବନ୍ୟପ୍ରାଣୀ ସୁରକ୍ଷା ସଂସ୍ଥା ଏବଂ ସିଆଇଟିଇଏସ୍ କର୍ତ୍ତୃପକ୍ଷଙ୍କ ସମନ୍ୱୟରେ ଏହି ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇଛି । ତେବେ ଏହି ସଫଳତା ପରେ ଓଡ଼ିଶାରେ ଥିବା ୫ଟି ଓରାଙ୍ଗଉଟାନ୍‌ଙ୍କୁ ମଧ୍ୟ ନିଜ ଦେଶକୁ ଫେରାଇ ନେବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ସେମାନଙ୍କ ପ୍ରଜାତି ଓ ଉତ୍ପତ୍ତି ସମ୍ପର୍କିତ ଯାଞ୍ଚ ସହ ଆବଶ୍ୟକ ଆଇନଗତ ପ୍ରକ୍ରିୟା ପୂରଣ ପରେ ପ୍ରତ୍ୟାବର୍ତ୍ତନ କରାଯିବ । ବର୍ତ୍ତମାନ ଏହି ୫ଟି ଓରାଙ୍ଗଉଟାନ୍ ଭୁବନେଶ୍ୱରର ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରହିଛନ୍ତି । ସେଠାରେ ସେମାନଙ୍କୁ ଆବଶ୍ୟକ ପ୍ରାଣୀ ଚିକିତ୍ସା ଓ ଯତ୍ନ ଯୋଗାଇ ଦିଆଯାଉଛି । ସୂଚନା ଅନୁଯାୟୀ, ବାଲେଶ୍ୱର ଭୋଗରାଇରୁ ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ଆସୁଛି । ସମସ୍ତଙ୍କ ସ୍ୱାସ୍ଥ୍ୟ ଏବେ ଭଲ ରହିଥିବା ବେଳେ ସେମାନଙ୍କ ଓଜନ ମଧ୍ୟ କ୍ରମାଗତ ଭାବେ ବଢ଼ୁଛି । ଏଥିସହ ଖାଦ୍ୟ ଗ୍ରହଣ ମଧ୍ୟ ସ୍ୱାଭାବିକ ହୋଇଛି । ସମସ୍ତ ଓରାଙ୍ଗଉଟାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଖାଦ୍ୟ ଗ୍ରହଣ ସ୍ୱାଭାବିକ ରହିବା ଏକ ଆଶ୍ୱସ୍ତିକର ଖବର । ଉଦ୍ଧାର ପରେ ସେମାନଙ୍କ ସ୍ୱାସ୍ଥ୍ୟରେ ଆସୁଥିବା ଏହି ଉନ୍ନତି ବନ୍ୟଜନ୍ତୁ ସୁରକ୍ଷା ଓ ଯତ୍ନ କ୍ଷେତ୍ରରେ ଏକ ସକାରାତ୍ମକ ସଙ୍କେତ ଦେଉଛି ।